


ଆଲ୍‌ଫାରେ
ହ୍ରିତିକଙ୍କ ଏଣ୍ଟ୍ରି
▶ପୃଷ୍ଠା ୧୧ ଦେଖନ୍ତୁ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-66 •SATURDAY •30 AUGUST 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୬୬ •ଶନିବାର •୩୦ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ସମ୍ପର୍କ ସୁଧାରିଛି 'ଗୁପ୍ତ ଚିଠି'

## 'ଟ୍ରମ୍ପ ଟାରିଫ୍' ନେଇ ରାଷ୍ଟ୍ରପତି ମୁର୍ମୁଙ୍କୁ ପତ୍ର ଲେଖି ଚିନ୍ତା ବ୍ୟକ୍ତ କରିଥିଲେ ଜିନ୍‌ପିଙ୍ଗ

**■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା। 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା। ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପାଇଁ ଚୀନ୍ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ



ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା। ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା। ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା। ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଥିଲା। ଏହାର କିଛି ମାସ ପରେ ଚୀନ୍ ଯିବା ପାଇଁ ମୋଦୀ ଯୋଜନା କରିଥିଲେ। ବ୍ଲୁମବର୍ଗ ରିପୋର୍ଟରେ ଏଭଳି ଦାବି କରାଯାଇଛି।

ଜଣେ ଭାରତୀୟ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ ଲେଖିଥିବା ଚିଠିକୁ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖକୁ ପଠା ଯାଇଥିଲା। ଚିଠିରେ କୁହାଯାଇଥିଲା ଯେ ଭାରତ ଏବଂ ଆମେରିକା ମଧ୍ୟରେ ହେବାକୁ ଥିବା କୌଣସି ବାଣିଜ୍ୟ ଚୁକ୍ତି ଚୀନ୍‌ର ସ୍ୱାର୍ଥ ପ୍ରତି ଆଞ୍ଚ ଆଣିପାରେ। ଏହା ସହିତ ସମ୍ବନ୍ଧ ସୁଧାରିବା ପାଇଁ ଜଣେ ପ୍ରାଦେଶିକ ଅଧିକାରୀ ନେତୃତ୍ୱରେ ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଜୁନ୍ ପର୍ଯ୍ୟନ୍ତ ଭାରତ ଏହି ଚିଠିର କୌଣସି ଜବାବ ଦେଇ ନ ଥିଲା। ପରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବିବାଦରେ ଫସି ଯାଇଥିଲା। ଆମେରିକାର ଦୁଇଟି ନିଷ୍ପତ୍ତି ଉପରେ ଭାରତ ବେଶୀ କ୍ଷୁବ୍ଧ ହୋଇଥିଲା। ପ୍ରଥମେ ଟ୍ରମ୍ପ ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଥିଲେ। କିନ୍ତୁ ଭାରତ ପକ୍ଷରୁ ଏହାକୁ ଖାରଜ କରିଦିଆଯାଇଥିଲା। ଭାରତର ସ୍ଥିତିକୁ ଦୁର୍ବଳ କରିବା ପାଇଁ ଟ୍ରମ୍ପ କରୁଥିବା ପ୍ରୟାସକୁ ନେଇ କେନ୍ଦ୍ର ସରକାର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଟ୍ରମ୍ପ ବିବାଦକୁ ଆହୁରି ବଢ଼ାଇ ଥିଲେ। ଏହି ଦୁଇ ନିଷ୍ପତ୍ତି ପାଇଁ ଭାରତ ବିକଳ୍ପ ପନ୍ଥା ଆପଣାଇ ଥିଲା। ଜୁନ୍‌ରେ ଚୀନ୍ ପକ୍ଷରୁ ଆରମ୍ଭ କରାଯାଇଥିବା ପଦକ୍ଷେପକୁ ଭାରତ ଗୁରୁତ୍ୱର ସହ ନେଇଥିଲା। ଏହାର ଜବାବ ଦେବା ଆରମ୍ଭ କରିଦେଇଥିଲା। ଏହା ପରେ ▶ପୃଷ୍ଠା-୭

## ଟାରିଫ୍ ଯୁଦ୍ଧରେ ଟଙ୍କା ଘାଇଲା

# ୧ ଡଲାର = ୮୮.୭୫ ଟଙ୍କା




**■ ନୂଆଦିଲ୍ଲୀ,୨୯।୮ (ଏଜେନ୍ସି):** ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତୀୟ ଟଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଶୁଳ୍କ ଯୁଦ୍ଧରେ ଭାରତୀୟ ମୁଦ୍ରା ଘାଇଲା ହୋଇଛି। ଫଳସ୍ୱରୂପ ଟଙ୍କା ଏହାର ପର୍ଯ୍ୟନ୍ତର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅଗଷ୍ଟ ୨୭ରୁ ଟ୍ରମ୍ପ ଶୁଳ୍କ ଲାଗୁ ହୋଇଛି। ଶୁକ୍ରବାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୭୦ ପଇସାରୁ ଅଧିକ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୮୮.୭୫ ର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଦର୍ଶାଉଛି ଯେ ଭାରତର ବାଣିଜ୍ୟ ଏବଂ ବିକାଶ ଉପରେ ଆମେରିକାର ଭାରୀ ଶୁଳ୍କର ପ୍ରଭାବକୁ ନେଇ ନିବେଶକମାନେ ବେଶ ଚିନ୍ତିତ। ସୂଚନାଯୋଗ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଚଳିତ ବର୍ଷ ୩% ହ୍ରାସ ଘଟିଛି। ଏଥିସହ ଟଙ୍କା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଉପରେ ଆମେରିକାର ବାଣିଜ୍ୟ ଶୁଳ୍କ ଯୋଗୁଁ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଘଟିଛି। ଚଳିତବର୍ଷ ଫେବୃଆରୀ ପୂର୍ବରୁ ଟଙ୍କା ମୂଲ୍ୟ ପ୍ରତି ଡଲାର ତୁଳନାରେ ୮୭.୯୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ରହିଥିଲା। ଶୁକ୍ରବାର, ଚୀନ୍ ୟୁଆନ ତୁଳନାରେ ଟଙ୍କା ମଧ୍ୟ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

## ନବୀନଙ୍କୁ ଭେଟିଲେ ଯୁବ ଓ ଛାତ୍ର ବିଜେଡ଼ି କର୍ମକର୍ତ୍ତା

# ତୃଣମୂଳରୁ ଶକ୍ତିଶାଳୀ ହେବ ତୃତୀୟ ପିଢ଼ି





**■ ଭୁବନେଶ୍ୱର, ୨୯।୮ (ସମିସ):** ଜିଲ୍ଲା ସଭାପତି ନିର୍ବାଚନ ପରେ ଦଳର ଦୁଇ ଛାମୁଆ ସଙ୍ଗଠନ ଛାତ୍ର ବିଜେଡି ଓ ଯୁବ ବିଜେଡିର କାୟା ପରିବର୍ତ୍ତନ କରିଛନ୍ତି ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। କେଇଦିନ ତଳେ ତୃତୀୟ ପିଢ଼ିର ଦୁଇଜଣ ଯୁବ ନେତାଙ୍କ ଉପରେ ଦୁଇ ଛାମୁଆଁ ସଙ୍ଗଠନର ଦାୟିତ୍ୱ ନ୍ୟସ୍ତ କରିବା ପରେ ଶୁକ୍ରବାର ଉଭୟଙ୍କୁ ନବୀନ ଦେଇଛନ୍ତି ରାଜନୀତିର ଗୁରୁମନ୍ତ୍ର। ଭବିଷ୍ୟତକୁ ଦୃଷ୍ଟିରେ ରଖି ନୂଆ ପିଢ଼ିକୁ ଶକ୍ତିଶାଳୀ କରିବା ଓ ରାଜ୍ୟର

- ▶▶ ତୃଣମୂଳସ୍ତରରୁ ଆହୁରି ସଂଗଠିତ ହେବ ଦୁଇ ଛାମୁଆଁ ସଙ୍ଗଠନ
- ▶▶ ବିନମ୍ର ଓ ଶାଳୀନ ଭାବରେ ଏକାଠି କାମ କରିବାକୁ ପରାମର୍ଶ
- ▶▶ ସାରା ରାଜ୍ୟ ବୁଲି ସମାଧାନ କର ଯୁବ ଓ ଛାତ୍ରଙ୍କ ସମସ୍ୟା

ତୃଣମୂଳସ୍ତରରେ ଦୁଇ ଛାମୁଆ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ନବୀନ ଦୁଇ ସଙ୍ଗଠନର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତିଭାଦୀପ୍ତ ଯୁବ ନେତାମାନଙ୍କୁ ଦଳ ସବୁବେଳେ ଗୁରୁତ୍ୱ ଦେଇ ଆସିଛି, ତେଣୁ ସମର୍ପିତ ଭାବ ନେଇ କାର୍ଯ୍ୟ କରୁଥିବା ସମସ୍ତଙ୍କ ପାଇଁ ଦଳରେ ସୁଯୋଗ ରହିଛି ବୋଲି ଏହି ଅବସରରେ ନବୀନ ଏକ ବାର୍ତ୍ତା ଦେଇଛନ୍ତି। ଏହା ସହ ବିନମ୍ର ଓ ▶ପୃଷ୍ଠା-୭

## ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

# ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଲକ୍ଷ୍ୟ: ଓମ୍ ବିର୍ଲା

**■ ଭୁବନେଶ୍ୱର, ୨୯।୮ (ସମିସ):** ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢ଼ୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ୨ ଦିନିଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସଂକ୍ରାନ୍ତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ



- ଏହି ସମ୍ମିଳନୀ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ: ମୋହନ
- ନୂଆ ଶିକ୍ଷାନୀତିରେ ଲାଭାନ୍ୱିତ ହେବେ ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀ: ଧର୍ମେନ୍ଦ୍ର

କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ହେଉଛି। ▶ପୃଷ୍ଠା-୭

# ଚମ୍ବାରେ ଭୂସ୍ଖଳନ; ୧୧ ଶ୍ରଦ୍ଧାଳୁ ମୃତ

## ଉତ୍ତରାଖଣ୍ଡର ୩ ଜିଲ୍ଲାରେ ବାଦଲଫଟା ବର୍ଷାରେ ୫ ମୃତ

**■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ମଧ୍ୟରେ ମଣିମହେଶ ଯାତ୍ରାରେ ବାହାରିଥିବା ୧୧ ଶ୍ରଦ୍ଧାଳୁ ଭୂସ୍ଖଳନ କାଣରୁ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପଞ୍ଜାବ, ଜଣେ ଉତ୍ତରପ୍ରଦେଶ ଓ ୫ ଜଣ ଚମ୍ବାର ଅଧିବାସୀ ସାମିଲ। ଦୁଇଜଣ ଲୋକଙ୍କର ପରିଚୟ ଏବେ ମଧ୍ୟ ମିଳିପାରିନାହିଁ। ପାହାଡ଼ ଉପରୁ ପଥର ଖସିବା ଓ ଅମ୍ଳଜାନ ଅଭାବ କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଏହି ପ୍ରାକୃତିକ ବିପତ୍ତି କାରଣରୁ ପାଖାପାଖି ୩ ହଜାର ମଣିମହେଶ ଶ୍ରଦ୍ଧାଳୁ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଜାରି ରହିଛି। ଗତ ସପ୍ତାହରେ ମଧ୍ୟ ଭୂସ୍ଖଳନ କାରଣରୁ ୭ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ ଓ ୯ ଜଣ ନିଖୋଜ ହୋଇଥିଲେ।

ଅନ୍ୟପଟେ ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଓ ତେହରୀ ଗଡ଼ୱାଲ ଜିଲ୍ଲାରେ ଗୁରୁବାର ରାତିରେ ବାଦଲ ଫଟା ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩ ଜଣ ନିଖୋଜ ▶ପୃଷ୍ଠା-୭



# ସାପ କାମୁଡ଼ାରେ ନାତୁଣୀ ମୃତ

## ମୃତ୍ୟୁ ଖବର ଶୁଣି ଜେଜେଙ୍କୁ ହୃଦ୍‌ଘାତ

**■ ବାଲିଚନ୍ଦ୍ରପୁର, ୨୯।୮ (ସମିସ):** ବିଷଧର ସାପ କାମୁଡ଼ାରେ ଚାଲିଗଲା ନାତୁଣୀର ଜୀବନ। ନାତୁଣୀର ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଜେଜେଙ୍କର ଜୀବନ ଚାଲିଗଲା। ଏମିତି ଏକ ଦୁଃଖଦ ଘଟଣା ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ଗୋବଣ୍ଡିଆ ଗ୍ରାମରେ ଘଟିଛି। ସୂଚନା ମୁତାବକ, ଏହି ଗ୍ରାମର ଦେବେନ୍ଦ୍ର ପରମାଣିକଙ୍କ ଦଶମ ଶ୍ରେଣୀରେ ପାଠ ପଢୁଥିବା ଝିଅ ଅଙ୍କିତା ପ୍ରିୟଦର୍ଶିନୀ (୧୫) ଗତକାଲି ରାତିରେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଅଙ୍କିତା ଏହା ଜାଣି ପରିବାର ଲୋକଙ୍କୁ ▶ପୃଷ୍ଠା-୭

### ଗୋଟିଏ ଜୁଇରେ ଜଳିଲେ ଜେଜେ-ନାତୁଣୀ

# ଉର୍ଜିତ ପଟେଲ୍ ଆଇଏମ୍‌ଏଫ୍ ଇଡି

**■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତି ପାଇଛନ୍ତି। ତିନି ବର୍ଷ ପାଇଁ ସେ ଏହି ପଦରେ ନିଯୁକ୍ତ ହୋଇଛନ୍ତି। ଦୀର୍ଘ ୩୦ ବର୍ଷ ପରେ ଶ୍ରୀ ପଟେଲ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଛନ୍ତି। ଯାହା ଫଳରେ ସେ ପୁଣି ଥରେ ସେହିଠାରେ ପହଞ୍ଚିଛନ୍ତି, ଯେଉଁଠାରୁ ନିଜ କ୍ୟାରିଅର ଆରମ୍ଭ କରିଥିଲେ।



**୩୦ ବର୍ଷ ପରେ ପୁଣି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଲେ**

୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଆଇଏମଏଫରେ ଅର୍ଥନୀତିଜ୍ଞ ଭାବରେ କାର୍ଯ୍ୟ କରିଥିଲେ। ପଟେଲ ୨୦୧୬ରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୮ରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ପ୍ରଥମ ଆର୍‌ବିଆଇ ଗଭର୍ଣ୍ଣର ଥିଲେ। ତେବେ ପଟେଲ ଏପରି ସମୟରେ ଆଇଏମ୍‌ଏଫ୍‌ର ଏହି ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯେତେବେଳେ ପାକିସ୍ତାନ ଏହି ଅନ୍ତର୍ଜାତୀୟ ଏଜେନ୍ସିରୁ ପାଇବାକୁ ଥିବା

ଆଇଏମ୍‌ଏଫ୍‌ରେ ଭାରତର ବର୍ତ୍ତମାନର ଇଡି କୃଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନଙ୍କ ସ୍ଥାନରେ ଶ୍ରୀ ପଟେଲ୍‌ଙ୍କୁ ଏହି ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ ଯେ, କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ୬ ମାସ ପୂର୍ବରୁ ଶ୍ରୀ ସୁବ୍ରମଣ୍ୟନ ବିଦାୟ ନେଇଥିଲେ। ପ୍ରୋତ୍ସାହନ ପ୍ୟାକେଜ୍‌କୁ ଭାରତ ବାରମ୍ବାର ବିରୋଧ କରିଆସୁଛି। ଭାରତର ଚିନ୍ତା ହେଉଛି ଇସଲାମାବାଦ ଏହି ପାଣ୍ଠିକୁ ଯୁଦ୍ଧ ଏବଂ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ଦିଗରେ ବିନିଯୋଗ ଯୋଗାଇପାରେ।

**ୟୁ-ଡାଇଜ୍ ରିପୋର୍ଟ**

# ଅଧାରୁ ପାଠ ଛାଡୁଛନ୍ତି ୯.୮% ଛାତ୍ରଛାତ୍ରୀ

**■ ଭୁବନେଶ୍ୱର, ୨୯।୮ (ସମିସ):** ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍‌ଆଉଟ୍ ହାର ବଢୁଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାରମ୍ଭିକ (ପ୍ରିପାରେଟୋରୀ), ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟମ (ମିଡିଲ୍) ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ (ସେକେଣ୍ଡାରୀ) ବର୍ଗରେ ଅଧିକ ପିଲା ପାଠ ଛାଡୁଛନ୍ତି। ତନ୍ମଧ୍ୟରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ସର୍ବାଧିକ। ଡ୍ରପ୍‌ଆଉଟ୍ ରୋକିବାକୁ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଆଶାଜନକ ସଫଳତା ମିଳିପାରୁ ନାହିଁ। ଅପରପକ୍ଷରେ ଦେଶରେ ଡ୍ରପ୍‌ଆଉଟ୍ ହାର କମୁଥିବାବେଳେ ଓଡ଼ିଶାରେ ଡ୍ରପ୍‌ଆଉଟ୍ ହାର ବଢୁଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ୟୁନିଫାଇଏଡ୍ ଡିଷ୍ଟ୍ରିକ୍ ଇନ୍‌ଫରମେସନ୍ ସିଷ୍ଟମ ଫର୍ ଏଜୁକେସନ୍ (ୟୁ-ଡାଇଜ) ତଥ୍ୟରୁ ଜଣାପଡ଼ିଛି।

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର

- ପ୍ରତି ୧୦୦୦ ପିଲାରେ ପାଠ ଛାଡୁଛନ୍ତି ୯୮ ଜଣ
- ଝିଅଙ୍କ ତୁଳନାରେ ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ

ମାଧ୍ୟମିକସ୍ତର ଡ୍ରପ୍‌ଆଉଟ୍ ହାର ୯.୧ ପ୍ରତିଶତ ଥିଲା। ଅର୍ଥାତ୍ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ଜଣ ଅଧାରୁ ପାଠ ଛାଡ଼ି ଦେଉଥିଲେ। ଚଳିତ ବର୍ଷ ଏହା ଆହୁରି ବୃଦ୍ଧି ପାଇ ୯.୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୧୦୦୦ ଜଣରେ ୯୮ ଜଣ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତର ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍‌ଆଉଟ୍ ହାର ୨୦୨୩-୨୪ ଶିକ୍ଷାବର୍ଷରେ ୨ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୩.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ମଧ୍ୟ ୦.୫ରୁ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସମସ୍ତ ବର୍ଗରେ ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ପାଠ ଛାଡୁଥିବା ରେକର୍ଡ ହୋଇଛି। ଅନ୍ୟପଟେ ଜାତୀୟ ସ୍ତରରେ ଡ୍ରପ୍‌ଆଉଟ୍ ହାର କମୁଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରର ଡ୍ରପ୍‌ଆଉଟ୍ ହାର ୧୦.୯ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୮.୨ ପ୍ରତିଶତକୁ ଖସିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୫.୨ ରୁ ୩.୫ ପ୍ରତିଶତ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୩.୭ରୁ ୨.୩ ପ୍ରତିଶତକୁ ହ୍ରାସ ପାଇଛି।

ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ପ୍ରତି ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହି ହାର ଜାତୀୟ ସ୍ତରରେ ଅଧିକ ଅର୍ଥାତ୍ ପ୍ରତି ୨୪ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ପଡୋଶୀ ରାଜ୍ୟମାନଙ୍କ ଠାରୁ ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଛି।

## ପଶୁ ହେବାକୁ ଚାହୁଁଛି ମନୁଷ୍ୟ

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଏକବିଂଶ ଶତାବ୍ଦୀର ଆଧୁନିକ ମନୁଷ୍ୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବନାଇ ସବୁ କାର୍ଯ୍ୟକୁ ସହଜ କରିଦେଇଛି। କିନ୍ତୁ ଏପରି ସମୟରେ କିଛି ଲୋକ ପଶୁ ହେବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ସାମାଜିକ ଗଣମାଧ୍ୟମରେ 'କ୍ୱାଡ୍ରୋବିକ୍ସ' ଧାରା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଚାରି ହାତ-ଗୋଡରେ ପଶୁ ପରି ଚାଲିବାର ପ୍ରତିଯୋଗିତା ଚାଲିଛି। ଅନେକ ଲୋକେ ମଧ୍ୟ ଏହି ଧାରାରେ ସାମିଲ ହୋଇ ନିଜେ ପଶୁ ପରି ଚାଲୁଥିବାର ଭିଡିଓ ପୋଷ୍ଟ କରୁଛନ୍ତି। ଏହାକୁ ଫିଟ୍‌ନେସ୍‌ର ନୂଆ ଧାରା କୁହାଯାଉଛି। କ୍ୱାଡ ଏବଂ ଏରୋବିକ୍ସର ମିଶ୍ରଣରୁ କ୍ୱାଡ୍ରୋବିକ୍ସ ହୋଇଛି। ଏହାର ଅର୍ଥ ହେଉଛି, ହାତ ଏବଂ ଗୋଡ଼ ଏକାସଙ୍ଗେ



କାମ କରୁଥିବାଭଳି ବ୍ୟାୟାମ କରିବା। ଏଥିରେ ମନୁଷ୍ୟ ପଶୁ ପରି ଦୌଡୁଛି, ଡେଉଁଛି ଏବଂ ଗଛରେ ଚଢୁଛି। ପ୍ରଥମେ ବେଲ୍‌ଜିୟମର ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏଲେକ୍ସିଆ କ୍ରାଫ୍ଟ ଏହି ଧାରା ଆରମ୍ଭ କରିଥିଲେ। ସେ ୨୦୨୧ରେ ସ୍ପେନର ଏକ ଜଙ୍ଗଲରେ ଗବେଷଣା କରୁଥିବା ସମୟରେ ଭିକ୍ଟର ମାନୁଏଲଙ୍କ ବିଷୟରେ ଶୁଣିଥିଲେ। ଏହି ବ୍ୟକ୍ତି ଜଙ୍ଗଲରେ ମୋଗଲୀ ଭଳି ରହୁଥିଲେ। ଭିକ୍ଟରଙ୍କଠାରୁ ଏଲେକ୍ସିଆ ପ୍ରଶିକ୍ଷଣ ନେଇଥିଲେ। ପରେ ଉଭୟେ ଏହାର ନାମ କ୍ୱାଡ୍ରୋବିକ୍ସ ରଖିଥିଲେ। ଏବେ ହଜାର ହଜାର ଲୋକ ଏହି ପଶୁ ହେବାର ଧାରାରେ ସାମିଲ ହେଉଛନ୍ତି।

## ୨ ଲକ୍ଷ ଦେଇ ପରିଚୟ ହଟାଉଛନ୍ତି ଲୋକେ

ଟୋକିଓ, ୨୯।୮ (ଏଜେନ୍ସି): ମନୁଷ୍ୟ ହେଉଛି ସାମାଜିକ ପ୍ରାଣୀ। ମାତ୍ର ଜାପାନରେ ଲୋକେ ସମାଜରୁ ଦୂରେଇ ଯାଉଛନ୍ତି। ପ୍ରତି ବର୍ଷ ହଜାର ହଜାର ଲୋକ ଜାଣିଶୁଣି ନିଜ ଚାକିରି, ପରିବାର ଏବଂ ବନ୍ଧୁଙ୍କୁ ଛାଡ଼ି ଗାଏବ ହେଇ ଯାଉଛନ୍ତି। ଜାପାନରେ ଚାଲିଥିବା ଏହି ଧାରାକୁ 'ଜୋହାତ୍ସୁ' କୁହାଯାଉଛି। ଏହାର ଅର୍ଥ ଗାଏବ ହୋଇଯିବା। ଜାପାନରେ ବ୍ୟକ୍ତିଗତ ବିଫଳତାକୁ ପରିବାର ପାଇଁ ଲଜ୍ଜାଜନକ ଧରାଯାଏ। ଲଜ୍ଜା, ଋଣ ଏବଂ ଘରୋଇ ହିଂସାରୁ ବର୍ତ୍ତିବା ଲାଗି ଲୋକେ ଗାଏବ ହେବାକୁ ଉଚିତ



ମଣୁଛନ୍ତି। ଏହା ବ୍ୟତୀତ ଚାକିରି ହରାଇବା, ଦେବାଳିଆ ହେବା, ଛାଡ଼ପତ୍ର ଏବଂ ପଢାରେ ବିଫଳ ଏହାର ପ୍ରମୁଖ କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ ୨୦୨୨ରେ ୮୪, ୯୧୦ ଜଣ ଗାଏବ ହେବା ନେଇ ମାମଲା ରୁଜୁ ହୋଇଥିଲା। ଏଥିପାଇଁ ଜାପାନରେ ଏକ ସ୍ୱତନ୍ତ୍ର କମ୍ପାନୀ 'ୟୋନିଗେ-ୟା' ରହିଛି। ୩ ଲକ୍ଷ ୟେନ ଅର୍ଥାତ୍ ପ୍ରାୟ ୨ ଲକ୍ଷ ଟଙ୍କା ଦେଲେ ଏହି କମ୍ପାନୀ ରାତାରାତି ଲୋକଙ୍କୁ ଗାଏବ କରିଦେଉଛି। ଏହା ସହିତ ଲୋକଙ୍କ ପୁରୁଣା ପରିଚୟକୁ ନଷ୍ଟ କରି ନୂଆ ନାମ ଏବଂ ଠିକଣା ପ୍ରଦାନ କରୁଛି। ଜାପାନରେ ମଧ୍ୟ ଏହାକୁ ଆଇନଗତ ଅନୁମତି ମିଳିଛି। କେହି ଗାଏବ ହେଲେ ପୁଲିସ ତାହାର ଯାଞ୍ଚ କରେନି।

## ବିହାରରେ ୩ ଲକ୍ଷ ସନ୍ଦିଗ୍ଧ ଭୋଟରଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୯।୮(ଏଜେନ୍ସି): ବିହାର ୩ ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍‌ଆଇଆର) ସମୟରେ ବହୁ ଅନିୟମିତତା ହୋଇଥିବା କମିଶନ ଜାଣିବାକୁ ପାଇଛନ୍ତି। ୩ ଲକ୍ଷ ଭୋଟର ନିଜର ଆବଶ୍ୟକୀୟ କାଗଜପତ୍ର ଜମା କରିନାହାନ୍ତି। ଫଳରେ ଏମାନଙ୍କୁ ନିଜର ନାଗରିକତା ଦେଖାଇବାକୁ ଅର୍ଥାତ ପ୍ରମାଣ କରିବାକୁ କମିଶନ କହିଛନ୍ତି ଓ ଏଥିପାଇଁ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ନାଗରିକତା ନ ଦେଖାଇପାରିଲେ ମତଦାତା ସୂଚୀରୁ ସେମାନଙ୍କ ନାମ କାଟିଦିଆଯିବ। କିଶନଗଞ୍ଜ, ପୂର୍ଣ୍ଣିଆ, ଅରରିଆ, ସହରସା, ମଧୁବନୀ ଓ ଚମ୍ପାରଣ ଭୋଟରମାନଙ୍କୁ ଏହି ନୋଟିସ ଜାରି କରାଯାଇଛି। ବୁଥ୍‌ସ୍ତରର ଅଧିକାରୀମାନେ ଘରଘର ବୁଲି ସର୍ବେକ୍ଷଣ କରିବା ଅବସରରେ ନେପାଳ, ବାଂଲାଦେଶ, ଆଫଗାନିସ୍ତାନ, ମିଆଁମାରର ନାଗରିକମାନେ ବହୁସଂଖ୍ୟାରେ ଦେଖିବାକୁ ମିଳିଥିଲେ ବୋଲି ନିର୍ବାଚନ କମିଶନର ଅଧିକାରୀମାନେ କହିଛନ୍ତି। ଏହି ବିଦେଶୀ ନାଗରିକଙ୍କ ପାଖରୁ ଆଧାର, ବାସସ୍ଥାନ ପ୍ରମାଣପତ୍ର ଓ ରାସନକାର୍ଡ ମିଳିଥିଲା। ନକଲି କାଗଜପତ୍ର ଦେଖାଇ ଏମାନେ ପରିଚୟପତ୍ର ହାସଲ କରିଛନ୍ତି। ଏଭଳି ସ୍ଥିତିରେ ପଚରାଉଚରା ପରେ ଏମାନଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହି ଭୋଟରମାନଙ୍କୁ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ନିଜର ରେକର୍ଡ ସ୍ପଷ୍ଟ କରିବାକୁ କୁହାଯାଇଛି। ଅଗଷ୍ଟ ୧ରୁ ୩୦ ମଧ୍ୟରେ ଯେଉଁମାନେ ଅଯୋଗ୍ୟ ବିବେଚିତ ହେବେ ସେମାନଙ୍କ ନାମ ଅନ୍ତିମ ତାଲିକାରୁ କାଟି ଦିଆଯିବ ବୋଲି କୁହାଯାଇଛି।

## ଇସ୍ରାଏଲ୍ ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ସେନା ମୁଖ୍ୟ ମୃତ

ତେଲ ଅଭିଭ୍, ୨୯।୮(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ ରାଜଧାନୀ ସନ୍ନାରେ ରହୁଥିବା ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲ୍ ଗୁରୁବାର ବଡ଼ ଧରଣର ଆକ୍ରମଣ କରିଛି ଓ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଏହି ଆକ୍ରମଣରେ ହୁତିର ସେନା ଓ ରାଜନୈତିକ ନେତୃବୃନ୍ଦ ବଡ଼ ଧରଣର କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହି ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ ଘାଲିବ ଅଲ-ରାହଓ, ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ନାସେର ଅଲ- ଅଟ୍ଟାଫି ଓ ସେନା ମୁଖ୍ୟ ପ୍ରାଣ ହରାଇଛନ୍ତି। ତେବେ ଇସ୍ରାଏଲ ତରଫରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଇସ୍ରାଏଲ ୧୦ ଜଣ ହୁତି ମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଥିଲା। ଏହି ମନ୍ତ୍ରୀମାନେ ଏକ ରାଜଧାନୀ ବାହାରେ ଏକ ଜଣେ ଗ୍ରୁପ୍ ଲିଡରଙ୍କ ଭାଷଣ ଶୁଣିବାକୁ ଏକାଠି ହୋଇଥିଲେ।

## ପୂର୍ବତନ ବିଜେପି ବିଧାୟକ, ଆଇପିଏସଙ୍କୁ ଆଜୀବନ ଜେଲ୍

ଅହମଦାବାଦ, ୨୯।୮ (ଏଜେନ୍ସି): ସାତ ବର୍ଷ ତଳର ବିଟ୍‌କଏନ ଲୁଟ୍ ଏବଂ ଅପହରଣ ମାମଲାରେ ଅହମଦାବାଦ ସିଟି ସେସନ୍ସ କୋର୍ଟଙ୍କ ଏସିବି ଅଦାଲତ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ବିଜେପିର ପୂର୍ବତନ ବିଧାୟକ ନଳିନ କୋଟଡିଆ, ଅମରେଲିର ପୂର୍ବତନ ଏସ୍‌ପି ଜଗଦୀଶ ପଟେଲ, ପୂର୍ବତନ ଇନ୍ସପେକ୍ଟର ଅନନ୍ତ ପଟେଲଙ୍କ ସମେତ ୧୪ ଅଭିଯୁକ୍ତଙ୍କ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହି ମାମଲା ୨୦୧୮ର। ସେତେବେଳେ ସୁରଟର ବିଲ୍ଡର ଶୈଳେଶ ଭଟ୍ଟ ଅଭିଯୋଗ କରିଥିଲେ ଯେ ଅମରେଲି ଜିଲ୍ଲାର କିଛି ପୁଲିସ ଅଧିକାରୀ ତାଙ୍କୁ ଅଜ୍ଞାତ ସ୍ଥାନକୁ ନେଇ ବନ୍ଦୀ ବନାଇ ଥିଲେ। ଏହା ପରେ ପୁଲିସ ଅଧିକାରୀ ଡରାଇ ଧମକାଇ ୧୨ କୋଟି ଟଙ୍କାର ବିଟ୍‌କଏନକୁ ନିଜ ଖାତାକୁ ନେଇ ଯାଇଥିଲେ। ଏହି ଷଡ଼ଯନ୍ତ୍ରରେ ବିଜେପିର ପୂର୍ବତନ ବିଧାୟକ ନଳୀନ କୋଟାଡିଆ ସାମିଲ ଥିଲେ। ପରେ ନିଜ ସହଯୋଗୀ କିରୀଟି ପଲାଡିଆ ପୁଲିସ ସହ ମିଶିଥିବା ସେ ଅଭିଯୋଗ କରିଥିଲେ। ସିଆଇଡି ଯାଞ୍ଚରୁ ମାମଲା ସତ୍ୟ ସାବ୍ୟସ୍ତ ହୋଇଥିଲା। ୨୦୧୮ରେ ଏହି ମାମଲାରେ ଏସ୍‌ପି ସମେତ ଅନେକ ପୁଲିସ ଅଧିକାରୀ ଗିରଫ ହୋଇଥିଲେ।

## ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହଁ: କୋର୍ଟ

ସୁରତ, ୨୯।୮(ଏଜେନ୍ସି): ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିବା ଦୁଷ୍କର୍ମ ନୁହଁ ବୋଲି ସୁରତର ଏକ ସେସନ କୋର୍ଟ କହିଛନ୍ତି। ଗୁରୁବାର ହୋଇଥିବା ଏକ ଶୁଣାଣି ଅବସରରେ କୋର୍ଟ ଏହିକ୍ରମରେ ଜଣେ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଏହି ମାମଲାରେ ପୀଡିତା ଜଣକ ବିନା କୌଣସି ଚାପରେ ହୋଟେଲ ଓ ରେସ୍ତୋରାଁ ନିଜର ପରିଚୟ ପତ୍ର ଦେଇଥିଲେ। ତେଣୁ ଏଥିପାଇଁ ତାଙ୍କ ଉପରେ କୌଣସି ଜୋର ଜବରଦସ୍ତି କରାଯାଇନାହିଁ। ପୁଣି ଯେତେବେଳେ ଯୁବକଙ୍କ ସହ ବିବାହ ସମ୍ଭବ ନୁହଁ ବୋଲି ଜାଣିଥିଲେ ମଧ୍ୟ ପୀଡିତାଜଣକ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ।

### ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ଗାଳି ଅଭିଯୋଗ

# ବିଜେପି-କଂଗ୍ରେସ କର୍ମୀ ମୁହାଁମୁହିଁ; ଚାଲିଲା ଠେଙ୍ଗାବାଡ଼ି

ପାଟନା, ୨୯।୮ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଛି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କୁ ଗାଳିଦେବାକୁ ନେଇ ଲଙ୍କାକାଣ୍ଡ ଘଟିଛି। ଏହାକୁ ନେଇ ଶୁକ୍ରବାର ପାଟନାରେ ବିଜେପି ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ସକାଳେ ବିଜେପି କର୍ମୀ ବିକ୍ଷୋଭ ପାଇଁ କଂଗ୍ରେସ ଅଫିସ ସାମନାରେ ପହଞ୍ଚି ଥିଲେ। ଏଠାରେ ସେମାନେ ରାହୁଲଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କିନ୍ତୁ କଂଗ୍ରେସ କର୍ମୀ ଏହାକୁ ସହ୍ୟ କରିପାରି ନ ଥିଲେ। ପରେ ସେମାନେ ମଧ୍ୟ ବିଜେପି ବିରୋଧରେ ସ୍ଲୋଗାନ ଦେଇଥିଲେ। ଦେଖୁ ଦେଖୁ ଏହି ବିକ୍ଷୋଭ ଗଣ୍ଡଗୋଳର ରୂପ ନେଇଥିଲା। ଉଭୟ ଦଳର କର୍ମୀ ବାଡିଆପିଟା ହୋଇଥିଲେ। ଠେଙ୍ଗାବାଡ଼ି ଚାଲିଥିଲା। ପରସ୍ପର ଉପରକୁ ଇଟା ପଥର ମାଡ଼ ମଧ୍ୟ କରାଯାଇଥିଲା। ଅନେକ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏହା ଦେଖି ପୁଲିସ ବିଜେପି କର୍ମୀଙ୍କୁ ସେଠାରୁ ହଟାଇ ଦେଇଥିଲା। କିନ୍ତୁ ଏତିକିରେ ମାମଲା ଶାନ୍ତ ପଡ଼ି ନ ଥିଲା। ଏହା ପରେ କଂଗ୍ରେସ କର୍ମୀ ରାସ୍ତା ଉପରେ ବସି ବିକ୍ଷୋଭ ଆରମ୍ଭ କରିଦେଇଥିଲେ। ଏଥିଯୋଗୁଁ ଟ୍ରାଫିକ ଜାମ୍ ହୋଇଥିଲା। ଏହା ଦେଖି ପୁଲିସ ମାତ୍ର ୩୦ ମିନିଟ ଭିତରେ କଂଗ୍ରେସ କର୍ମୀଙ୍କୁ ହଟାଇ ଦେଇଥିଲା।

ମୁଜାଫରପୁରରେ ମଧ୍ୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏହି ସମୟରେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ନେତାଙ୍କ ବିରୋଧରେ ବିଜେପି କର୍ମୀ ସ୍ଲୋଗାନ ଦେଇଥିଲେ। ସେହିପରି ଆରାରେ ମଧ୍ୟ ବିଜେପି ଏବଂ କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲେ। ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ କଂଗ୍ରେସ କର୍ମୀ ପହଞ୍ଚି ଯିବାରୁ ସ୍ଥିତି ବିଗିଡି ଯାଇଥିଲା। କଂଗ୍ରେସ କର୍ମୀ ବିକ୍ଷୋଭ କରି ବିଜେପି ଏବଂ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ବିଜେପି ନେତା ନାରାୟଣ ମେହଟା ପାଟଳିପୁତ୍ର ଥାନରେ ଅଭିଯୋଗ ଦାଏର କରିଛନ୍ତି। କଂଗ୍ରେସ ପକ୍ଷରୁ ଠେଙ୍ଗାବାଡ଼ି, ଇଟାପଥର ମାଡ଼କରି ଆତ୍ମଘାତୀ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହି ମାମଲାକୁ

### ମୁଜାଫରପୁର, ଆରାରେ ମଧ୍ୟ ସଂଘର୍ଷ

### ଗାଳି ଦେଇଥିବା ଅଭିଯୁକ୍ତ ଗିରଫ



ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଂଗ୍ରେସକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ପ୍ରତି ଖରାପ ଶବ୍ଦ ବ୍ୟବହାର କରି କଂଗ୍ରେସ ସବୁଠାରୁ ହୀନ କାମ କରିଛି। ରାହୁଲ ଯେଉଁ ଭଳି ରାଜନୀତି ଆରମ୍ଭ କରିଛନ୍ତି ତାହା ସାର୍ବଜନୀନ ଜୀବନକୁ ଶିଖରରେ ପହଞ୍ଚାଇବ ନାହିଁ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ସୋନିଆ, ରାହୁଲ, ମଣିଶଙ୍କର ଆୟର ଏଭଳି ଘୃଣିତ ମନ୍ତବ୍ୟ ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଯେତେ ଗାଳିଦେବେ ସେତେ ପଦ୍ମ ଫୁଟିବ ବୋଲି ଶାହା କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ କହିଛନ୍ତି ଯେ ସତ୍ୟ ଏବଂ ଅହିଂସା ଆଗରେ ହିଂସା ରହିପାରିବ ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ଅଶୋଭନୀୟ କହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ସୀମାରେ କାନ୍ଥ ନିର୍ମାଣ କରିବ କି

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମେରିକା ଭଳି ଭାରତ ସୀମାରେ କାନ୍ଥ ନିର୍ମାଣ କରିବାକୁ ଯୋଜନା କରୁଛି କି ବୋଲି ପଚାରିଛନ୍ତି। ପଶ୍ଚିମବଙ୍ଗର ମାଇଗ୍ରାଣ୍ଟ ୱେଲଫେୟାର ବୋର୍ଡର ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଲୋକଙ୍କ ସଂସ୍କୃତି ଓ ଭାଷା ପଡ଼ୋଶୀ ଦେଶ ସହ ମିଶୁଛି। ସେମାନଙ୍କ ଭାଷା ସମାନ, କିନ୍ତୁ ସୀମା ଲୋକଙ୍କୁ ଅଲଗା କରିଦେଉଛି। ଆବେଦନରେ କୁହାଯାଇଥିଲା ଯେ ବଙ୍ଗଳା ଭାଷା କହୁଥିବା ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଗିରଫ କରାଯାଉଛି। ସରକାର ତାଙ୍କ ଉପରେ ବାଂଲାଦେଶ ଯିବାକୁ ଚାପ ପକାଉଛନ୍ତି।

ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ବୋର୍ଡ ଦାବି ଅସ୍ପଷ୍ଟ ରହିଛି। କିଛି ରାଜ୍ୟ ସରକାର ବେଆଇନ ପ୍ରବାସୀଙ୍କ ଉପରେ ନିର୍ଭର କରୁଛନ୍ତି। ବେଆଇନ ପ୍ରବାସୀଙ୍କ ଯୋଗୁଁ ଜନସଂଖ୍ୟା ବଦଳୁଛି। ତେଣୁ ରୋହିଙ୍ଗ୍ୟା ମାମଲା ସହ ଏହାର ଶୁଣାଣି କରାଯାଉ। ଶେଷରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା ଏକ ଅଲଗା ମାମଲା। ହାଇକୋର୍ଟଙ୍କୁ ଏହାର ଶୁଣାଣି କରି ଉଚିତ ନିର୍ଦ୍ଦେଶ ଦେବାକୁ କୁହାଯିବ। ବେଆଇନ ପ୍ରବାସୀ ବିଶେଷ କରି ବାଂଲାଦେଶୀଙ୍କୁ ନିଜ ଦେଶକୁ ପଠାଇବା ପାଇଁ ଆପଣା ଯାଇଥିବା ଏସ୍‌ଓପି ବିଷୟରେ ଅବଗତ କରାଇବାକୁ କୋର୍ଟ କେନ୍ଦ୍ରକୁ କହିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ବେଆଇନ ପ୍ରବାସୀଙ୍କ ସଂଖ୍ୟା ବୃଦ୍ଧି ଦ୍ୱାରା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ସୀମିତ ସମ୍ବଳ ଉପରେ ବେଆଇନ ପ୍ରବାସୀ ଚାପ ପକାଇପାରନ୍ତି, ତେଣୁ ଏହା ଉପରେ ନିୟନ୍ତ୍ରଣ ଜରୁରୀ। ପଶ୍ଚିମବଙ୍ଗ, ପଞ୍ଜାବର ଭାଷା ଏକା ଭଳି। ତେଣୁ ଭାଷା ଆଧାରରେ କାହାକୁ ବିଦେଶୀ ଭାବିବା ଭୁଲ। ବେଆଇନ ପ୍ରବାସୀଙ୍କ ପାଇଁ ଅଲଗା ଉପାୟ ଅବଲମ୍ବନ କରାଯିବା ଉଚିତ। କେବଳ ଗଣମାଧ୍ୟମ ରିପୋର୍ଟ କିମ୍ବା ଖାଲି ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନ ହେବା ଉଚିତ।

### ● ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ବଢ଼ିଲା

## ରାଷ୍ଟ୍ରପତି ହେବାକୁ ଜେଡି ଭାନ୍ସ ପ୍ରସ୍ତୁତ

ନ୍ୟୁୟର୍କ, ୨୯।୮(ଏଜେନ୍ସି): ଶୁଳ୍କ ଧମକ ଦେଇ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ଲାଗି ରହିଛି। ସେ ୨୦୨୮ ପର୍ଯ୍ୟନ୍ତ ପଦରେ ରହିପାରିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରି ସମୟରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏହି ସଂଶୟକୁ ଅଧିକ ବଢ଼ାଇ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। ଯଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କିଛି ଅଘଟଣ ଘଟେ ତେବେ ଏଭଳି ସ୍ଥିତିରେ କିଏ ହେବ ରାଷ୍ଟ୍ରପତି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ଟ୍ରମ୍ପଙ୍କ ଅନୁଗତ ଭାନ୍ସ ଏହାର ଉତ୍ତର ଦେଇଛନ୍ତି। ଯଦି ଟ୍ରମ୍ପଙ୍କ ସହ କୌଣସି ଅଘଟଣ ଘଟେ ତେବେ ଭାନ୍ସ ରାଷ୍ଟ୍ରପତି ପଦ ସମ୍ଭାଳିବେ। ୟୁଏସ୍ ଟୁଡେକୁ ସାକ୍ଷାତକାର ଦେଇ ନିଜେ ଭାନ୍ସ ଏହା କହିଛନ୍ତି। ସେ ଏଭଳି ସ୍ଥିତିରେ ଏହି ଗୁରୁଦାୟିତ୍ୱ ସମ୍ଭାଳିବାକୁ ପ୍ରସ୍ତୁତ ଥିବା ଉଲ୍ଲେଖ କରିଛନ୍ତି। ତେବେ ଟ୍ରମ୍ପ ନିଜ ୪ ବର୍ଷର କାର୍ଯ୍ୟକାଳ ନିର୍ବାହ କରିବାକୁ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି ବୋଲି ଭାନ୍ସ କହିଛନ୍ତି।



ଟ୍ରମ୍ପଙ୍କ ସ୍ୱାସ୍ଥ୍ୟକୁ ନେଇ ଆଲୋଚନା ଓ ଅଟକଳ ଚାଲିଥିବା ବେଳେ ଭାନ୍ସ ଏଭଳି ମନ୍ତବ୍ୟ ଦେଇ ଆଲୋଡ଼ନ ସୃଷ୍ଟି କରିଛନ୍ତି। ନିକଟରେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ୍‌ଙ୍କ ସହ ସାକ୍ଷାତ କଲା ବେଳେ ଟ୍ରମ୍ପଙ୍କ ହାତରେ ଏକ ବଡ଼ ନୀଳ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଥମେ ଜୁଲାଇରେ ଏହି କ୍ଷତି ଚିହ୍ନ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟ୍ ହାଉସ୍ କିଛି ଲୁଚାଇବାକୁ ପ୍ରୟାସ କରୁଥିବାରୁ ଅନୁମାନ କରାଯାଉଛି। ଟ୍ରମ୍ପ ଗତ ଜାନୁଆରୀରେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୭୮ ବର୍ଷ ୭ ମାସ ବୟସରେ ଆମେରିକା ଇତିହାସର ସବୁଠାରୁ ବୟସ୍କ ରାଷ୍ଟ୍ରପତି ବିବେଚିତ ହୋଇଥିଲେ। ଟ୍ରମ୍ପ ଜନତାଙ୍କର ନେତା। ସେ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କ ତୁଳନାରେ ଲୋକଙ୍କ ସହ ଅଧିକ ମିଳାମିଶା କରୁଛନ୍ତି ଓ ସେମାନଙ୍କ ସହ ହାତ ମିଳାଉଛନ୍ତି ବୋଲି ହ୍ୱାଇଟ୍ ହାଉସ ତରଫରୁ କୁହାଯାଇଛି। ଏହି କାରଣ ଯୋଗୁଁ ତାଙ୍କ ହାତରେ କ୍ଷତ ଚିହ୍ନ ଦେଖିବାକୁ ମିଳିଛି। କିନ୍ତୁ ଭାନ୍ସ କୌଣସି ପ୍ରକାର ଅଘଟଣକୁ ଖଣ୍ଡନ କରିଛନ୍ତି। ଟ୍ରମ୍ପ ଏବେ ମଧ୍ୟ ପୂର୍ବପରି ପୂରା ଦମ୍‌ରେ କାର୍ଯ୍ୟ କରୁଛନ୍ତି ବୋଲି ଭାନ୍ସ କହିଛନ୍ତି।

### ପ୍ରଧାନମନ୍ତ୍ରୀ ମୋଦୀ ଓ ଇସିବାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର

## ଜାପାନ ରକେଟରେ ଲଞ୍ଚ ହେବ ଚନ୍ଦ୍ରଯାନ-୫

ଟୋକିଓ, ୨୯।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଜାପାନ ଗସ୍ତରେ ଯାଇ ଶୁକ୍ରବାର ଟୋକିଓରେ ପହଞ୍ଚିଛନ୍ତି। ସେ ଏଠାରେ ଆୟୋଜିତ ଭାରତ-ଜାପାନ ସମ୍ମିଳନୀରେ ସାମିଲ ହୋଇଛନ୍ତି। ଏଥିରେ ମୋଦୀ ଏବଂ ତାଙ୍କ ଜାପାନୀ ସମକକ୍ଷ ସିଗେରୁ ଇସିବାଙ୍କ ଉପସ୍ଥିତିରେ ଚନ୍ଦ୍ରଯାନ-୫କୁ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଚନ୍ଦ୍ରଯାନ-୫ ପାଇଁ ଦୁଇ ଦେଶର ମହାକାଶ ଏଜେନ୍ସି ଭାରତର ଇସ୍ରୋ ଏବଂ ଜାପାନର ଜାକ୍ସା ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଦେଶ ଚନ୍ଦ୍ରର ଦକ୍ଷିଣ ମେରୁ ଉପରେ ଅଧ୍ୟୟନ କରିବେ। ଅନ୍ୟପକ୍ଷରେ ମୋଦୀ ଆଗାମୀ ସମ୍ମିଳନୀ ପାଇଁ ଭାରତ ଆସିବାକୁ ଇସିବାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଛନ୍ତି



ଯେ ଦୁଇ ଦେଶର ସମ୍ବନ୍ଧ ମୁଖ୍ୟ ଆଧାର ହେଉଛି ଭରସା। ଉଭୟ ଦେଶର ଜନସାଧାରଣ, ବିଶ୍ୱରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧିର ସ୍ୱପ୍ନକୁ ନେଇ ଆଗକୁ ବଢ଼ିବେ। ଆଗାମୀ ଦଶନ୍ଧି ପାଇଁ ଆମେ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରିଛୁ।

ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟମ ଜାପାନ ଗସ୍ତ। ସେ ଟୋକିଓରେ ପହଞ୍ଚିବା ପରେ ସ୍ଥାନୀୟ କଳାକାର ଗାୟତ୍ରୀ ମନ୍ତ୍ର ଗାନ କରି ତାଙ୍କ ସ୍ୱାଗତ କରିଥିଲେ। ଏହି ସମୟରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଭେଟିଥିଲେ। ପରେ ଏକ ସମ୍ମିଳନୀକୁ ସମ୍ବୋଧନ କରି ଭାରତ ଉପରେ ସାରା ବିଶ୍ୱର ଭରସା ବୋଲି କହିଥିଲେ। ପରେ ଭାରତ ଏବଂ ଜାପାନ ମଧ୍ୟରେ ୭ଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷର ହୋଇଥିଲା ଏବଂ ୧୫୦ଟି ଏମଓୟୁ ଘୋଷଣା ହୋଇଥିଲା। ଏହା ମଧ୍ୟରେ ପ୍ରତିରକ୍ଷା ଜ୍ଞାନକୌଶଳ ସେୟାର ଏବଂ ଅସ୍ତ୍ରଶସ୍ତ୍ରର ମିଳିତ ଉତ୍ପାଦନର ସମ୍ଭାବନା ଦିଗରେ କାର୍ଯ୍ୟ କରିବା, ଦୁଇ ଦେଶ ମଧ୍ୟରେ ଜାହାଜ ଚଳାଚଳ ବୃଦ୍ଧି ଏବଂ ସମୁଦ୍ରରେ ଡକାୟତଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଆଦି ସାମିଲ ରହିଛି।

# ରୁଷ୍ ଆକ୍ରମଣରେ ବୁଡ଼ିଲା ୟୁକ୍ରେନର ସବୁଠୁ ବଡ଼ ଜାହାଜ

ମସ୍କୋ, ୨୯।୮(ଏଜେନ୍ସି): ରୁଷିଆ ପୁଣି ୟୁକ୍ରେନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ରୁଷର ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ ନୌସେନାର ସବୁଠାରୁ ବଡ଼ ଜାହାଜ 'ସିମଫେରୋପୋଲ' ବୁଡିଯାଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୧୦ ବର୍ଷ ହେବ ଏହା ୟୁକ୍ରେନର ସବୁଠାରୁ ବଡ଼ ଜାହଜ ଥିଲା। ଏହା ଏକ ଲାଗୁନ କ୍ଲାସ ଅର୍ଥାତ ଉପକୂଳବର୍ତ୍ତୀ ଅଞ୍ଚଳର ଜାହାଜ ଥିଲା। ଗୁଇନ୍ଦା କାର୍ଯ୍ୟ ପାଇଁ ଏହାକୁ ନିର୍ମାଣ କରାଯାଇଥିଲା। ୟୁକ୍ରେନର ଓଡ଼ୋସା ଅଞ୍ଚଳରେ ଥିବା ଡାନ୍ୟୁବ ନଦୀରେ ପ୍ରଥମଥର ପାଇଁ ରୁଷିଆ ସାମୁଦ୍ରିକ ଡ୍ରୋନ ଆକ୍ରମଣ କରି ଏହି ଜାହାଜକୁ ବୁଡାଇବାକୁ ସକ୍ଷମ ହୋଇଛି। ଏଥିସହ ଏହି ଯୁଦ୍ଧରେ ରୁଷିଆ ଏକ ବଡ଼ଧରଣର ସଫଳତା ହାସଲ କରିଛି ବୋଲି କୁହାଯାଉଛି।


୨୦୨୧ରେ ୟୁକ୍ରେନ ନୌସେନାରେ 'ସିମଫେରୋପୁଲ' ଜାହାଜକୁ ସାମିଲ କରାଯାଇଥିଲା। ୨୦୧୪ରେ ପରେ ୟୁକ୍ରେନ ଏଥିସହ ତା'ର ସର୍ବବୃହତ ଜାହଜକୁ ଲଞ୍ଚ କରିଥିଲା। ଏହି ଆକ୍ରମଣରେ

### ପ୍ରଥମଥର ସାମୁଦ୍ରିକ ଡ୍ରୋନ୍‌ର ବ୍ୟବହାର



ଜଣେ କ୍ରୁ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ଜାହଜ ବୁଡି ଯାଇଥିଲେ ମଧ୍ୟ ଅଧିକାଂଶ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ୟୁକ୍ରେନ ନୌସେନାର ମୁଖପାତ୍ର ଡିମିଟ୍ରୋ ପ୍ଲେଟେନଚୁକ୍ କହିଛନ୍ତି। ତେବେ ନିଖୋଜ ହୋଇଥିବା କେତେଜଣଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଏହି ମଧ୍ୟମ ଆକାରର ଜାହାଜ ରେଡିଓ, ଇଲେକ୍‌ଟ୍ରୋନିକ, ରାଡାର ଓ ଅପଟିକାଲ ରିଜୋନାନ୍ସ ପାଇଁ ପ୍ରସ୍ତୁତ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ରୁଷର ଏହି ଆକ୍ରମଣକୁ ୟୁକ୍ରେନ ସ୍ୱୀକାର କରିଛି। ରୁଷିଆ ଗତକିଛି ମାସ ମଧ୍ୟରେ ସାମୁଦ୍ରିକ ଡ୍ରୋନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଉଲ୍ଲେଖଥାଉ କି, ୟୁକ୍ରେନ ମଧ୍ୟ ଅତୀତରେ ରୁଷିଆର ନୌ ଜାହାଜକୁ ଲକ୍ଷ୍ୟ କରି ଏକାଧିକ ଆକ୍ରମଣ କରି ସଫଳତା ହାସଲ କରିଥିଲା। ପୂର୍ବରୁ ଗୁରୁବାର ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲା। ଏଥିରେ ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୪୮ ଜଣ ଆହତ ହୋଇଥିଲେ। ଏହି ଆକ୍ରମଣରେ ରୁଷିଆ ୫୯୮ ଡ୍ରୋନ୍ ଓ ୩୧ ମିସାଇଲ ମାଡ଼ କରିଥିଲା। ୟୁକ୍ରେନର ସବୁ ଠିକଣା ଉପରେ ସଠିକ୍ ଆକ୍ରମଣ କରାଯାଇଛି ବୋଲି ରୁଷିଆ ତରଫରୁ କୁହାଯାଇଛି।

# ୟୁପି, ବିହାରଠୁ ବଳିଗଲାଣି ଓଡ଼ିଶାର ଆଇନଶୃଙ୍ଖଳା



■ ରାଜ୍ୟରେ ପ୍ରତିଦିନ ଘଟୁଛି ଜଘନ୍ୟ ହତ୍ୟାକାଣ୍ଡ
■ ତଦନ୍ତ ନାଁରେ ଦିନ ଗଡ଼ାଇ ଚାଲିଛି ପୁଲିସ
■ କେନ୍ଦ୍ରାପଡ଼ାରୁ ବରଗଡ଼ ପର୍ଯ୍ୟନ୍ତ ପୁଲିସ ନିରୁପାୟ

ଭୁବନେଶ୍ୱର,୨୯ ।୮ (ସମିସ): ୟୁପି, ବିହାରଠୁ ବଳିଗଲାଣି ଓଡ଼ିଶା । ଏଠାରେ ଅପରାଧୀ ଦିନ ଦିପହରେ ଗୋଡାଇ ଗୋଡାଇ ହାଣୁଛନ୍ତି । ସେମାନଙ୍କୁ ପୁଲିସ ଭୟ ନାହିଁ । ଯାହାର ଉଦାହରଣ ରାଜ୍ୟରେ ପ୍ରତିଦିନ ଘଟୁଥିବା ଜଘନ୍ୟ ହତ୍ୟା ଘଟଣାରୁ ସ୍ପଷ୍ଟ ହୋଇଛି । ଥାନାରେ ମାମଲା ହେଲେ ପୁଲିସ ତଦନ୍ତ ନାଁରେ ଦିନ ଗଡାଇ ଚାଲିଛି । ହତ୍ୟାକାରୀଙ୍କୁ ଗିରଫ ତ ଦୂରର କଥା ମୃତ୍ୟୁର କାରଣ ମଧ ଜାଣିପାରୁ ନାହିଁ । କେନ୍ଦ୍ରାପଡ଼ା କଲେଜ ଛାତ୍ରୀ ମୃତ୍ୟୁ ଠାରୁ ଆରମ୍ଭ କରି ବଲଙ୍ଗା ନାବାଳିକା ପୋଡ଼ି, ସୋହେଲା ହତ୍ୟାକାଣ୍ଡ ପୁଲିସର ପାରିବାର ପଣିଆକୁ ପଦାରେ ପକାଇ ଦେଇଛି । ସବୁଠି କେବଳ ତଦନ୍ତ ଚାଲିଛି, ହେଲେ ମୃତ୍ୟୁର କାରଣ ଏବେ ବି ରହସ୍ୟ ଘେରରେ ।

କେନ୍ଦ୍ରାପଡ଼ା ଛାତ୍ରୀଙ୍କର ଘର ଭିତରେ ମୃତ୍ୟୁ ଘଟଣାରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରାଗଲା । ହେଲେ ଛାତ୍ରୀଙ୍କ ଦେହରେ ନିଆଁ କେମିତି ଲାଗିଲା, ଆଉ ମାତ୍ର ୩୦ ପ୍ରତିଶତ ପୋଡ଼ି ହୋଇ ତାଙ୍କର କେମିତି ମୃତ୍ୟୁ ହେଲା ? ଏ ପ୍ରଶ୍ନର ଉତ୍ତର କେନ୍ଦ୍ରାପଡ଼ା ପୁଲିସ ପାଖରେ ନାହିଁ । ସେହିପରି ବଲଙ୍ଗା ଘଟଣାରେ ବି ସମାନ ଅବସ୍ଥା । ପୀଡିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ ହେଲା, ତାଙ୍କ ଦେହରେ ତିନିଜଣ ନିଆଁ ଲଗାଇ ପୋଡ଼ି ଦେଇଥିବା କଥା ଏଫ୍‌ଆଇଆର୍‌ରେ ଉଲ୍ଲେଖ ଥିଲା । ନିଜେ ପୀଡ଼ିତା ଏହି ଅଭିଯୋଗ ଆଣିଥିଲେ । କିନ୍ତୁ ତାଙ୍କ ମୃତ୍ୟୁ ପରେ ପୁଲିସର ବୟାନ ପଲଟିଗଲା । ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ବୋଲି କହି ପୁଲିସ ଚୁପ୍ ବସିଗଲା । ତାଙ୍କ ଦେହରେ କିଏ ନିଆଁ ଲଗାଇଲା? ଏସଂପର୍କରେ ତଦନ୍ତ କେତେ ବାଟ ଗଲା, ସେ କଥା ପୁଲିସକୁ ଜଣା । ଏହାରି ଭିତରେ ଏସ୍‌ପି ବି ବଦଳିଗଲେ, ହେଲେ ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଗଲା । ଏପରିକି ତଦନ୍ତରେ ବିଳମ୍ବ ଯୋଗୁଁ, ନିର୍ଦ୍ଧାରିତ ସମୟ ଭିତରେ ଚାର୍ଜସିଟ ଦାଖଲ ନକଲେ ମାମଲାଟି ଦୁର୍ବଳ ହେବାର ସମ୍ଭାବନା ରହିଛି । ଆହୁରି ମଧ ତଦନ୍ତ ବିଳମ୍ବ ଯୋଗୁ ଅପରାଧୀ ପ୍ରମାଣ ନଷ୍ଟ କରିବା ସହ ଖସିଯିବାର ସମ୍ଭାବନା ମଧ ରହିଛି । ଖୋର୍ଦ୍ଧା, ଜଙ୍କିଆ ଥାନା ଛଣଗିରିରେ ଦିନ ଦ୍ୱିପ୍ରହରରେ ବୋମାମାଡ଼ ସହ ଗୁଳି ଫୁଟାଇ ଆତଙ୍କ ଖେଳାଇଲେ ଅପରାଧୀ । ସ୍ପଷ୍ଟ ଦିବାଲୋକରେ ସୁନା ଦୋକାନରୁ ୧୧କେଜି ସୁନା ଅଳଙ୍କାର, ରୁପା ଅଳଙ୍କାର ସମେତ ନଗଦ ୧ ଲକ୍ଷ ଟଙ୍କା ଲୁଟିନେଲେ । ସେହିପରି ପୁରୀରେ ଅପରାଧୀ ଖଣ୍ଡା ଧରି ରାସ୍ତା ଉପରେ ଭଙ୍ଗାରୁଜା କରୁଥିବାର ଭିଡ଼ିଓ ଭାଇରାଲ ହୋଇଥିଲା । ଏସବୁ ଦେଖିଲେ ଲାଗୁଛି ଯେମିତି ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡିଛି । ପ୍ରତିଦିନ ଏକାଧିକ ଜିଲ୍ଲାର ଏଭଳି ଘଟଣା ପଦାକୁ ଆସୁଥିବାରୁ ବେଳେ ଅନେକ ଲୋକ ଏହାକୁ 'ଏକ୍ସ'(ପୂର୍ବରୁ ଟ୍ୱିଟ୍)ରେ ଓଡ଼ିଶା ପୁଲିସକୁ ଅଭିଯୋଗ ଜଣାଉଛନ୍ତି । ହେଲେ ଓଡ଼ିଶା ପୁଲିସ ପକ୍ଷରୁ କେବଳ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିବାକୁ ଜିଲ୍ଲା ଏସ୍‌ପିଙ୍କୁ ରି ଟ୍ୱିଟ୍ କରି ବସି ପଡୁଛି । କିନ୍ତୁ ବାସ୍ତବରେ ଓଡ଼ିଶା ପୁଲିସ ଟ୍ୱିଟ୍‌ର କିଛିବି ପ୍ରଭାବ ପଡୁନଥିବା ଏକାଧିକ ଅଭିଯୋଗକାରୀ ଅଭିଯୋଗ କରିଛନ୍ତି । ପୁଣି ଗତକାଲି ବରଗଡ଼ ଜିଲ୍ଲା ସୋହେଲା ହଳଦୀପାଲି ପେଟ୍ରୋଲ ପମ୍ପରେ ଯେଉଁ ହତ୍ୟାକାଣ୍ଡ ଘଟିଛି ତାହା ସମସ୍ତଙ୍କୁ ଚକିତ କରି ଦେଇଛି । ବଳିଷ୍ଠ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରାଯାଇଛି । ସେହିପରି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାୟଗଡା ସହରରେ ମଧ ହତ୍ୟାକାଣ୍ଡ ଘଟିଛି । କାହା ବଳରେ ଅପରାଧୀ ହଠାତ ଏମିତି ସକ୍ରିୟ ହୋଇଛନ୍ତି ଏବଂ କାହା ଚାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାରେ ପଛାଉଛି, ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ।

**ଗଣେଶ ପୂଜା ଭସାଣିରେ ଅଘଟଣ**

## ପୋଖରୀରେ ବୁଡ଼ି ଛାତ୍ର ମୃତ

ପାଣିକୋଇଲି, ୨୯।୮ (ସମିସ): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅମୃତିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଆଜି ଏକ ଅଘଟଣ ଘଟିଛି । ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ଗ୍ରାମର ବସନ୍ତ କୁମାର ସାହୁଙ୍କ ପୁଅ ସତ୍ୟପ୍ରକାଶ(୧୩) । ସେ ଗ୍ରାମରେ ଥିବା ପ୍ରହ୍ଲାଦ ଉଚ୍ଚ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର ।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୧ଟାରେ ସ୍କୁଲରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା । ଗଣେଶଙ୍କ ମୂର୍ତ୍ତିଙ୍କୁ ଧରି ବିଦ୍ୟାଳୟର ପ୍ରାୟ ୧୦ ଜଣ ପିଲା ସ୍ଥାନୀୟ ଏକ ପୋଖରୀକୁ ବିସର୍ଜନ ନିମନ୍ତେ ଯାଇଥିଲେ । ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ି ଯାଇଥିଲେ । ଏହା ଦେଖି ଗ୍ରାମବାସୀମାନେ ୯ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସତ୍ୟପ୍ରକାଶଙ୍କୁ ପାଇନଥିଲେ । ବହୁ ଖୋଜାଖୋଜି ପରେ ସତ୍ୟଙ୍କୁ ପୋଖରୀର ଗଭୀର ଜଳରୁ ଉଦ୍ଧାର କରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାର ଡାକ୍ତର ସତ୍ୟଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅପରପକ୍ଷେ, ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ବିନା ଶିକ୍ଷକରେ ପିଲାମାନଙ୍କୁ କିଏ ଓ କାହିଁକି ବିସର୍ଜନ ପାଇଁ ପଠାଇଥିଲା, ତାହାର ତଦନ୍ତ କରିବାକୁ ଦାବି ହୋଇଛି ।



ପୁରୀରେ ମହାପ୍ରଭୁଙ୍କ ଦର୍ଶନ ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସାଂସଦ ଓ ବିଧାୟକଗଣ

■ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ସୌମ୍ୟାଶ୍ରୀଙ୍କ ବାପା

## କମିଟି ସଦସ୍ୟଙ୍କୁ ଶୀଘ୍ର ବାନ୍ଧ

ବାଲେଶ୍ୱର,୨୯।୮ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାକୁ ମାସେରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୪ଜଣ ଗିରଫ ହୋଇଛନ୍ତି । କିନ୍ତୁ ଯେଉଁ ଆଇସିସି କମିଟିର ରିପୋର୍ଟ ପାଇଁ ହତାଶ ହୋଇ ଝିଅ ଆତ୍ମହତ୍ୟା କଲା, ସେ କମିଟି ସଦସ୍ୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଭିଯୋଗ କରି ଆଜି ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶି ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଛନ୍ତି ।

**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା**

ଯେଉଁମାନେ ଝିଅକୁ ଆତ୍ମହତ୍ୟା ପାଇଁ ଉସୁକାଇଥିଲେ, ଝିଅକୁ ପ୍ରତାରଣା ଏବଂ ମାନସିକ ନିର୍ଯାତନା ଦେଇଥିଲେ, ସେମାନଙ୍କ ଉପରେ ଏପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ସେ ପ୍ରଶ୍ନ କରିଛନ୍ତି । ସେମାନଙ୍କ ବିରୋଧରେ ମଧ ହତ୍ୟା ମାମଲା ରୁଜୁ ହେଉ ବୋଲି ବଳରାମ ଦାବି କରିଛନ୍ତି । ତେବେ ଉଭୟ ଜିଲ୍ଲାପାଳ ଓ ଏସ୍‌ପି ତାଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ ।

## ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୨୯।୮ (ସମିସ): ଆସନ୍ତା ସେପ୍ଟେମ୍ବର ୧ତାରିଖ (ସୋମବାର) ଦିନ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଶ୍ରୀମନ୍ଦିର ପରିଚାଳନା କମିଟି ଚୟନକୁ ନେଇ କେଁ

ପୁରୀ,୨୯।୮ (ସମିସ): ପରିଚାଳନା କମିଟି ଚୟନ ନେଇ କେଁ ସୃଷ୍ଟି ହୋଇଛି । ଅସନ୍ତୋଷ ଝାଡ଼ିଛନ୍ତି ସୁଆର ମହାସୁର ନିଯୋଗର ଜଣେ କର୍ମକର୍ତ୍ତା । ସେ କହିଛନ୍ତି, ଦୀର୍ଘ ୧ ବର୍ଷ ପରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରିଛନ୍ତି । ସରକାରଙ୍କ ପକ୍ଷରୁ ୧୦ ଜଣଙ୍କ ନାମ ପ୍ରକାଶ ପାଇଛି । ନିୟମ ଅନୁଯାୟୀ, ସେଥିରେ ୫ ଜଣ ବିଭିନ୍ନ ନିଯୋଗରୁ ଚୟନ କରାଯାଇଛି । ଏଥିରେ ରାଜ୍ୟ ସରକାର ସୁଆର ମହାସୁଆର ନିଯୋଗ ସହ ଅନ୍ୟାୟ କରିଛନ୍ତି । ସରକାର ଯେବେ କୌଣସି ସଙ୍କଟରେ ପଡ଼ିଛନ୍ତି ସେତେବେଳେ ସୁଆର ମହାସୁଆର ନିଯୋଗକୁ ସ୍ୱାର୍ଥ ନିମନ୍ତେ ବ୍ୟବହାର କରିଛନ୍ତି । ସ୍ୱାର୍ଥ ସରିଗଲା ପରେ ଅଲୋଡ଼ା, ଅଦରକାରୀ ପଦାର୍ଥ ପରି ଦୂରେଇ ଦେଇଛନ୍ତି । ସୁଆର ମହାସୁଆର ନିଯୋଗର ସମୂହ ସ୍ୱାର୍ଥକୁ କୁଠାରାଘାତ କରି ଏକ ନିର୍ଦ୍ଦିଷ୍ଟ ବଡୁସୁଆର ଗୋଷ୍ଠୀକୁ ତୃତୀୟଥର ପାଇଁ ଶ୍ରୀମନ୍ଦିର ପରିଚାଳନା ପଦ ଉଦ୍ଦେଶ୍ୟମୂଳକ ଭାବେ ଦିଆଯାଇଛି । ଯାହାକୁ ସେ ଘୋର୍ ନିନ୍ଦା କରିଛନ୍ତି । ପରିଚାଳନା କମିଟିରେ ସୁଆର ମହାସୁଆର ନିଯୋଗର ସଦସ୍ୟଙ୍କୁ ସ୍ଥାନ ଦେଇଥିଲେ ଶ୍ରୀମନ୍ଦିର ଭିତରେ ଥିବା ଅନେକ ସମସ୍ୟା ଦୂର ହୋଇପାରିଥା'ନ୍ତା । କାରଣ ସରକାର ଅନେକ କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି । ଯେପରି ସକାଳ ଧୂପରେ ଦେଖାଯାଉଥିବା ବିଶୃଙ୍ଖଳାକୁ ଶୃଙ୍ଖଳିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଥା'ନ୍ତା । ଆନନ୍ଦ ବଜାରରେ ଶୃଙ୍ଖଳା ପାଇଁ ନିଯୁକ୍ତ ୨୦ଜଣ ଏକ୍ସ ମିଲିଟାରୀ ସଭ୍ୟଙ୍କ କାର୍ଯ୍ୟ କୌଣସି ଫଳପ୍ରଦ ନୁହେଁ । ଏଥି ନିମନ୍ତେ ପ୍ରଦାନ କରାଯାଉଥିବା ମାସିକ ୫ଲକ୍ଷ ଟଙ୍କା ପ୍ରଶାସନର ଅଯଥା ବ୍ୟୟ ହେଉଛି । ମହାପ୍ରସାଦ ଦର ଚାର୍ଟ ଓ ଖଜା ଦୋକାନ ସ୍ଥାନାନ୍ତର ପୁନର୍ବାର ସ୍ଥଗିତ ରହିଛି । ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରଚୁର ପରିମାଣରେ ଡାଲ୍‌ଡା ଘିଅ ଭିତରକୁ ପ୍ରବେଶ ରୋକିବାରେ ପ୍ରଶାସନ ବିଫଳ ହୋଇଛି । ବିନା ତାଲିମ୍ ଓ ବିନା ଚୟନ ପ୍ରକ୍ରିୟାରେ ଅର୍ଥରାଶି ଦେଇ ୭୫ଜଣ ଜେଟିପି



■ ସୁଆର ମହାସୁଆର ନିଯୋଗର ସମୂହ ସ୍ୱାର୍ଥକୁ କୁଠାରାଘାତ
■ ମନ୍ଦିରକୁ ଡାଲ୍‌ଡା ଘିଅ ପ୍ରବେଶ ରୋକିବାରେ ପ୍ରଶାସନ ବିଫଳ

ସ୍ମାର୍ଟଙ୍କୁ ନିଯୁକ୍ତି କରାଯାଇଛି । ଏହା ତଦନ୍ତସାପେକ୍ଷ ଅଟେ । ପ୍ରଶାସନ ମୂଳଦାରୁଘରକୁ ଭଗ୍ନ ଅବସ୍ଥାରେ ରଖି ମହାଲକ୍ଷ୍ମୀଙ୍କର ରୋଷ ସାମଗ୍ରୀ ଘରକୁ ଦାରୁ ସଂରକ୍ଷଣ ଗୃହଭାବେ ଅନଧିକୃତଙ୍କୁ ଟେକି ଦେଇଛନ୍ତି । ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲାପରେ ମଧ ପ୍ରଶାସନ ନିରବ ରହିଛି । ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ବ୍ୟବହାର ହେବାକୁ ଥିବା ରାମ୍ପ୍ ଭୋଗମଣ୍ଡପ ପୂର୍ବରୁ କାଢ଼ିବା ଅତ୍ୟନ୍ତ ବିଳମ୍ବ ପ୍ରକ୍ରିୟା । ଏହାକୁ ବରିଷ୍ଠ ସୁପକାରମାନେ ବିରୋଧ କରୁଛନ୍ତି । ଅମୃତ ଅନ୍ନକୁ ସୁପକାରମାନେ ଭୋଗ ଲାଗିକରି ଭକ୍ତମାନଙ୍କୁ ଦେବାପାଇଁ ସ୍ଥିର ହୋଇଥିଲା । ମାତ୍ର ଏହା ବିଚାରାଧୀନ ରହିବାକୁ ସ୍ଥିର ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମିଳିତଭାବେ ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ସୁଆର ମହାସୁଆର ନିଯୋଗକୁ ହସ୍ତାନ୍ତର କରିଥିଲେ । ଉକ୍ତ ସମୟରେ ୩ ହଜାର ଭକ୍ତଙ୍କୁ କାନିକା, ଖେଚୁଡ଼ି ବଣ୍ଟନ କରିବା ପାଇଁ ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ ଓ ଶ୍ରୀମନ୍ଦିର ପରିଚାଳନା କମିଟି ଉପସ୍ଥିତିରେ ଏକ ଗୋଟି କାନିକାକୁ ୨୦୦୦ ଟଙ୍କାରେ ଦେବାପାଇଁ ସ୍ଥିର ହୋଇଥିଲା । ଆଜି ଯାଏଁ ସେହି ଟଙ୍କା ମିଳିନଥିବାରୁ ନିରୀହ ସୁପକାରମାନେ ଆଗାମୀ ଦିନରେ ହବିଷ୍ୟାଳି ଯୋଜନାରେ ଅସହଯୋଗ କରିପାରନ୍ତି । କିଛିଦିନ ତଳେ ବଳନ୍ତି ଚାଉଳକୁ ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ୨କୋଟି ୮୭ଲକ୍ଷ ଟଙ୍କାରେ ବିକ୍ରିକରି ପ୍ରଶାସନ ପାଖରେ ଦାଖଲ କରାଯାଇଛି । ସେହି ଅର୍ଥରୁ ନିଯୋଗର ଉକ୍ତ ପ୍ରସାଦ ବଣ୍ଟନ ବାବଦକୁ ବକେୟା ଥିବା ଟଙ୍କା ପରିଶୋଧ କରାଯିବା ଉଚିତ୍ । କାର୍ତ୍ତିକ ମାସରେ ପ୍ରତ୍ୟେକ ଦିନ ୧୦୦ରୁ ୧୨୦ କ୍ୱିଣ୍ଟାଲ କାଠର ବ୍ୟବସ୍ଥା ଯଦି ନ ହୁଏ, ତେବେ ଚଳିତ ବର୍ଷ ହବିଷ୍ୟାଳି ମହାପ୍ରସାଦ ନ ରାନ୍ଧିବା ପାଇଁ ଯୋଜନା କରାଯାଇଛି ବୋଲି ବିଶେଷ ସୂତ୍ରରୁ ଖବର ମିଳୁଛି । ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅର ବ୍ୟବହାର ୧ ବର୍ଷ ମଧ୍ୟରେ ପ୍ରାୟ ୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱର ବ୍ୟବସ୍ଥା କରାଯାଇଥିଲେ ମଧ ରାଜ୍ୟ ସରକାର ବାରମ୍ବାର ନିମ୍ନମାନର ଘିଅ ଯୋଗାଉଛନ୍ତି । ଯାହାଫଳରେ ସୁଆର ମହାସୁଆର ନିଯୋଗ ଭଲ ଘିଅ ପାଇଁ ଅନ୍ୟ କମ୍ପାନୀମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି ।

# ଇ-ବସ୍ ପ୍ରତି ବଢୁନି ଆଗ୍ରହ

■ ଆଗ୍ରହ ଦେଖାଉନାହାନ୍ତି ଘରୋଇ ବସ୍ ମାଲିକ
■ ଇଭି ଭିତ୍ତିଭୂମି ନଥିବାରୁ ଅନାଗ୍ରହ
■ କେବଳ ସରକାରୀ କ୍ଷେତ୍ରରେ ଚାଲୁଛି

ଭୁବନେଶ୍ୱର,୨୯।୮ (ସମିସ): ପରିବେଶ ଅନୁକୂଳ ଇ-ବସ୍ ଚଳାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଅଧିକରୁ ଅଧିକ ଇ-ବସ୍ ଚଳାଇବା ସହ ଅଧିକ ଯାତ୍ରୀ ବ୍ୟବହାର କରିବା ଉପରେ ସହରାଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ଏଥିରେ ବିଶେଷକରି ଯାତ୍ରୀଙ୍କ ପାଇଁ ସହଜ ଓ ସୁବିଧା ଯାତାୟାତ ବ୍ୟବସ୍ଥା ଉପଲବ୍ଧ ହେଉଛି । ସାଧାରଣ ପରିବହନ ସେବାରେ ଇ-ବସ୍‌ର ବ୍ୟବହାର ବୃଦ୍ଧି ପାଉଛି । ମାତ୍ର ଏହା କେବଳ ସରକାରୀସ୍ତରରେ ସୀମିତ ରହିଛି । ବେସରକାରୀସ୍ତରରେ ଏହାକୁ ଆପଣାଯାଉନି । ଏଥିସହ ଦୂରଯାତ୍ରା କ୍ଷେତ୍ରରେ ଇ-ବସ୍‌କୁ ମଧ ବର୍ତ୍ତମାନ ସୁଦ୍ଧା ବ୍ୟବହାର କରାଯାଇପାରୁନି । ରାଜ୍ୟରେ ଇ-ବସ୍ ପାଇଁ ଆବଶ୍ୟକ ଭିତ୍ତିଭୂମି ବିକଶିତ ହୋଇନି । ବିଶେଷକରି, ମରାମତି ଓ ରକ୍ଷଣାବେକ୍ଷଣ କରିବା ପାଇଁ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । ତେଣୁ ଘରୋଇ ବସ୍ ମାଲିକମାନେ ଇ-ବସ୍ ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଦେଖାଯାଉଛି ।

ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି । ଏ କ୍ଷେତ୍ରରେ ଦିଲ୍ଲୀ ପ୍ରଥମ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି । ଦେଶରେ ପରିବେଶ ଅନୁକୂଳ ଏହି ଇ-ବସ୍ ଚଳାଇବା ପାଇଁ କେନ୍ଦ୍ର ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ବିଶେଷକରି ସହରାଞ୍ଚଳରେ ଇ-ବସ୍ ଚଳାଚଳକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା କରାଯାଉଛି । ଏହି ଯୋଜନାରେ ଇ-ବସ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଏହି ଯୋଜନାରେ ସାମିଲ ହେବା ପାଇଁ ରାଜ୍ୟ ପରିବହନ ନିଗମଗୁଡ଼ିକ ସେମାନଙ୍କ ପ୍ରସ୍ତାବ କେନ୍ଦ୍ର ନିକଟକୁ ପଠାଇଲେ ଏହା ଉପରେ କେନ୍ଦ୍ର ବିଚାର କରିବ । ସେହିଭଳି ବିଭିନ୍ନ ରାଜ୍ୟର ନଗର ଉନ୍ନୟନ ବିଭାଗ ମଧ ଏଥିପାଇଁ କେନ୍ଦ୍ର ନିକଟରେ ପ୍ରସ୍ତାବ ଦେଉଛନ୍ତି ।

ସୂଚନାନୁଯାୟୀ, ସମଗ୍ର ଦେଶରେ ଏବେ ୧୪,୩୨୯ଟି ଇ-ବସ୍ ଚାଲୁଥିବା ବେଳେ ଦିଲ୍ଲୀରେ ସର୍ବାଧିକ ୩୫୬୪ଟି ଚଳାଚଳ କରୁଛି । ଏହା ପଛକୁ ମହାରାଷ୍ଟ୍ର ରହିଛି । ସେହି ରାଜ୍ୟରେ ୩୨୯୬ଟି ବସ୍ ଚଳାଚଳ କରୁଥିବା ବେଳେ କର୍ଣ୍ଣାଟକରେ ୨୨୩୬ଟି, ଉତ୍ତରପ୍ରଦେଶରେ ୮୫୦ଟି ଓ ଏହା ପଛକୁ ଓଡ଼ିଶାକୁ ୪୫୦ଟି ଇ-ବସ୍ ମିଳିଛି । ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଇ-ବସ୍ ସଂଖ୍ୟା ୨୩୮ଟି ଥିବା ବେଳେ ଛତିଶଗଡ଼ରେ ୨୧୫, ଝାଡ଼ଖଣ୍ଡରେ ୪୬ ଓ ପଶ୍ଚିମବଙ୍ଗରେ ୩୯୧ଟି ଇ-ବସ୍ ମିଳିଛି । ନୀତି ଆୟୋଗ ପକ୍ଷରୁ ସମଗ୍ର ଦେଶରେ ଏହି ପରିବେଶ ଅନୁକୂଳ ଇ-ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ହେଉଥିବା ବେଳେ ୫୦ ହଜାର ଇ-ବସ୍ ଲକ୍ଷ୍ୟ ପୂରଣ ପାଇଁ କନଭରଜେନ୍ସ ଏନର୍ଜି ସର୍ଭିସ ଲିମିଟେଡ୍ (ସିଇସିଏଲ)କୁ ୨୦୨୨ ମସିହାରେ କୁହାଯାଇଥିଲା ।

**ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କଲେ ଲେଖାଶ୍ରୀ**

## "ମହିଳାଙ୍କ ପ୍ରତି ସମ୍ମାନ କେବଳ ରାଜନୈତିକ ଚାଟୁକାରିତାରେ ସୀମିତ"

■ ନୀଳଗିରି ବିଧାୟକଙ୍କ ଅସଭ୍ୟ, ଅଶୋଭନୀୟ ଭାଷାକୁ ୨ ମାସ ପୂରିଲା
■ ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ପଦୁଟିଏ ଶବ୍ଦ ବାହାରିଲାନି

ଭୁବନେଶ୍ୱର, ୨୯।୮ (ସମିସ): ବିହାର ଦରଭଙ୍ଗାଠାରେ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱର୍ଗୀୟା ମା'ଙ୍କ ପ୍ରତି ଅପଶବ୍ଦ ପ୍ରୟୋଗକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଉଛି । ଏପରି ଅପଶବ୍ଦକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ କଡ଼ା ଭାଷାରେ ନିନ୍ଦା କରିଥିବା ବେଳେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର । ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି ।

ଲେଖାଶ୍ରୀ କହିଛନ୍ତି, ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ଉପରେ ହୋଇଥିବା ଅସଭ୍ୟ ଟିପ୍ପଣୀକୁ ଭର୍ତ୍ସନା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଧନ୍ୟବାଦ । ମହିଳାଙ୍କ ଉପରେ ଅତ୍ୟାଚାର, ଅପରାଧ ଓ ଅସମ୍ମାନର ବିରୋଧ କରିବା ଓ ଦୋଷୀଙ୍କୁ ଦଣ୍ଡିତ କରିବା ସମସ୍ତଙ୍କ ଗୁରୁଦାୟିତ୍ୱ । ମୁଖ୍ୟମନ୍ତ୍ରୀ ଭାବେ ଆପଣଙ୍କ ଦାୟିତ୍ୱ ସବୁଠାରୁ ଅଧିକ । ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ସମ୍ମାନ ପାଇଁ ଆପଣ ଅଣ୍ଟା ଭିଡ଼ିଲେ ଭଲ କଥା । ମାତ୍ର ମୋ ଉପରେ ଆପଣଙ୍କ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା କୁତ୍ସିତ, ଅସଭ୍ୟ, ଅଭଦ୍ର ମନ୍ତବ୍ୟକୁ ଦୁଇ ମାସ ବିତିଯାଇଥିଲେ ମଧ ଆପଣଙ୍କ ମୁହଁରୁ ଉଁ ଟିଏ ମଧ ବାହାରିଲା ନାହିଁ । ଆପଣଙ୍କର ମହିଳାଙ୍କ ପ୍ରତି ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ, ଅଭଦ୍ର ମନ୍ତବ୍ୟକୁ ନେଇ ବିଜେଡି ଦିଲ୍ଲୀରୁ ଓଡ଼ିଶା ଯାଏଁ ସ୍ୱର ଉତ୍ତୋଳନ କରିଆସିଛି । ଦିଲ୍ଲୀରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ରାଜ୍ୟ ପୁଲିସ ମୁଖିଆଙ୍କ ନିକଟରେ ଏନେଇ ବିଜେଡି ଫେରାଦ ହୋଇଥିଲେ ମଧ ଶ୍ରୀ ଖଟୁଆଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

**ବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ**

## ସଂସ୍କୃତ ଶିକ୍ଷକ ନିଲମ୍ବିତ

ରାଉରକେଲା/ବଣାଇ,୨୯।୮ (ସମିସ): ଗୁରୁ-ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କରେ ପୁଣି ଲାଗିଛି କଳଙ୍କ । ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ୍‌ର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ସଂସ୍କୃତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ଘଟଣାକୁ ନେଇ ଗତ ୨୦ ତାରିଖରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ ୧୧ଦିନ ପରେ ଶୁକ୍ରବାର ଲୋକଲୋଚନକୁ ଆସିଛି ।

ସୂଚନାନୁଯାୟୀ, ଗୁରୁଣ୍ଡିଆ ବ୍ଲକ୍ ଅନ୍ତର୍ଗତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଅଗଷ୍ଟ ୧୬ରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶାଗ ତୋଳିବାକୁ କହି ବିଦ୍ୟାଳୟ ପଛପଟକୁ ଡାକିନେଇ ସେଠାରେ ସ୍କୁଲର ସଂସ୍କୃତ ଶିକ୍ଷକ ଅସଦାଚରଣ କରିଥିଲେ । ଏ ବିଷୟରେ ଛାତ୍ରୀଜଣକ ପ୍ରତିବାଦ କରିବା ସହ ସାଙ୍ଗମାନଙ୍କୁ ଜଣାଇବା ପରେ ଆଉ ୭ଜଣ ଛାତ୍ରୀଙ୍କୁ ମଧ ସମ୍ପୃକ୍ତ ସଂସ୍କୃତ ଶିକ୍ଷକ ବିଦ୍ୟାଳୟ ପରିସରରେ ଅନୁରୂପ ଭାବେ ଅସଦାଚରଣ କରିଥିବା ସାମ୍ନାକୁ ଆସିଥିଲା । ଏବେ ଛାତ୍ରୀଙ୍କ ଅଭିଭାବକ ଜାଣିବା ପରେ ଗତ ୧୮ ତାରିଖରେ ୧୦ରୁ ୧ ଜଣ ଅଭିଭାବକ ବିଦ୍ୟାଳୟର କମିଟି ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ନଚେତ୍ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ଚେତାବନୀ ଦେଇଥିଲେ । ପରେ ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ସିନ୍ଦୂର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏନେଇ ଲିଖିତ ଭାବେ ଜଣାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ୪ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତକାରୀ ଅଧିକାରୀମାନେ ପୀଡ଼ିତା ଛାତ୍ରୀ ଓ ସମସ୍ତ ଶିକ୍ଷକମାନଙ୍କର ବୟାନ ରେକର୍ଡ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ରିପୋର୍ଟକୁ ଆଧାର କରି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବରିହା ଗତ ୨୦ ତାରିଖରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକଙ୍କ ନାମରେ ଗୁରୁଣ୍ଡିଆ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ ।

ଡିଇଓଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନ ଶିକ୍ଷୟିତ୍ରୀ ଗୁରୁଣ୍ଡିଆ ଥାନାରେ ସଂସ୍କୃତ ଶିକ୍ଷକଙ୍କ ନାମରେ ଗତ ୨୦ ତାରିଖରେ ଏତଲା ଦେବା ସହ ନିଲମ୍ବନ ଚିଠିର ଏକ ନକଲ ମଧ ପ୍ରଦାନ କରିଥିଲେ । ନିଲମ୍ବନ ପରେ ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ସଂସ୍କୃତ ଶିକ୍ଷକ ଯୋଗଦେଇ ଗିରଫ ହେବା ଭୟରେ ଛୁଟିରେ ନିଜ ଗାଁ ବଲାଙ୍ଗୀରକୁ ଚାଲିଯାଇଥିବା ସୂଚନା ମିଳିଛି । ସେପଟେ ଗୁରୁଣ୍ଡିଆ ଥାନାରେ ଏତଲା ଦିଆଯିବା ପରେ ଥାନା ଅଧିକାରୀ ରାମେଶ୍ୱର ସିଂହ ଏନେଇ ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କ ନାମରେ ଅସଦାଚରଣ ଓ ପୋକ୍ସୋ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି । ତେବେ ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ ଏପରି ଏକ ସମ୍ବେଦନଶୀଳ ମାମଲାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଆଖିଦୃଶିଆ ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

**ଲା-ନିନା କମାଇବ ତାପମାତ୍ରା**

## ଏ ବର୍ଷ ଶୀତ ଅଧିକ

**ଶୀଘ୍ର ଆସିବ; ଡେରିରେ ଫେରିବ**

ଭୁବନେଶ୍ୱର,୨୯।୮ (ସମିସ): ଏ ବର୍ଷ ଭଲ ଶୀତ ଅନୁଭୂତ ହେବ । ସାରା ଦେଶ ସମେତ ଓଡ଼ିଶାରେ ଭଲ ଶୀତ ହେବା ନେଇ ଏବେଠାରୁ ପୂର୍ବାନୁମାନ କରାଯାଇଛି । ଲା-ନିନାର ସକ୍ରିୟତା ଯୋଗୁଁ ରାଜ୍ୟକୁ ଶୀଘ୍ର ଶୀତ ଆସିବା ସହ ଏହାର ପ୍ରଭାବ ମଧ ଭଲ ରହିବା ନେଇ ପୂର୍ବାନୁମାନ କରାଯାଉଛି । ଆମେରିକା ଜାତୀୟ ମହାସାଗରୀୟ ଏବଂ ବାୟୁ ମଣ୍ଡଳୀୟ ପ୍ରଶାସନ (ଏନଓଏଏ) ଓ ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲୁଏମ୍ଓ) ଭଳି ସଂସ୍ଥା ଭାରତରେ ଶୀତ ପାଇଁ ସ୍ଥିତି ଅନୁକୂଳ ରହିବା ନେଇ ଆକଳନ କରିଥିବା ବେଳେ ମୌସୁମୀ ପରେ ଦେଶରେ ଚଳିତ ବର୍ଷ ଶୀତକୁ ନେଇ ମଧ ଆଶ୍ୱସ୍ତି ମିଳିଛି ।

ଏନଓଏଏଙ୍କ ଅନୁସାରେ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଲା-ନିନା ବିକଶିତ ହେବାର ପାଖାପାଖି ୫୩ ପ୍ରତିଶତ ସମ୍ଭାବନା ରହିଛି । ବର୍ଷ ଶେଷ ବେଳକୁ ଏହି ସମ୍ଭାବନା ୫୮ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରେ । ଥରେ ଏହା ଆରମ୍ଭ ହେବା ପରେ ଏହି ଜଳବାୟୁ ପ୍ରକ୍ରିୟା ଅଧିକାଂଶ ସମୟ ଶୀତ ଋତୁ ପର୍ଯ୍ୟନ୍ତ ସକ୍ରିୟ ରହେ ଓ ପ୍ରାରମ୍ଭିକ ବସନ୍ତ ଋତୁକୁ ମଧ ପ୍ରଭାବିତ କରିଥାଏ । ଲା ନିନା ଏକ ପ୍ରାକୃତିକ ଜଳବାୟୁ ପ୍ରଣାଳୀ ହୋଇଥିବା ବେଳେ ଏହା ଉଭୟ ବର୍ଷା, ଶୀତ ଓ ଖରା ଉପରେ ବଡ଼ ପ୍ରଭାବ ବିସ୍ତାର କରିଥାଏ । ଏହି ପ୍ରକ୍ରିୟାରେ ଭୂମଧ୍ୟ ରେଖୀୟ ପ୍ରଶାନ୍ତ ମହାସାଗରର ପାଣି ଅଧିକ ଥଣ୍ଡା ହୋଇଯାଏ । ଏହା ଉପର ବାୟୁମଣ୍ଡଳୀୟ ସ୍ଥିତିକୁ ମଧ ପ୍ରଭାବିତ କରେ, ଏଥିପାଇଁ ଭାରତ ସମେତ ଅଧିକାଂଶ ଦେଶରେ ଅନୁକୂଳ ପାଗ ରହିଥାଏ । ବର୍ତ୍ତମାନ ଓଡ଼ିଶା ସମେତ ସାରା ଦେଶରେ ମୌସୁମୀ ବେଶ ସ୍ୱାଭାବିକ ରହିଛି । ଉଭୟ ବଙ୍ଗୋପସାଗର ଓ ଆରବ ସାଗରରେ କ୍ରମାଗତ ଭାବେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଯୋଗୁ ମୌସୁମୀ ସକ୍ରିୟ ରହିବା ପାଇଁ ପାଗ ଅନୁକୂଳ ହେଉଛି । ଫଳରେ ଉତ୍ତରରୁ ଦକ୍ଷିଣ ଓ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ବର୍ଷା ସ୍ଥିତି ଭଲ ରହିଛି ।

ଗତ ୨୦୨୦-୨୩ ମସିହା ପର୍ଯ୍ୟନ୍ତ ଲା-ନିନା ସକ୍ରିୟ ରହିଥିଲା । ମାତ୍ର ୨୦୨୩-୨୪ରେ ଏଲ୍-ନିନୋ ସକ୍ରିୟ ରହିଥିବା ବେଳେ ଶୀତ ଉପରେ ଏହା ଗୁରୁତର ଭାବେ ପ୍ରଭାବ ପକାଇଥିଲା । ବିଶେଷ କରି ୨୦୨୪ ମସିହାରେ ଶୀତ ଉଭାନ ହୋଇଯାଇଥିଲା । ଶୀତ ଋତୁରେ ଅନେକ ସମୟରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ସହିତ ଶୀତ ଲହରୀ ସ୍ଥିତି ମଧ ଦେଖିବାକୁ ମିଳି ନ ଥିଲା । କାଁ ଭାଁ ଶୀତରେ ୨୦୨୪ ଶେଷ ହେବା ସହ ଫେବୃଆରୀ ଆରମ୍ଭରୁ ଖରାର ରାଜୁତି ଦେଖା ଦେଇଥିଲା । ଶୀତ ଋତୁରେ ତାପମାତ୍ରା ନ କମିବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଅସଙ୍ଗତି ସୃଷ୍ଟି ହୋଇଥାଏ । ଚର୍ମ ରୋଗଠାରୁ ଆରମ୍ଭ କରି ରବି ଫସଲ ମଧ ପ୍ରଭାବିତ ହୋଇଥାଏ । ବିଶେଷ କରି ଯେଉଁ ଫସଲଗୁଡ଼ିକ କମ୍ ତାପମାତ୍ରାରେ ଭଲ ଅମଳ ଦେଇଥାନ୍ତି, ସେପରି ଫସଲ କ୍ଷତିଗ୍ରସ୍ତ ହୋଇଥାଏ ।

## ପ୍ରଥମ ପର୍ଯ୍ୟାୟ ଗଣେଶ ମେଢ଼ ବିସର୍ଜନ

# ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ପରିବେଶ, ଦର୍ଶନ ପାଇଁ ଅସମ୍ଭାଳ ଭିଡ଼






ବିଦାୟ ବିଘ୍ନହର୍ତ୍ତା...




ବାଲେଶ୍ୱର,୨୯।୮ (ସମିସ)

ବିଦାୟ ନେଲେ ବିଘ୍ନହର୍ତ୍ତା। ବାଲେଶ୍ୱର ସହରରେ ଦୁଇଦିନ ଗଣେଶ ପୂଜା ଧୁମଧାମରେ ପାଳନ ହୋଇଛି। ଗଣେଶ ପୂଜାରେ ବାଲେଶ୍ୱର ସହର ମୁମ୍ବାଇକୁ ପଛରେ ପକାଇଥିବା ନେଇ ଚର୍ଚ୍ଚା ହେଉଛି। ଆକର୍ଷଣୀୟ ମୂର୍ତ୍ତି ସାଙ୍ଗକୁ ନିଆରା ପେଣ୍ଡାଲ ଏବଂ ସାଜସଜ୍ଜା ଦେଖିବା ପାଇଁ ବେଶ୍ ଗହଳି ହୋଇଥିଲା। ବିଶେଷକରି ସହରର କନଭେଣ୍ଟ ସ୍କୁଲ ରାସ୍ତା ହୋଇଥିବା ୪୫ରୁ ଅଧିକ ଗଣେଶ ଠାକୁର ଦେଖିବା ପାଇଁ ଖଚାଖଚ୍ ଭିଡ଼ ହୋଇଥିଲା। ତେବେ ବାଲେଶ୍ୱରରେ ଧୂମଧାମରେ ଗଣେଶ ପୂଜା ହେବା ପରେ ଆଜି ପ୍ରଥମ ପର୍ଯ୍ୟାୟ ବିସର୍ଜନ ଶେଷ ହୋଇଛି। ମଣ୍ଡପରୁ ଗଣେଶଙ୍କ ମୂର୍ତ୍ତି ଧାଡ଼ିରେ ଯାଇ ସିନେମା ଛକରୁ ବିସର୍ଜନ ପାଇଁ ବାହାରିଥିଲା। ଆଜି କନଭେଣ୍ଟ ସ୍କୁଲ ରୋଡ୍‌ର ପ୍ରାୟ ୪୫ରୁ ଅଧିକ ଠାକୁର ବିସର୍ଜନ ହୋଇଥିବା ଜଣାପଡିଛି। ବର୍ଷା ସତ୍ତ୍ୱେ ବି ବିସର୍ଜନ ଅପରାହ୍ଣ ସୁଦ୍ଧା ଆରମ୍ଭ ହୋଇଥିଲା। ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ସହରରେ ଶେଷ ହୋଇଛି ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ। ଏହିକ୍ରମରେ ଦିନ ବେଳୁ ଭସାଣି ଶୋଭାଯାତ୍ରାର ଆରମ୍ଭ ହୋଇଥିଲେ ହେଁ ଅପରାହ୍ଣ ପରେ ବିଭିନ୍ନ ମଣ୍ଡପର ଗଣେଶ ମୂର୍ତ୍ତିଙ୍କୁ ସହର ଉପକଣ୍ଠ ନୁଣିଆଯୋଡ଼ି ଓ ବାଲିଘାଟ ଅଭିମୁଖେ ଶୋଭାଯାତ୍ରାରେ ନିଆଯାଇଥିଲା। ଜିଲ୍ଲା ପ୍ରଶାସନ ଏବଂ ଶାନ୍ତି କମିଟିର ପୂର୍ବ ନିଷ୍ପତ୍ତି ଅନୁସାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଭସାଣି ପର୍ବ। ଭସାଣି ଉତ୍ସବକୁ ସନ୍ଧ୍ୟା ସୁଦ୍ଧା ସାରିବା ଲକ୍ଷ୍ୟରେ ଦିନ ବେଳୁ ଶୋଭାଯାତ୍ରା ଆରମ୍ଭ କରିବାକୁ ପ୍ରୟାସ କରାଯାଇଥିଲା। ମେଢ ଗୁଡିକ ରାସ୍ତା କଡରେ ଛିଡା ହୋଇ ରହିଥିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ତେବେ ରାତି ୧୦ଟା ସୁଦ୍ଧା ସମସ୍ତ ମେଢ ସିନେମା ଛକ ଅତିକ୍ରମ କରିଥିବା ଜଣାପଡିଛି। କେତେକ କ୍ଲବ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ମଧ୍ୟରେ ଶୋଭାଯାତ୍ରାରେ ଠାକୁରଙ୍କୁ ବିସର୍ଜନ ପାଇଁ ନେଉଥିବା ବେଳେ

### ୩୧ରେ ଦ୍ୱିତୀୟ ପର୍ଯ୍ୟାୟ ବିସର୍ଜନ

ବହୁ କ୍ଲବର ମେଢ ସାଙ୍ଗେ ଡିଜେ ସାଉଣ୍ଡର ତାଳେ ତାଳେ ଯୁବକମାନେ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି। ରଙ୍ଗୀନ୍ ଆଲୋକମାଳା ସହ ସୁସଜ୍ଜିତ ଗାଡ଼ିରେ ଉପବେଷ୍ଟିତ ଠାକୁରଙ୍କ ଶୋଭାଯାତ୍ରା ଅଧିକ ଆକର୍ଷଣୀୟ ଦେଖାଯାଉଥିଲା। ପ୍ରଶାସନର କଟକଣା ମଧ୍ୟରେ କ୍ଲବ ଗୁଡିକର ଭସାଣୀ ଶୋଭାଯାତ୍ରା ବେଶ୍ ଆଡମ୍ବରପୂର୍ଣ୍ଣ ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାକୁ ଦେଖିବା ପାଇଁ ସହର ରାସ୍ତାର ଦୁଇପାର୍ଶ୍ୱରେ ଲୋକଙ୍କ ଭିଡ଼ ଜମିଥିଲା। ସହରର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ପାଣିଟାଙ୍କି ଛକରୁ କାଳୀମନ୍ଦିର ଛକ ପର୍ଯ୍ୟନ୍ତ ସାଇଲେନ୍ସ ଜୋନ୍ ମଣ୍ଡପର ମୂର୍ତ୍ତି ବୁଢ଼ାବଳଙ୍ଗ ନଦୀର ବାଲିଘାଟରେ ବିସର୍ଜନ ପାଇଁ ଯାଇଥିବା ବେଳେ ଅନ୍ୟାନ୍ୟ କେତେକ ସ୍ଥାନର ମେଢ଼ ନୁଣିଆଯୋଡ଼ିରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସର ବହୁ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ଭସାଣି ପାଇଁ ସମୁଦାୟ ୨୦ ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇଛି। ଆସନ୍ତା ୩୧ ଓ ସେପ୍ଟେମ୍ବର ୨ ତାରିଖ ଦୁଇଟି ପର୍ଯ୍ୟାୟରେ ବାକି ସମସ୍ତ କ୍ଲବର ମେଢ଼ ବିସର୍ଜନ ପାଇଁ ସିଦ୍ଧାନ୍ତ ନିଆଯାଇଛି ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦେଇ ବିଭିନ୍ନ କମିଟିର କର୍ମକର୍ତ୍ତା ଡିଜେ ବ୍ୟବହାର ନିଷେଧ କରିଥିଲେ। ଅନ୍ୟପଟେ ଡାକବାଜି ଯନ୍ତ୍ରର ଶବ୍ଦସୀମା ୬୫ ଡେସିବିଲ ମଧ୍ୟରେ ସୀମିତ ରଖିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତିକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଥିଲା। ସମସ୍ତ ମେଢରେ ବିଶାଳକାୟ ଡିଜେ ଶବ୍ଦରେ ଦୁଲୁକିଥିଲା ପାଖ ଅଞ୍ଚଳ। ତେବେ ଶୋଭାଯାତ୍ରାରେ ଭଳି କି ଭଳି ଲାଇଟ ସହ ମେଢ ଦେଖିବା ପାଇଁ ମୋତିଗଞ୍ଜ ବଜାର ଅଞ୍ଚଳରେ ପ୍ରବଳ ଜନସମାଗମ ହୋଇଥିଲା। ଅନ୍ୟପଟେ ନଦୀ ସ୍ୱଚ୍ଛ ରଖିବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରବାଟୀ ଅଞ୍ଚଳର ବାଲିଘାଟ ନଦୀରେ ଅସ୍ଥାୟୀ ପୋଖରୀ ନିର୍ମାଣ ହୋଇଛି। ତେବେ ଅନେକ ସିଧାସଳଖ ନଦୀରେ ମଧ୍ୟ ଠାକୁରଙ୍କୁ ବିସର୍ଜନ କରୁଥିବା ଦେଖିବାକୁ ମିଳିଛି। ତେବେ ପ୍ରଭୁ ଗଜାନନଙ୍କ ମୂର୍ତ୍ତି ଏହି ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

## ସମାଜସେବୀ ମଧୁସୂଦନ ବେହେରାଙ୍କ ପରଲୋକ



ବାଲେଶ୍ୱର,୨୯।୮ (ସମିସ): ବସ୍ତା ବ୍ଲକ୍ କୁଣ୍ଡପୁର ଗ୍ରାମର ବିଶିଷ୍ଟ ସମାଜସେବୀ ମଧୁସୂଦନ ବେହେରାଙ୍କ ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବିଭିନ୍ନ ଧର୍ମ ଅନୁଷ୍ଠାନର ପ୍ରତିଷ୍ଠାତା ଓ ଶାନ୍ତିଧାମ ପୁରୀର ଆଜୀବନ ସଦସ୍ୟ ଥିଲେ। ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଶାନ୍ତିଧାମର କୁଣ୍ଡପୁର ଶାଖା ତରଫରୁ ତାଙ୍କର ଅନ୍ତିମ ସମ୍ମାନାର୍ଥେ ମନ୍ଦିର ନିକଟରେ ପୁଷ୍ପମାଲ୍ୟ ଓ ନୂତନ ବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ତାଙ୍କର ଏହି ଅନ୍ତିମ ଶୋଭାଯାତ୍ରାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଭକ୍ତ ଗୋଷ୍ଠୀ, ଅନୁଷ୍ଠାନ ଏବଂ ବହୁ ସଂଖ୍ୟାର ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ। ତାଙ୍କର ୬ ଭାଇ, ଏକମାତ୍ର ଝିଅ, ତିନି ପୁଅ ଓ ବୋହୂ, ନାତିନାତୁଣୀ, ଙ୍କାଇଁ ମୃତ୍ୟୁ ବେଳକୁ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବସ୍ତା ଅଞ୍ଚଳରେ ଶୋକପ୍ରକଶ ପାଇଛି।

## ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ 'ଜାତୀୟ କ୍ରୀଡ଼ା ଦିବସ'

ବାଲେଶ୍ୱର,୨୯।୮ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆଜି ସ୍ଥାନୀୟ ନିଉ ଷ୍ଟାଡିୟମ (ପରମିଟ ପଡିଆ) ସ୍ଥିତ କାର୍ଯ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସଭାପତିତ୍ୱ କରି କ୍ରୀଡ଼ା ଦିବସ ବିଷୟରେ ବକ୍ତବ୍ୟ ରଖିବା ସହିତ ଜିଲ୍ଲାର ଏହାର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ହକି ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳିତ ହୋଇଆସୁଛି। ଜିଲ୍ଲା କ୍ରୀଡା ସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଯୋଗଦେଇ ଜାତୀୟ କ୍ରୀଡ଼ା ଦିବସ ପାଳନ ବିଷୟରେ ଉପସ୍ଥିତ ଥିବା ସଭ୍ୟମାନଙ୍କୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ କ୍ରୀଡାର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସମସ୍ତ ସଭ୍ୟ ଓ କ୍ରୀଡାବିତମାନଙ୍କୁ କ୍ରୀଡାର ଉନ୍ନତି ପାଇଁ ଶପଥ ପାଠ କରାଇଥିଲେ। ଉପସଭାପତି ଜଗଦିଶ ଚନ୍ଦ୍ର ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ନାୟକ, ସଞ୍ଜୟ ଲେଙ୍କା, ଜନ୍ମେଜୟ ଦେ, ସୁକାନ୍ତ ନାୟକ, ରବିନ ମିତ୍ର, ସପନ ଖିଲାର, ଦିଲ୍ଲିପ କୁମାର ଜେନା, ସୁରଜିତ ମହାପାତ୍ର, ରବିନ୍ଦ୍ର ସାହୁ, ପ୍ରଦିପ କୁମାର ଦାସ ପ୍ରମୁଖ ସଭ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




### ଜିଲ୍ଲାରେ କ୍ରୀଡ଼ାର ଉନ୍ନତି ପାଇଁ ଆଲୋଚନା



ବିଘ୍ନରାଜ ପୂଜାମଣ୍ଡପରେ ବିଘ୍ନରାଜଙ୍କ ପାଖରେ ନାଗରାଜ ଥିବାର ଦୃଶ୍ୟ

## କଳିଙ୍ଗ ନଗର ଗ୍ରାମରେ ଶ୍ରୀ ଗଣେଶ ପୂଜା ସମ୍ପନ୍ନ



ବାଲେଶ୍ୱର,୨୯।୮ (ସମିସ): ଗଣେଶ ପୂଜା ପାଇଁ ସାରା ସହର ଉତ୍ସବମୁଖର ହୋଇଛି। ମୁମ୍ବାଇକୁ ପଛରେ ପକାଇଛି ବାଲେଶ୍ୱର ସହରରେ ଗଣେଶ ପୂଜା। ବାଲେଶ୍ୱରରେ ଧୂମଧାମରେ ପାଳିତ ହୋଇଛି ଗଣେଶ ପୂଜା। ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ସୁନ୍ଦର ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରିଛି। ଯୁବପିଢିଙ୍କ ମଧ୍ୟରେ ପୂଜା କରିବା ଆଗ୍ରହ ସହରରେ ବେଶ୍ ଦେଖିବାକୁ ମିଳିଛି। ସେହିପରି ସହର ପରି ଗାଁରେ ମଧ୍ୟ ଗଣେଶ ପୂଜା ବେଶ୍ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି। କେବଳ ଯୁବପିଢି ନୁହନ୍ତି ବରଂ ଅବସରପ୍ରାପ୍ତ ତଥା ବୟୋଜ୍ୟେଷ୍ଠମାନେ ଏକାଠି ହୋଇ ଗଣେଶ ପୂଜା କରିଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳରେ ଭାଇଚାରାର ଭାବ ସୃଷ୍ଟି କରିପାରିଛି। ପିଲାଠୁ ବୟସ୍କ ପର୍ଯ୍ୟନ୍ତ ଏହି ଗାଁ ଗଣେଶ ପୂଜାରେ ଏକାଠି ହୋଇ ପୂଜା ପାଳନ କରିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ବାଲେଶ୍ୱର ସହର ସାରଗାଁ ପଞ୍ଚାୟତ ସ୍ଥିତ କଳିଙ୍ଗ ନଗର ଗ୍ରାମରେ 'କଳିଙ୍ଗ ନଗର ବିକାଶ ପରିଷଦ' ପକ୍ଷରୁ ପୂଜା ମଣ୍ଡପରେ ଶ୍ରୀ ଶ୍ରୀ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ସାଧାରଣତଃ ଗଣେଶ ପୂଜା କଥା କହିଲେ ଯୁବକ ବା ଯୁବପିଢି ଗଣେଶ କରୁଥିବାର ନଜର ଆସେ। ହେଲେ କଳିଙ୍ଗ ନଗର ଗ୍ରାମରେ ଏହି ପରିଷଦରେ ସମସ୍ତେ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇ ଚାରି ବର୍ଷ ଧରି ଗଣେଶ ପୂଜା କରିଆସୁଛନ୍ତି। ଏହି ଉତ୍ସବରେ ଅଧିକାଂଶ ପରିଷଦର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇଥିଲେ। ପୂଜାରେ ପୂଜକ ମନ୍ତ୍ର ଉଚ୍ଚାରଣ କରି ସମଗ୍ର ଆଖପାଖ ପରିବେଶ ମୁଖରିତ କରିଥିଲେ। ପୂଜା ପାଇଁ ମଧ୍ୟାହ୍ନରେ ପ୍ରାୟ ୨୫୦ ଜଣ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଭକ୍ତ ଠାକୁରଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ

### ଭାଇଚାରାର ବାର୍ତ୍ତା ଦେଉଛି ଗାଁ ଗଣେଶ ପୂଜା

ଆଳତି କାର୍ଯ୍ୟକ୍ରମରେ ସ୍ଥାନୀୟବାସିନ୍ଦାଙ୍କ ଭଜନ ପରିବେଷଣ କରାଯାଇଥିଲା। ଭଜନ ସମୟରେ କୁନି ବାଦକ ତଥା ଡେପୁଟି କଲେକ୍ଟରଙ୍କ ସୁପୁତ୍ର ଆଶୁତୋଷ ବାଦ୍ୟ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଏହି ସମୟରେ ପ୍ରାୟ ବହୁ ଭକ୍ତ ଉପସ୍ଥିତ ରହିଥିଲେ। ଏହି ଉତ୍ସବ ପାଳନ ଦ୍ୱାରା ସମସ୍ତଙ୍କ ମଧ୍ୟରେ ଏକ ଭାଇଚାରା ଭାବ ସୃଷ୍ଟି ହୋଇପାରିଛି। ଦୀର୍ଘ ୪ ବର୍ଷ ଧରି ମହାଆଡମ୍ବରରେ ଗଣେଶ ପୂଜା ପାଳିତ ହୋଇଆସୁଛି। ତେବେ ଦୁଇ ଦିନ ପୂଜା ପରେ ଆଜି ପରିଷଦ ପକ୍ଷରୁ ବାଲିଘାଟରେ ଗଣେଶଙ୍କୁ ବିସର୍ଜନ କରାଯାଇଛି।

## ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କାର୍ଯ୍ୟକ୍ରମ

ବାଲେଶ୍ୱର,୨୯।୮ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ବର୍ଷ ଉପଲକ୍ଷେ ସ୍ୱୟଂସେବକଙ୍କ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି କ୍ରମରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମିଳିତ ଆନୁକୁଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୀମପୁରା ମଡାଗଡିଆ ଠାରେ ଅନୁଷ୍ଠିତ ଶିବିରରେ ଡା. ନିର୍ମାଲ୍ୟ ମହାପାତ୍ର, ଡା. କୁମାର ପାତ୍ର ଓ ଡା. ପାର୍ଥସାରଥୀ ପଲେଇ ଉପସ୍ଥିତ ରହି ମେଡିସିନି, ଅସ୍ଥିସଲ୍ୟ, ଗ୍ୟାଷ୍ଟ୍ରୋ, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୭୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରିଥିଲେ। ପରେ ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା। ଶିବିରକୁ ସଂଘର ଜିଲ୍ଲାସେବା ପ୍ରମୁଖ ହେମନ୍ତ ମହାନ୍ତି, ବାଲେଶ୍ୱର ନଗର କାର୍ଯ୍ୟବାହ ରମେଶ ମହାକୁଡ଼, ନଗର ସେବା ପ୍ରମୁଖ ହୃଦାନନ୍ଦ ନାୟକ, ରାମେଶ୍ୱର ଉପନଗର କାର୍ଯ୍ୟବାହ ପର୍ଶୁରାମ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ। ଭାରତୀୟ ସଂସ୍କୃତି ପ୍ରଚାର ସମିତି ଅଧ୍ୟକ୍ଷ ଗୋପାଳ ଖଣ୍ଡେଲୱାଲ ଉପସ୍ଥିତ ଥିଲେ। ବାଲେଶ୍ୱର ସହର ତଥା ଜିଲ୍ଲାର ଅନ୍ୟ ସ୍ଥାନମାନଙ୍କରେ ଆଗାମୀ ଦିନରେ ଏହିପରି ଶିବିରମାନ ଆୟୋଜିତ ହେବ ବୋଲି ସେବା ପ୍ରମୁଖ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।






## ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଘାଟିତ

### ତିନିଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଖେଳ ଓ ମୂଲ୍ୟଶିକ୍ଷା




ବାଲେଶ୍ୱର,୨୯।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ଅବସରରେ ବ୍ୟାପକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ (ଇନ୍‌ଚାର୍ଜ) ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲଙ୍କ ସହ କାର୍ଯ୍ୟକ୍ରମ ସଂଯୋଜକ ଅରୁଣ କୁମାର ନାୟକ ଓ ପିଇଓ ସଂଗ୍ରାମ କେଶରୀ ବିଶୋଇ ସହଯୋଗ କରିଥିଲେ। ଏକ ସାମୂହିକ ଶପଥପାଠ ସଭାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯେଉଁଠାରେ ଅଂଶଗ୍ରହଣକାରୀ କ୍ରୀଡାରେ ସଦାଚାର, ନ୍ୟାୟ, ଏବଂ ଉତ୍ତମତା ପ୍ରତି ସଙ୍କଳ୍ପ ପୁନଃନିର୍ଦ୍ଧାରଣ କରିଥିଲେ। ଏହା ପରେ ଶିକ୍ଷାର୍ଥୀ ଓ କର୍ମଚାରୀମାନଙ୍କର ସାର୍ବଙ୍ଗୀଣ ବିକାଶ, ଶାରୀରିକ ସୁସ୍ଥତା, ଏବଂ ସହଯୋଗୀ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ 'ଏକ ଘଣ୍ଟା ଖେଲ୍ କେ ମଇଦାନ୍ ମେଁ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ 'ଅଲିମ୍ପିକର ଆତ୍ମ' ବିଷୟରେ ବିଶେଷ ସମ୍ବୋଧନ କରିଥିଲେ। ଯେଉଁଥିରେ ଅଲିମ୍ପିକ ପ୍ରତିଯୋଗିତାର ପ୍ରକୃତ ମୂଲ୍ୟ ଏବଂ ପରିଶ୍ରମ, ସମାବେଶିତା ଏବଂ ଗ୍ଲୋବାଲ୍ ସମନ୍ୱୟ ଗଢ଼ିବାରେ ଏହାର ଗୁରୁତ୍ୱକୁ ବ୍ୟାଖ୍ୟା କରିଥିଲେ। ଏଥିସହ ନିଜର ଦୃଷ୍ଟିକୋଣରେ ଅଂଶଗ୍ରାହୀମାନଙ୍କୁ ଅଲିମ୍ପିକ୍ସ ଓ ପ୍ୟାରାଲିମ୍ପିକ୍ସର ମୂଲ୍ୟବୋଧକୁ ତାଙ୍କର ଶିକ୍ଷାନୁଷ୍ଠାନ ଏବଂ ବ୍ୟକ୍ତିଗତ ଜୀବନରେ ଅନୁସରଣ କରିବାକୁ ପ୍ରେରିତ କରିଥିଲେ। ଏହି ପ୍ରୟାସ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କେବଳ କ୍ରୀଡାରେ ଉତ୍କୃଷ୍ଟତାକୁ ପ୍ରୋତ୍ସାହିତ କରୁନାହିଁ। ସେଥିପାଇଁ ଧୈର୍ଯ୍ୟ, ସହଯୋଗ ଏବଂ ସହନଶୀଳତା ମୂଲ୍ୟକୁ ଉଚ୍ଚ ଶିକ୍ଷାର ସହିତ ସଂଯୋଜିତ କରିପାରିଛି। ପ୍ରତିଯୋଗୀତାମୂଳକ ମନୋଭାବକୁ ନୀତିମୂଳକ ଭିତ୍ତି ସହିତ ମିଶାଇ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଦାୟିତ୍ୱବୋଧ, ଶାରୀରିକ ସକ୍ରିୟତା ଏବଂ ଗଠନମୂଳକ ନାଗରିକତାକୁ ପ୍ରଜ୍ଞାପିତ କରିବାର ଲକ୍ଷ୍ୟ ରଖାଯାଇଛି।




ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ଧୂଆଁବାଣ

# ଆଣ୍ଠୁଏ ପାଣିରେ ସ୍କୁଲ ଯାଉଛନ୍ତି କୁନି କୁନି ପିଲା



ବେତନଟୀ, ୨୯।୮(ସମିସ): ବେତନଟୀ ବ୍ଲକ ସଠିଲୋ ପଞ୍ଚାୟତର ୪ ନମ୍ବର ୱାର୍ଡ ହରିଜନସାହିରେ ଦୀର୍ଘ ବର୍ଷ ହେଲା ରାସ୍ତା ସମସ୍ୟା ଲାଗିରହିଛି। ଆଦିବାସୀ ଅଧୁଷିତ ଏହି ଅଞ୍ଚଳରେ ସାମାନ୍ୟ ବର୍ଷାରେ ରାସ୍ତା ବୁଡି ଆଣ୍ଠୁଏ ପାଣି ହୋଇଯାଏ। ଫଳରେ ଗ୍ରାମବାସୀ ଓ ବିଶେଷକରି କୁନି କୁନି ଛାତ୍ରଛାତ୍ରୀ ପ୍ରତିଦିନ ସ୍କୁଲ୍ ଯିବା ପାଇଁ ହନ୍ତସନ୍ତ ହୁଅନ୍ତି। ଏହି ପାଣିରେ ଯିବାଆସିବା କରି ସେମାନେ ବିଭିନ୍ନ ସମୟରେ ବିଭିନ୍ନ ସଂକ୍ରମଣ ଜନିତ ରୋଗର ଶିକାର ହେଉଛନ୍ତି; ଯାହା ପଞ୍ଚାୟତିରାଜ ବିଭାଗର ଚରମ ଅବହେଳାକୁ ପ୍ରତିଫଳିତ କରୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନ ସମୟରେ ସରପଞ୍ଚ, ବିଧାୟକ ଓ ନେତାମାନେ ଭୋଟ ମାଗିବାକୁ ଆସି ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ନିର୍ବାଚନ ପରେ ସମସ୍ତେ ଭୁଲିଯାଆନ୍ତି। ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୧ କିମି ଦୂରରେ ଥିବା ଏହି ସାହି ପ୍ରତି ଅବହେଳା କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅବହେଳା ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ସମସ୍ୟା ଆଦିବାସୀ ସମାଜର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ଆଗାମୀ ଦିନରେ ଯଦି ଯଥାଶୀଘ୍ର ରାସ୍ତା ନିର୍ମାଣ ନହୁଏ, ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି।

## ମଙ୍ଗଳ ମୂର୍ତ୍ତି ଓ ହାପି କ୍ଲବ ପକ୍ଷରୁ ଗଣେଶ ପୂଜା



ରାସଗୋବିନ୍ଦପୁର, ୨୯।୮(ସମିସ): ରାସଗୋବିନ୍ଦପୁର ବଜାରରେ ମଙ୍ଗଳମୂର୍ତ୍ତି ଓ ହାପି କ୍ଲବ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳମୂର୍ତ୍ତି ସାର୍ବଜନୀନ ଗଣେଶ ପୂଜା କମିଟି ପକ୍ଷରୁ ୮ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ପୂଜା କରାଯାଇଥିବା ବେଳେ ସମ୍ପାଦକ ଇନ୍ଦ୍ରଜିତ ଦାସ ସଂକଳ୍ପ ହୋଇଥିଲେ। ପୂଜା ସରିବା ପରେ କମିଟି ପକ୍ଷରୁ ଲୋକଙ୍କ ପାଇଁ କାନିକା ଓ କ୍ଷିରା ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ନେଇ ସଭାପତି ଆକାଶ ମହାନ୍ତି ପ୍ରକାଶ କରିଥିଲେ। ଉପସଭାପତି ବିକ୍ରମ ଘୋଷ, ସହ ସମ୍ପାଦକ ସଉମେନ୍ ପାତ୍ର, କୋଷାଧକ୍ଷ ବିଶ୍ୱଜିତ୍ ଦାସ, ସଂଯୋଜକ ହେମନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ହାପି କ୍ଲବ ପକ୍ଷରୁ ମଧ ୮ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ପୂଜା କରାଯାଇଥିବା ବେଳେ କମିଟି ସଦସ୍ୟ ରଘୁନାଥ ଦାସ ସଂକଳ୍ପ ହୋଇଥିଲେ। ସନ୍ଧ୍ୟାରେ କ୍ଲବ ପକ୍ଷରୁ ଲୋକଙ୍କ ପାଇଁ କ୍ଷୀରା ଭୋଗର ବ୍ୟବସ୍ଥା କରାଯାଇଥିଲା। କ୍ଲବର ସଦସ୍ୟ ପ୍ରତୀକ ପଟ୍ଟନାୟକ, ସ୍ୱାଧୀନ ରଥ, ଦେବେନ୍ଦ୍ର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ୪ଟି ଗାଡ଼ିରୁ ୩୪ ଗୋରୁ ଜବତ; ୮ ଅଟକ



ମହୁଲଡିହା, ୨୯।୮(ସମିସ): ଆନନ୍ଦପୁର-କରଞ୍ଜିଆ ୫୩ନଂ. ରାଜ୍ୟ ରାଜପଥରେ ଗୋ ମାଫିଆ ପୁଲିସ ଆଖିରେ ଧୂଳିଦେଇ ବିଭିନ୍ନ ଗାଡ଼ିରେ ଚୋରାରେ ଗୋ ଚାଲାଣ କରୁଛନ୍ତି। ମହୁଲଡିହା ଥାନା ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ଖବର ପାଇ ୩୪ ଗୋରୁ ସହିତ ୪ଟି ଗାଡି ଜବତ କରିବା ସହିତ ୮ ଜଣଙ୍କୁ ଅଟକ ରଖିଛି। ଅତିରିକ୍ତ ଏସପି ଯଦୁମଣି ଜେନାଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ, ଏଏସଆଇ ସଞ୍ଜୟ କୁମାର ନାଏକ, ବିଜୟକୃଷ୍ଣ ସାନ୍ତେରା, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଏବଂ ଦୁଇ ଥାନାର ପୁଲିସ କର୍ମଚାରୀ ଚିଆଁବେଡା ଛକ ନିକଟରୁ ୪ଟି ଗାଡ଼ି ଜବତ କରି ମହୁଲଡିହା ଥାନାକୁ ଆଣିଛନ୍ତି। ୪ଟି ଗାଡିରେ ୨୯ ଟି ଗାଈ ଏବଂ ୫ ଟି ବଳଦ ଚୋରାରେ ଚାଲାଣ ହେଉଥିଲା। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଜବତ ଗାଈ ଓ ବଳଦକୁ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାନେ ହେଲେ ସୋମନାଥ ନାଏକ (୪୦), ତ୍ରିନାଥ ମୁଣ୍ଡା(୩୩), କଣ୍ଠୁରି ସିଂ (୨୪), ବିଷ୍ଣୁ ବାଗ (୩୩), ସୁକୁଲୁ ଟୁଡୁ (୨୪), ପଙ୍କଜ ପ୍ରଧାନ (୨୩), ରବୀନ୍ଦ୍ର ସୟ(୧୮) ଓ କୁନା ବେଶ୍ରା (୨୨)।

## ଶରତ ଟିଡିସିସି ଗୋଦାମ ଜରାଜୀର୍ଣ୍ଣ



ଶରତ, ୨୯।୮(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ବଜାରରେ ଥିବା ଟି.ଡି.ସି.ସି ଗୋଦାମ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ଗୋଦାମ ଗୃହଗୁଡିକ ଦୀର୍ଘ ଚାରିବର୍ଷ ହେଲା ତାଲାପଡ଼ି ରହିଛି। ଏବେ ଗୃହରେ ଶରତ ବଜାରର କିଛି ମୁଷ୍ଟିମେୟ ବ୍ୟକ୍ତିବିଶେଷ ଜିନିଷ ପତ୍ର ରଖିବା ସହିତ ସରକାରୀ କାର୍ଯ୍ୟାଳୟକୁ ମଧ ତାଲା ପକାଇ ରଖିଛନ୍ତି। ଗତ ୨୦୧୫-୧୬ ମସିହାରେ ଏହି କାର୍ଯ୍ୟାଳୟଟି ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ତେବେ ପ୍ରଶାସନ ତରଫରୁ ଏହାକୁ ଖାଲି କରାଯାଇ ସରକାରୀ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଶରତ ଅଞ୍ଚଳର ବୁଦ୍ଧିଜିବୀ ମହଲ ଦାବି କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସର୍ବେଶ୍ୱର କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ରାସଗୋବିନ୍ଦପୁର, ୨୯।୮(ସମିସ): ଗୁରୁବାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଗଡ଼ିଘାଟି ପଞ୍ଚାୟତ ସ୍ଥିତ ସର୍ବେଶ୍ୱର ଗଣେଶ ପୂଜା କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ ଆୟୋଜିତ ହୋଇଥିଲା। ଯୁବ ସମାଜସେବୀ ତରୁଣ କୁମାର ଦେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ପ୍ରାୟ ୭୦ରୁ ଅଧିକ ଲୋକଙ୍କ ମାଗଣା ରକ୍ତ, ଇସିଜି, ଆଖି ଆଦି ପରୀକ୍ଷା କରାଯାଇଥିଲା। କମିଟି ପକ୍ଷରୁ ସଦସ୍ୟ ସନୁ ବେହେରା, ଅନୁଜ ପରିଡ଼ା, ପ୍ରଶାନ୍ତ, ଚନ୍ଦନ, ଉତ୍ତମ, ସତ୍ୟମ ପ୍ରମୁଖ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର; ୪୨ ୟୁନିଟ ସଂଗୃହୀତ



ମୋରଡା/ରାସଗୋବିନ୍ଦପୁର, ୨୯।୮ (ସମିସ): ରାସଗୋବିନ୍ଦପୁର ବ୍ଲକ ନାକିଚୁଆଁ ପଞ୍ଚାୟତର ଶ୍ୟାମାନନ୍ଦପୁର ଗ୍ରାମରେ ଶୁକ୍ରବାର ସଂସ୍କାର କ୍ଲବର ୫ମ ବାର୍ଷିକ ଗଣେଶ ପୂଜୋତ୍ସବ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ସପନ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରକୁ ପୂର୍ବତନ ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଚାନ୍ଦ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରକ୍ତକେନ୍ଦ୍ର ଉଦଳା ଉପଖଣ୍ଡ ଚିକିତ୍ସାଳୟର ଡ. ଉତ୍ତମ ବିଶ୍ୱାଳ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିବା ବେଳେ ମ୍ୟାନେଜର ଅବିନାଶ କର, ଲ୍ୟାବ ଟେକିନିସିଆନ ଅଭିନ୍ନ ସୁନ୍ଦର ନାୟକ, ବିସ୍ମୟସେନ ନାୟକ, ଜିତୁ ସେଠୀ, ସ୍ମୃତିପର୍ଣ୍ଣା ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଦେଶୀ ମଦ ଓ ବାଇକ୍ ଜବତ; ୨ ଗିରଫ

ରାଇରଙ୍ଗପୁର, ୨୯।୮(ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ସହରାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ ଛକ ନିକଟରେ ଚଢ଼ଉ କରି ୩୪ ଲିଟର ଦେଶୀ ରନ୍ଧା ମଦ ଏବଂ ଗୋଟିଏ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ପିଠାକୁଟୁଣୀ ଗ୍ରାମର ଭଗାନ ମାହାଲି ଓ ସୁକୁରା ମାହାଲିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ମାମଲା ରୁଜୁ କରାଯଇଛି।

ଅଙ୍ଗନବାଡ଼ି ହେଲପର ନିଯୁକ୍ତି ମାମଲା

## ଆବେଦନକାରୀଙ୍କ ସହିତ ସାଙ୍ଘାତିକ ଖେଳ



କପ୍ତିପଦା, ୨୯।୮(ସମିସ): ଆବେଦନକାରୀଙ୍କ ସହିତ ସାଙ୍ଘାତିକ ଖେଳ। ଆବେଦନ ଫର୍ମକୁ ରାସ୍ତାରେ ଫୋପାଡ଼ି ଦେଲେ, ତାହା ପୁଣି ପାଣି ବୋହି ଯାଉଥିବା ସ୍ଥାନରେ। ନା ହୋଇଛି ନିଯୁକ୍ତି, ନା ଆବେଦନ ପତ୍ର ହୋଇଛି ଭେରିଫିକେସନ ହେଲେ ଅଫିସ ବାହାରକୁ ଯାଇ ରାସ୍ତା ଉପରେ ପଡ଼ି ରହିଲା ଆବେଦନପତ୍ର। ଏଭଳି ଏକ ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି କପ୍ତିପଦା ବ୍ଲକ ଆଇସିଡ଼ିଏସ କାର୍ଯ୍ୟାଳୟରୁ। କପ୍ତିପଦା ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ପାଣି ବୋହିଯାଇଥିବା ସ୍ଥାନରେ ପଡ଼ି ରହିଥିଲା ଆବେଦନପତ୍ର। ପିଙ୍ଗୁ ବାଦ୍ରବଣି ଅଙ୍ଗନବାଡିରେ ହେଲ୍‌ପର ପଦବୀ ନିମନ୍ତେ ପିଙ୍ଗୁ ଗ୍ରାମର ସଙ୍ଗୀତା ବିଶ୍ୱାଳ ଆବେଦନ କରିଥିଲେ। ଆବେଦନ ଫର୍ମ ସହିତ ସମସ୍ତ ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍ୟ ଦସ୍ତାବିଜ ସହିତ କପ୍ତିପଦା ଆଇସିଡ଼ିଏସରେ ଦେଇଥିଲେ; ଯାହାକି ୩ ଦିନ ପୂର୍ବରୁ ଆବେଦନକାରୀଙ୍କ ଭେରିଫିକେସନ ହେବା କଥା; କିନ୍ତୁ ହୋଇପାରିନାହିଁ। କିନ୍ତୁ ଅଚାନକ କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ତାଙ୍କ ସ୍ତ୍ରୀଙ୍କ ଆବେଦନପତ୍ର ରାସ୍ତାରେ ପଡ଼ିଥିବା ସଙ୍ଗୀତାଙ୍କ ସ୍ୱାମୀଙ୍କୁ ଫୋନ କରି ଜଣାଇଥିଲେ ଜଣେ ବ୍ୟକ୍ତି। ଖବର ପାଇ ତାଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚି ସଙ୍ଗୀତାଙ୍କ ଆବେଦନପତ୍ର ରାସ୍ତାରେ ଫୋପାଡ଼ି ଦିଆଯାଇଥିବା ଏବଂ ତାହାକୁ ଜଣେ ଯୁବକ ପାଇ ରଖିଥିବା ଜାଣିବାକୁ ପାଇଥିଲେ। ଏ ନେଇ ସିଡ଼ିପିଓଙ୍କୁ ପଚାରିବାରୁ ଅତି ବେପରୁଆ ଭାବେ କହିଛନ୍ତି ଯଦି ସେମିତି ହୋଇଛି। ତାହାହେଲେ ଉପଜିଲ୍ଲାପାଳଙ୍କ ସହିତ କଥା ହୋଇ ଯାହା କରିବେ ବୋଲି କହିଛନ୍ତି। ହେଲେ ନିଜେ କିମ୍ବା କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ସେ ଉତ୍ତରଦାୟୀ କରି ନାହାନ୍ତି। ସେପଟେ ଆବେଦନକାରୀଙ୍କ ସ୍ୱାମୀ ଏହା ପଛର କାରଣକୁ ନେଇ ପ୍ରଶ୍ନ ଉଠାଇବା ସହିତ ଘଟଣାକୁ ନେଇ ମର୍ମାହତ।

## ପୌର ପରିଷଦ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ରାଇରଙ୍ଗପୁର, ୨୯।୮(ସମିସ): ରାଇରଙ୍ଗପୁର ପୌର ପରିଷଦକୁ ସବୁଜ ସହର ଗଢିତୋଳିବା ପାଇଁ କର୍ମଚାରୀ ଏବଂ ଅଧିକାରୀମାନେ ବିଭିନ୍ନ ୱାର୍ଡରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ଏହି ଅବସରରେ ଗୁରୁବାର ପୌର ପରିଷଦ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଚେରୀ ଷ୍ଟାଡିୟମରେ ୫୦ରୁ ଅଧିକ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ପୌର ଅଧକ୍ଷ ଅଭିଷେକ ପଟ୍ଟନାୟକ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ୫ ଶହରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଶକୁନ୍ତଳା ହାଁସଦା, ଉପାଧକ୍ଷ ମମିତା ଚୌଧୁରୀ, ଜେଇ ମୃତ୍ୟୁଞ୍ଜୟ ପୋଇ, କାର୍ଯ୍ୟକ୍ରମ ଅଧିକାରୀ ନୀଳକଣ୍ଠ ବିଶ୍ୱାଳ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ। ଆସନ୍ତୁ ସଭିଏଁ ମିଳିମିଶି ସ୍ୱାୟତ୍ତ ଶାସନ ଦିବସ ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସାମିଲ ହେବା ଆହ୍ୱାନ ଦେଇଥିଲେ କର୍ମଚାରୀ।

## ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ରାଇରଙ୍ଗପୁର, ୨୯।୮(ସମିସ): ଜାମଦା ବ୍ଲକ ତାଳଗାଁ ପଞ୍ଚାୟତ ଦୁମାଡିହି ଠାରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଗାଁରୁ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ମାଟିଆଳି ସହ ଇଣ୍ଡିଆ ମେ ବହୁତ ହଲଚଲ ହେ ପାକିସ୍ତାନ ଚଲାଯାଏଗା ବହୁତ ରୋମାଞ୍ଚକର ଥିଲା। ଶେଷରେ ମାଟିଆଳି ଚାମ୍ପିଅନ ହୋଇଥିଲା ବେଳେ ଇଣ୍ଡିଆ ମେ ବହୁତ ହଲଚଲ ହେ ପାକିସ୍ତାନ ଚଲା ଯାଏଗା ରର୍ନସଅପ୍ ହୋଇ ଦ୍ୱିତୀୟ ପୁରସ୍କାର ପାଇଛି। ଏଥିସହିତ ଭଞ୍ଜସଲା ତୃତୀୟ ପୁରସ୍କାର ପାଇଥିଲା ବେଳେ ଖଡିଆଡୁଙ୍ଗରି ଚତୁର୍ଥ ପୁରସ୍କାର ପାଇଥିଲା। ପୁରସ୍କାର ବିତରଣୀ ସଭାରେ ସମ୍ମାନିତ ଅତିଥି ରୂପେ ଦୁମାଡିହି ଗାଁ ୱାର୍ଡମେମ୍ବର ବିରଞ୍ଚି ସର୍ଦ୍ଦାର ଯୋଗଦେଇଥିଲେ। ଗାନ୍ଧିଜୀ ଯୁବକ ସଂଘର ସଭାପତି ରାଜ କିଶୋର ମୁଣ୍ଡାରୀ, ସମ୍ପାଦକ ସୁନୀଲ ସର୍ଦ୍ଦାର, ଉପସଭାପତି ସାଙ୍ଗ ମାଝୀ, ସହସମ୍ପାଦକ ପ୍ରାଣବନ୍ଧୁ ସିଂ ପ୍ରମୁଖ ପରିଚାଳନା କରିଥିଲେ।

ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡା ଦିବସ-୨୦୨୫ ପାଳିତ

# 'ଖେଳକୁଦ ଶରୀରକୁ ସୁସ୍ଥ ଓ ମାନସିକ ଭାବେ ଶକ୍ତିଶାଳୀ କରେ'

ବାରିପଦା, ୨୯।୮(ସମିସ): ଗତ୨୯ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା, ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ବାରିପଦାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଛି। କ୍ରୀଡା ଛାତ୍ରବାସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଗଠାରୁ ଦୂରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡ଼ିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ଶାରିରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର



ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଖେଳାଳି ଆୟୁଷ ପଟ୍ଟନାୟକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ଅଧିକାରୀ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକି ଉଇଜାର୍ଡ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଆକ୍ରା (ଘାନା) ଠାରେ ଅନୁଷ୍ଠିତ ମେନ୍ସ ଡବଲସ ବ୍ୟାଡ଼ମିଣ୍ଟନ ଗ୍ରାଣ୍ଡସ୍ଲାମ-୨୦୨୫ରେ ରୌପ୍ୟ ପଦକ ହାସଲ କରିଥିବା ଅନ୍ତର୍ଜାତୀୟ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏବଂ ଚଳିତ ବର୍ଷ ସେପ୍ଟେମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ। ଏହାପରେ ଉପସ୍ଥିତ ସମସ୍ତେ ନିଜନିଜ ପରିବାର ବର୍ଗ ଓ ବନ୍ଧୁ ପରିଜନଙ୍କୁ ଖେଳ ଓ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଶପଥ ପାଠ କରିଥିଲେ। ଶେଷରେ ବରିଷ୍ଠ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେଫ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ, କ୍ରୀଡା ପ୍ରତିଭା, ସ୍ୱେଚ୍ଛାସେବୀ ଧ୍ୟାନଚାନ୍ଦ ଅମର ରହେ ସ୍ଲୋଗାନ ସହ ସହର ପରିକ୍ରମା କରିଥିଲେ।

**ବାରିପଦା:** ମହାନ ଅନ୍ତର୍ଜାତୀୟ ହକି ଖେଳାଳି ଧ୍ୟାନ ଚାନ୍ଦଙ୍କ ଜନ୍ମଦିବସକୁ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ମୟୂରଭଞ୍ଜ କଲେଜ ଅଫ




ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଛି। ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍ଗାରପଦା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ସରୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାଗ୍ରହଣ ସହ ଖେଳକୁ ମଧ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଖେଳ ଅଧିକାରୀ ଅଧ୍ୟାପକ ସମ୍ବିତ କୁମାର ମିଶ୍ର ରାଜ୍ୟସ୍ତରୀୟ/ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ଏକ ତାଲିକା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ଦେବାଶ୍ରିତା ବିଶ୍ୱାଳ, ଅଧ୍ୟାପିକା ସୁଜାତା ପାଲ, ଅଭିପ୍ସା ନାୟକ ଓ ଅଭିଲିପ୍ସା ଗିରି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା:** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶିକ୍ଷକ ଓ ଛାତ୍ରମାନେ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ୧୨୦ତମ ଯନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି



ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଜୀବନ କାହାଣୀ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି, ଯଶିପୁର ବ୍ଲକର ଶିକ୍ଷକ ସୁଶାନ୍ତ କୁମାର ପୃଷ୍ଟି ଜଣେ ସଫଳ କ୍ରୀଡ଼ାବିତ ହେବାପାଇଁ ହେଲେ ହକିର ଯାଦୁଗର ଧ୍ୟାନଚାନ୍ଦଙ୍କ କଠିନ ପରିଶ୍ରମ, ଏକାଗ୍ରତା, ଅନୁଶାସନ, ସମୟାନୁବର୍ତ୍ତୀ ଆଦି ଗୁଣାବଳୀକୁ ଅବଲମ୍ବନ କରିବାକୁ ଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଭାବାନ ଖେଳାଳି ବାବା ସିଂ, ଗୟା ଟୁଡୁ, ଦେବାଶିଷ କୁଁଅର, ସଞ୍ଜିତ ସିଂହ, କିସୁନ କିସ୍କୁ, ସୁନାରାମ ହେମ୍ବ୍ରମ, ନିମାଇ ମୁର୍ମୁ, କ୍ରିଷ୍ଣା ଦତ୍ତ ଓ ଦେବାଶିଷ ଗିରିଙ୍କୁ ପୁରସ୍କୃତ କରିଥିଲେ।

**ବାରିପଦା:** ବାରିପଦା ଷ୍ଟାଡିୟମ ପରିସରରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି।



ସର୍ବପ୍ରଥମେ ଅତିଥି, ଆସୋସିଏସନର କର୍ମକର୍ତ୍ତା ଭାରତୀୟ ହକି ଜଗତର ତାରକା ଧ୍ୟାନଚାନ୍ଦଙ୍କ ୧୨୦ତମ ଜୟନ୍ତୀରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଭାରତୀୟ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡାଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ସତ୍ୟନାରାୟଣ ବାରିକ, ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ, ହର୍ଷବର୍ଦ୍ଧନ ଯାଦବ, ନନ୍ଦଲାଲ ମହାପାତ୍ର, କ୍ରୀଡା ଶିକ୍ଷକ ଦିବ୍ୟ ରଞ୍ଜନ ଦାସ, ପ୍ରମୁଖ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି

ସୁପ୍ରିମକୋର୍ଟ କଲେଜିୟମରେ ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ପ୍ରତିବାଦ ଓ ପ୍ରତିକ୍ରିୟାକୁ ଅନୁଶୀଳନ କଲେ ମନେ ହୁଏ ସବୁ ଠିକ୍‌ଠାକ୍ ଚାଲିନି। ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଆର. ଗବାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫ ଜଣ ସଦସ୍ୟ ବିଶିଷ୍ଟ କଲେଜିୟମ ସେଦିନ ହାଇକୋର୍ଟର ଦୁଇଜଣ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ମନୋନୀତ କରିବାର ଥିଲା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ଯୋଗୁଁ ତାହା ୪-୧ ରେ ବିଭାଜିତ ହୋଇଥିଲା। ସବୁ ନିଷ୍ପତ୍ତି ଯେ ସହମତି ବା ମତୈକ ଭିତ୍ତିରେ ନିର୍ଦ୍ଧାରିତ ହେବ ଏକଥା ନୁହେଁ। ତେବେ ଜଷ୍ଟିସ ନାଗରତ୍ନାଙ୍କ ପ୍ରତିକ୍ରିୟାକୁ ନେଇ ସାଧାରଣରେ ଏତେ ବିଚାରବିମର୍ଶ କାହିଁକି? ଏସବୁ ସତ୍ତ୍ୱେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଆଲୋକ ଆରଧେ ଓ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ମନୋନୀତ କରାଯାଇଛି। ସରକାର ମଧ୍ୟ ତୁରନ୍ତ ଦୁଇଜଣଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ଜାରି କରିଛନ୍ତି।

ମନୋନୀତ ଦୁଇଜଣ ସୁପ୍ରିମକୋର୍ଟ ବିଚାରପତିଙ୍କ ମଧ୍ୟରୁ ଜଷ୍ଟିସ ପାଞ୍ଚୋଲିଙ୍କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି ଜଷ୍ଟିସ ନାଗରତ୍ନା। ଜନସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କ ଆପତ୍ତି ଓ ପ୍ରତିକ୍ରିୟା ସୁପ୍ରିମକୋର୍ଟ ୱେବସାଇଟରେ ସ୍ଥାନିତ କରିବାକୁ ସେ କହିଥିଲେ। କିନ୍ତୁ ୱେବସାଇଟରେ କଲେଜିୟମରେ ୪- ୧ ମତ ବିଭାଜନ ଓ ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ସ୍ଥାନ ପାଇ ନଥିବାରୁ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଜଷ୍ଟିସ୍ ନାଗରତ୍ନାଙ୍କ ଯୁକ୍ତି ଥିଲା ଯେ ଗୁଜୁରାଟରୁ ଜଷ୍ଟିସ ଜେ ବି ପାର୍ଦ୍ଦିୱାଲା ଓ ଜଷ୍ଟିସ ଏନ.ଭି ଅଞ୍ଜାରିଆ ସୁପ୍ରିମ୍‌କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ବେଳେ ଜଷ୍ଟିସ ପାଞ୍ଚୋଲି ହେବେ ତୃତୀୟ ବ୍ୟକ୍ତି। ଭୌଗୋଳିକ ସନ୍ତୁଳନ ରକ୍ଷା କରିବାରେ ଏହା କେବଳ ବାଧକ ହେବନି, ସମୟକ୍ରମେ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରିବା କଷ୍ଟକର ହୋଇପଡ଼ିବ। ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ମଧ୍ୟରେ ବରିଷ୍ଠତା ଦୃଷ୍ଟିରୁ ପାଞ୍ଚୋଲି ୫୭ ତମ ସ୍ଥାନରେ ଅଛନ୍ତି। ତାଙ୍କ ସ୍ଥାନରେ କାର୍ଯ୍ୟରତ ଅନ୍ୟ ସୁଯୋଗ୍ୟ ଓ ଦକ୍ଷ ବିଚାରପତିଙ୍କ ନାମ ବିଚାରକୁ ନିଆଯାଇପାରନ୍ତା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଯେଉଁ ପରିସ୍ଥିତିରେ ଜଷ୍ଟିସ ପାଞ୍ଚୋଲିଙ୍କୁ ଗୁଜରାଟ ହାଇକୋର୍ଟରୁ ପାଟନା ହାଇକୋର୍ଟକୁ ବଦଳି କରାଯାଇଥିଲା ତାହାର ଏହି ପ୍ରେକ୍ଷାପଟ୍ଟରେ ଚର୍ଚ୍ଚା ହେବା ଉଚିତ। ତାଙ୍କର ବଦଳି ନିର୍ଦ୍ଦେଶକୁ ସେତେବେଳେ ୯ ମାସ ଧରି ସରକାର ଅଟକାଇ ରଖିଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ପ୍ରବଳ ଚାପ ପ୍ରୟୋଗରୁ ସେ ପାଟନା ହାଇକୋର୍ଟକୁ ଆସିବା ସକାଶେ ବାଧ୍ୟ ହୋଇଥିଲେ। ଶେଷରେ ସେ ୨୦୨୩ ଜୁଲାଇରେ ପାଟନା ହାଇକୋର୍ଟରେ ଯୋଗ ଦେଇ ଜୁଲାଇ ୨୧ରେ ମୁଖ୍ୟ ବିଚାରପତି ହେଲେ। ପୁଣି ମାସ ଗୋଟାଏ ପରେ ସୁପ୍ରିମକୋର୍ଟ ବିଚାରପତି ଭାବେ ମନୋନୀତ ହେବା ଘଟଣାକୁ ସମସ୍ତେ ଠିକ ଭାବେ ଗ୍ରହଣ କରିପାରିନାହାନ୍ତି।

ପ୍ରଧାନ ବିଚାରପତି ପଦରୁ ଜଷ୍ଟିସ ଜୟମାଲ୍ୟ ବାଗଚି ଅବସର ନେବା ପରେ ଜଷ୍ଟିସ ପାଞ୍ଚୋଲି ୨୦୩୧ ରେ ଏହି ଶୀର୍ଷ ଆସନକୁ ପଦୋନ୍ନତି ପାଇବେ। ଦୀର୍ଘ ୧୮ ମାସ ଧରି ସେ ବିଚାର ବିଭାଗର ହର୍ତ୍ତାକର୍ତ୍ତା ରହିବେ। ଜଷ୍ଟିସ ନାଗରତ୍ନାଙ୍କ ରେକର୍ଡ କରାଯାଇଥିବା ଆପତ୍ତିକୁ ତାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗୋପନ ରଖିବା ଓ ଗୁଜରାଟ ଘଟଣାକ୍ରମକୁ ପର୍ଯ୍ୟାଲୋଚନା ନ କରିବା ପଛରେ କେଉଁଠି ନା କେଉଁଠି ଚାପ ବା ପ୍ରଭାବ ରହୁଛି, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ●

## ବର୍ଷା ତାଣ୍ଡବ

ଏସନ ଆଗୁଆ ମୌସୁମୀ ଆସିବାର ସୂଚନା ନେଇ କଳ୍ପନା ଆରମ୍ଭ ହୋଇଯାଇଥିବା ବେଳେ ଆଷାଢ଼ ଓ ଶ୍ରାବଣ ବର୍ଷାଭାବରୁ ଚାଷୀର ପାଗଯୋଗ ବିଗିଡ଼ି ଗଲା। ଅଗଷ୍ଟ ବା ଭାଦ୍ରବ ମାସରେ ବର୍ଷାର ତାଣ୍ଡବ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି, ସେଥିରେ କେତେ କିଏ ମରି ହଜି ଗଲେଣି ତାହାର କୌଣସି ଇୟତ୍ତା ନାହିଁ। ଜଳବାୟୁ ପରିବର୍ତ୍ତନ, ସହରୀକରଣ ଶିଳ୍ପାୟନ ଓ ଜଙ୍ଗଲ ଉଚ୍ଛେଦ ଯୋଗୁଁ ବର୍ଷା ବିପର୍ଯ୍ୟୟ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି।

ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଓ ଭୂସ୍ଖଳରେ ଜନପଦ ନିଶ୍ଚିହ୍ନ ହୋଇଯାଇଛି। ଏହି ଦୁଇ ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ସେହିଭଳି ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ ଘଟି ଦୁଇଦିନ ମଧ୍ୟରେ ୪୦ ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ମାଆ ବୈଷ୍ଣୋଦେବୀଙ୍କ ଦର୍ଶନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ସେଠାରେ ମାଟି ଅତଡ଼ା ଧସିବାରୁ ୩୬ ଜଣଙ୍କ ମୃତ୍ୟୁ ଘଟିଛି। ରାବି, ଚେନାବ ଓ ଝେଲମରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜମ୍ମୁର ନିମ୍ନାଞ୍ଚଳ ବାହ୍ୟ ଜଗତରୁ ଏବେ ମଧ୍ୟ ବିଚ୍ଛିନ୍ନ ହୋଇରହିଛି। ଦେଶର ପ୍ରମୁଖ ସହର ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ସେଠାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗଙ୍ଗାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଉତ୍ତର ପ୍ରଦେଶ ଓ ବିହାରରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ଅବସ୍ଥାରେ ଥିବା ଜନବସତି ସହ ଯୋଗାଯୋଗ ରକ୍ଷା କରାଯାଇପାରୁନି।

ମହାନଦୀରେ ବଡ଼ ବନ୍ୟା ଆସିନଥିବାରୁ ଓଡ଼ିଶାର ଉପକୂଳ ଅଞ୍ଚଳ ସୁରକ୍ଷିତ ଥିଲେ ହେଁ ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖାରେ ଜଳସ୍ତର ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। କାଣି ନଦୀରେ ୭୦ ଫୁଟ ଘାଇ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ୧୧୪ ଗାଁ ଜଳବନ୍ଦୀ ହୋଇରହିଛି।. ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। କେବଳ ଏତିକି କୁହାଯାଇପାରେ କି ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇନାହିଁ। ତେବେ ଗୋଟିକ ପରେ ଗୋଟିଏ ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ବେଳେ ଅକ୍ଟୋବର ୨ ଓ ୩ ରେ ପୁଣି ବର୍ଷା ବିପ୍ରାତର ସୂଚନା ମିଳିଛି। ତେଣୁ ପରିସ୍ଥିତି ଯେ ସୁଧୁରି ଗଲାଣି ଏକଥା ଦାବି କରାଯାଇନପାରେ। ବିଳମ୍ବିତ ମୌସୁମୀର ଗତି ଓ ଦୁର୍ଗତି ନେଇ କିଛି ଆକଳନ କରାଯାଇ ପାରିବ ନାହିଁ। ଗଣେଶ ପୂଜାଠାରୁ ଆରମ୍ଭ ହୋଇଥିବା ପାର୍ବଣର ସାଜସଜ୍ଜା ଯେ ଆଗକୁ ଭିଜି ନ ଯିବ କିଏ କହିବ। ●

# ଆଞ୍ଚଳିକ ବିକାଶ, ରାଜନୀତି ଓ ରାଷ୍ଟ୍ରନୀତି

ଡ. ଏମ୍ ଜି ପ୍ରସାଦ

ଗତ ଦୁଇ ସପ୍ତାହ ଭିତରେ ଓଡ଼ିଶାର ବିକାଶ ଧାରାରେ ଦୁଇଟି ଅଧ୍ୟାୟ ଯୋଡ଼ି ହୋଇଛି। ଗତସପ୍ତାହରେ ଛଅଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ବେଳେ ତା'ପୂର୍ବ ସପ୍ତାହରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଆଞ୍ଚଳିକ ବିକାଶ ଜରିଆରେ ଜାତୀୟ ବିକାଶ ପ୍ରକ୍ରିୟାରେ ଉପରୋକ୍ତ ଦୁଇ ପ୍ରକଳ୍ପ ସ୍ୱାଗତଯୋଗ୍ୟ ନିଶ୍ଚୟ। କିନ୍ତୁ ଏହା ସୁସ୍ଥ ସଂଘୀୟ ବ୍ୟବସ୍ଥାରେ ଏକ ବ୍ୟତିକ୍ରମ ବୋଲି ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇ ନଥା'ନ୍ତା, ଯଦି 'ଆଞ୍ଚଳିକ ବିକାଶ' 'ବିକାଶ ରାଜନୀତି'ର ରୂପ ନେଇ ନଥା'ନ୍ତା। ଦୁଇଟି ଯାକ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ଓ ଧନ୍ୟବାଦ ଅର୍ପଣରେ ମୁଖର ହେବା ପରେ ସ୍ୱାଭାବିକ ପ୍ରଶ୍ନ ଉଠୁଛି କ'ଣ ସତରେ ଓଡ଼ିଶା ଏଥିପାଇଁ ହକ୍‌ଦାର ନଥିଲା? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ବହୁଦଳୀୟ ଶାସନ ଅଧିକାର ଓ ସଂଘୀୟ ବ୍ୟବସ୍ଥା ସ୍ୱତଃ ଆଲୋଚନା ପରିସରକୁ ଆସିବ ଏବଂ ରାଷ୍ଟ୍ରନୀତିରେ ଆଞ୍ଚଳିକ ବିକାଶ ନୀତି ଅଧିକ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବ।

ରାଜନୀତିରେ 'ଆଞ୍ଚଳିକବାଦ' ଏକ ଅସ୍ପୃଶ୍ୟ ବିଚାର ନୁହେଁ, ବରଂ ଏକ ଆଦର୍ଶ, ଯାହା ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ସମାବେଶୀ ବିକାଶକୁ ସର୍ବାଦୌ ଗୁରୁତ୍ୱ ଦିଏ। କ୍ରମାଗତ କେନ୍ଦ୍ରୀୟ ଅବହେଳାରୁ 'ଆଞ୍ଚଳିକବାଦ'ର ଜନ୍ମ ହୋଇଥିବାରୁ ଜାତୀୟ ରାଜନୀତିରେ କ୍ଷମତା ଦୌଡ଼ରୁ ବହୁ ଦୂରରେ ନିରବଚ୍ଛିନ୍ନ ଓ ସମର୍ପିତ ଭାବେ ରାଜ୍ୟର ବିକାଶ ଓ ରାଜ୍ୟବାସୀଙ୍କ ସ୍ୱାର୍ଥର ସୁରକ୍ଷା ହିଁ ଆଞ୍ଚଳିକ ଦଳମାନଙ୍କର ଏକମାତ୍ର ଲକ୍ଷ୍ୟ, ଯାହା ଜାତୀୟ ଦଳମାନଙ୍କ ଆଦର୍ଶ ଓ ନୀତିରେ ବିରଳ। ଓଡ଼ିଶାରେ ଏହି ଆଞ୍ଚଳିକ ବିକାଶସର୍ବସ୍ୱ ଆଦର୍ଶର ପରିପ୍ରକାଶ ବିଜୁ ପଟ୍ଟନାୟକଙ୍କ ଅମଳରେ ଜନ୍ମ ନେଇ ତାଙ୍କ ଅବର୍ତ୍ତମାନରେ ତାଙ୍କ ନାମରେ ଗଠିତ 'ବିଜୁ ଜନତା ଦଳ'ର ଶାସନ କାଳରେ ଅଧିକ ପରିପୁଷ୍ଟ ହେଲା। ଏ ସମ୍ପର୍କରେ ଆଲୋଚନା ପୂର୍ବରୁ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳ ଗଠନର ଅପରିହାର୍ଯ୍ୟତା ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ସମୀଚୀନ ହେବ।

ଆର୍ଥିକ, ସାମାଜିକ, ଭୌଗୋଳିକ, ଧାର୍ମିକ, ଭାଷା ଓ ସଂପ୍ରଦାୟ ଆଦି ଦୃଷ୍ଟିରୁ ବିବିଧତାରେ ପରିପୂର୍ଣ୍ଣ ଭାରତ ସ୍ୱାଧୀନତା ହାସଲ କରିବା ପରେ ଯେଉଁ ଶାସନ ବ୍ୟବସ୍ଥା ସୃଷ୍ଟି କରାଗଲା, ସେଥିରେ ଭାରତ ଏକ ସଂଘୀୟ ସାଧାରଣତନ୍ତ୍ରର ମାନ୍ୟତା ପାଇଲା। ଏହା ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ସମୂହଙ୍କର ଏକ ସମାହାର ବା ସଂଘରେ ପରିଣତ ହେଲା। ସେତେବେଳେ କିନ୍ତୁ ରାଜ୍ୟ ସମୂହଙ୍କ କ୍ଷମତା, ସ୍ୱାୟତ୍ତତା ଓ ସ୍ଥିତି ଘେନି ସଂଶୟ ସୃଷ୍ଟି ହେଲା ଏବଂ ସର୍ବୋଚ୍ଚ କ୍ଷମତାଶାଳୀ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାର ଘଟକ ରାଜ୍ୟମାନଙ୍କୁ ବଚସ୍କର କରି ରଖିପାରେ ବୋଲି ଚିନ୍ତା ଉଦ୍ରେକ ହେଲା। ଏହି ସଂଶୟର ଅବସାନ ପାଇଁ ସମ୍ବିଧାନର ପ୍ରମୁଖ ପ୍ରଣେତା ବାବାସାହେବ ଆମ୍ବେଦକର ସ୍ପଷ୍ଟ କରିଥିଲେ ଯେ, 'ଭାରତର ଚିଠା ସମ୍ବିଧାନ ସ୍ୱଭାବତଃ ଏକ ସଂଘୀୟ ସମ୍ବିଧାନ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ହେବ। ପ୍ରସ୍ତାବିତ ସମ୍ବିଧାନରେ ଏହି ଦ୍ୱୈତ ଶାସନରେ କେନ୍ଦ୍ରରେ ଗୋଟିଏ ଏବଂ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ସରକାର ନିଜ ନିଜ କାର୍ଯ୍ୟ ପରିସର ଓ ଅଧିକାରଭୁକ୍ତ କ୍ଷେତ୍ରରେ ସ୍ୱାଧୀନଭାବେ ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ରହି କାର୍ଯ୍ୟ କରିବାର ଅଧିକାର ପାଇବେ।'

ସ୍ୱାଧୀନତା ପରେ ଭାରତରେ ଆଞ୍ଚଳିକ ସ୍ୱାର୍ଥ ସମ୍ବଳିତ ଆକାଂକ୍ଷା ସୃଷ୍ଟି ହେଲା ଏବଂ ଏହାକୁ ନେଇ ଅଧିକାରର ସ୍ୱର ରାଜନୀତିରେ ପ୍ରତିଫଳିତ ହେଲା। ସେସବୁ ସ୍ୱର କ୍ରମଶଃ ଶାଣିତ ହୋଇଥିଲେ ହେଁ ଜାତୀୟ ସ୍ୱାର୍ଥର ପରିପନ୍ଥୀ ନଥିଲା। ପ୍ରାୟ ସବୁ ଭାରତୀୟଙ୍କ ପାଇଁ ଜାତୀୟତା ବା ରାଷ୍ଟ୍ରୀୟତା ଏକ ଧ୍ରୁବସତ୍ୟ ଓ ସାଲିସବିହୀନ ପ୍ରଶ୍ନ ହୋଇଥିବା ବେଳେ ଆଞ୍ଚଳିକ ସ୍ୱାର୍ଥରକ୍ଷା ଏକ ପ୍ରାଥମିକ ବାସ୍ତବତା ଭାବେ କ୍ରମେ ଆତ୍ମପ୍ରକାଶ କଲା। ନିଜ ନିଜ ରାଜ୍ୟର ପ୍ରଗତି ପାଇଁ ସବୁ ରାଜ୍ୟ କେନ୍ଦ୍ରର ଉପଯୁକ୍ତ ସାହାଯ୍ୟ ସହଯୋଗ ଆଶା କଲେ। ଏଥିରେ ନିରାଶ ରାଜ୍ୟମାନେ ଦାବି ଉପସ୍ଥାପନ ଜରିଆରେ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ ହେଲେ। ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଗୋଟିଏ ଦଳର ଶାସନାଧୀନ ରହିଲା ସେତେବେଳେ 'ଆଞ୍ଚଳିକବାଦ' ଜାତୀୟ ରାଜନୀତିରେ ବିଲୀନ ହୋଇଗଲା। ସ୍ୱାଭାବିକ ଭାବେ ବିପୁଳ ସୁଯୋଗ ଓ ସମ୍ଭାବନା ସତ୍ତ୍ୱେ ରାଜ୍ୟ ବିକାଶ ଧାରା ମନ୍ଥର ହୋଇପଡ଼ିଲା ଏବଂ ରାଜ୍ୟୱାରୀ ବିକାଶରେ ବୈଷମ୍ୟ ଉତ୍କଟ ହେବାରେ ଲାଗିଲା। ଓଡ଼ିଶା ଭଳି ବହୁ ରାଜ୍ୟ ଅବହେଳିତ ହୋଇ ଦରିଦ୍ର ରାଜ୍ୟର ଅପବାଦ ମୁଣ୍ଡାଇବାରେ ଲାଗିଲେ।

ଏହି ପୁଞ୍ଜିଭୂତ ଅସନ୍ତୋଷରୁ ଜନ୍ମ ନେଲା କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ଓ ଅବହେଳା ପ୍ରସଙ୍ଗ। 'ରାଷ୍ଟ୍ରନୀତି', 'ଜାତୀୟ ରାଜନୀତି' ଓ 'ଆଞ୍ଚଳିକବାଦ' ମଧ୍ୟରେ ସୃଷ୍ଟ ଅଭାବବୋଧରୁ ଜନ୍ମ ନେଲେ ଏକାଧିକ ଆଞ୍ଚଳିକ ଦଳ। ଓଡ଼ିଶା, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ଆଦିରେ ଯେଉଁସବୁ ଆଞ୍ଚଳିକ ଦଳ ଜନ୍ମ ନେଇ କ୍ଷମତା ହାସଲ କରିବାରେ ସଫଳ ହେଲେ, ତା'ପଛରେ ଥିଲା 'ଆଞ୍ଚଳିକବାଦ'ର ବାସ୍ତବତା, ଆବଶ୍ୟକତା ଓ ଅଞ୍ଚଳବାସୀଙ୍କ ଅକୁଣ୍ଠ ସମର୍ଥନ। ଓଡ଼ିଶାରେ ବିଗତ ଶତାବ୍ଦୀର ୫୦ ରୁ ୬୦ ଦଶକ ମଧ୍ୟରେ ଗଣତନ୍ତ୍ର ପରିଷଦ, ଜନକଂଗ୍ରେସ୍, ଉତ୍କଳ କଂଗ୍ରେସ ଆଦି କେତେକ ଆଞ୍ଚଳିକ ଦଳ ଗଠିତ ହୋଇ ଜାତୀୟ ଦଳର ବିକଳ୍ପ ଭାବେ ରାଜ୍ୟ ରାଜନୀତିରେ ସଫଳତା ହାସଲ କରିଥିଲେ ହେଁ ଦୀର୍ଘସ୍ଥାୟୀ ହୋଇପାରିନଥିଲେ। ୧୯୯୭ ମସିହାରେ ବିଜୁ ଜନତା ଦଳ ଗଠନ ହୋଇ ୨୦୦୦ ମସିହାରେ ରାଜ୍ୟର ଶାସନ କ୍ଷମତା ସମ୍ଭାଳିବା ପରେ ରାଜ୍ୟ ଓ ଜାତୀୟ ରାଜନୀତିରେ ପ୍ରଥମ ଥର ପାଇଁ ଆଞ୍ଚଳିକବାଦର ବାସ୍ତବତା ଗୁରୁତ୍ୱ ପାଇଲା ଏବଂ ରାଜ୍ୟର ସ୍ୱାର୍ଥକୁ ସର୍ବାଗ୍ରେ ରଖାଗଲା। ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିକାଶ ମାନଦଣ୍ଡର ସବୁକ୍ଷେତ୍ରରେ ପଛରେ ଥିବା ଭାରତର କେବଳ ଏକ ଭୌଗୋଳିକ ପରିପ୍ରକାଶ ଥିଲା। ଓଡ଼ିଶାର ବିପୁଳ ଖଣିଜ ସମ୍ବଳକୁ କେନ୍ଦ୍ର ନିଜ ଇଚ୍ଛା ଓ ସୁବିଧା ଅନୁସାରେ ଉପଯୋଗ କରୁଥିବା ବେଳେ ରାଜ୍ୟର ବିକାଶ ପ୍ରତି ଯଥୋଚିତ ଧ୍ୟାନ ଦେଉ ନଥିଲା। ସଡ଼କ, ରେଳ ଯୋଗାଯୋଗ, ବନ୍ଦର, ଭିତ୍ତିଭୂମି, ରାଷ୍ଟ୍ରୀୟ ଉଦ୍ୟୋଗ, ଶକ୍ତି, ଯୋଗାଯୋଗ ଆଦି ଅନେକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ବହୁ ପଛରେ ପଡ଼ିଥିଲା। ବନ୍ୟା ଓ ବାତ୍ୟାର ଚିରସହଚର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁ ନ ଥିଲେ। ତେଣୁ ଏହା ବିରୋଧରେ ଯେଉଁ ରାଜନୈତିକ ସ୍ୱର ଉତ୍ତୋଳିତ ହୋଇଥିଲା ତାହାକୁ ଓଡ଼ିଶାବାସୀ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇଥିଲେ।

ଯଦି କେନ୍ଦ୍ରୀୟ ଅବହେଳା ଓ ଐତିହାସିକ ଅନ୍ୟାୟକୁ ଓଡ଼ିଶାବାସୀ ଉପଲବ୍ଧ କରି ନଥା'ନ୍ତେ ତେବେ ବିଜେଡି ଓ ଏହାର ନେତାଙ୍କୁ ୫ଟି ଲଗାତାର ନିର୍ବାଚନରେ ବିଜୟୀ କରି ନଥା'ନ୍ତେ। ଦୀର୍ଘ ୨୪ ବର୍ଷର ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ଏବେ ଓଡ଼ିଶା ଅନେକ କ୍ଷେତ୍ରରେ ଆଗୁଆ ଏବଂ ଜାତୀୟ ସ୍ତରରେ ଉଦାହରଣୀୟ ଓ ଅନୁକରଣୀୟ। ଆଞ୍ଚଳିକବାଦ ଓ ଆଞ୍ଚଳିକ ଦଳର ଶାସନ ବିନା ଏହା ସମ୍ଭବ ହୋଇପାରି ନ ଥା'ନ୍ତା କି କେବେ ମଧ୍ୟ ସମ୍ଭବ ହେବ ନାହିଁ। ବିଜେଡି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ-ସଂଗ୍ରାମକୁ ଦୃଢ଼ ଓ ଶାଣିତ କରିବା ଫଳରେ ଏବେ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଦୃଷ୍ଟିଦେବାକୁ ବାଧ୍ୟ ହେଉଛନ୍ତି। ଏହା କେନ୍ଦ୍ରର ଦୟା କିମ୍ବା ଅନୁକମ୍ପା ନୁହଁ, ରାଷ୍ଟ୍ରନୀତିର ଏକ ବାଧ୍ୟବାଧକତା। ଏଥିରେ କୃତଜ୍ଞତା ଓ ଧନ୍ୟବାଦର ପ୍ରଶ୍ନ ଉଠୁଛି କେଉଁଠି?

ଶେଷରେ ଏହା ଉଲ୍ଲେଖ କରିବା ପ୍ରୟୋଜନ ଯେ ଆଞ୍ଚଳିକବାଦକୁ ବିଚ୍ଛିନ୍ନତାବାଦର ତରାଜୁରେ ନୁହେଁ, ବରଂ ସଂଘୀୟ ବ୍ୟବସ୍ଥାର ଯବକାଚରେ ପରଖିବା ଉଚିତ ହେବ। ସବୁ ରାଜ୍ୟ ସମାନ ଭାବରେ ବିକଶିତ ହେଲେ ଯାଇ ରାଷ୍ଟ୍ର ସମୃଦ୍ଧ ଓ ସଫଳ ହେବ। ଓଡ଼ିଶା ଏ କଥା ବହୁ ଆଗରୁ କହିଆସୁଛି, ଯାହାକୁ କେନ୍ଦ୍ର ସରକାର ଏବେ ସ୍ୱୀକାର କରୁଛନ୍ତି। ବିକାଶର ଭାରସାମ୍ୟ ରକ୍ଷା ରାଜନୀତି ନୁହେଁ, ରାଷ୍ଟ୍ରନୀତିର ଏକ ଅପରିହାର୍ଯ୍ୟ ଅଂଶବିଶେଷ। ବଡ଼ କଥା ହେଲା ଟିକସ ସଂଗ୍ରହ ଓ ସମ୍ବଳ ଆବଣ୍ଟନର ସୁସ୍ଥ ବ୍ୟବସ୍ଥାରେ ସଂଘୀୟ ବ୍ୟବସ୍ଥା ସୁଦୃଢ଼ ହୋଇଥାଏ। ସେ ଦାୟିତ୍ୱ କେନ୍ଦ୍ର ଯଦି ଭୁଲିଯିବ ରାଷ୍ଟ୍ରନୀତିର ପରିପନ୍ଥୀ ବୋଲି ଧରାଯିବ ଏବଂ ଆଞ୍ଚଳିକ ସ୍ତରରେ ବିବାଦ ଓ ପ୍ରତିବାଦ ଉଠିବ। ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଆବଶ୍ୟକତା ଅନୁସାରେ ଲୋକେ ସରକାର ବାଛନ୍ତି ଏବଂ ନିଜର ଆଶା ଆକାଂକ୍ଷା ପୂରଣ କରିଥା'ନ୍ତି। ଏଥିରେ ଅସୂୟାବୋଧ ଓ ଅସ୍ୱାଭାବିକବୋଧତାର ସ୍ଥାନ ନାହିଁ। ସ୍ୱାଧୀନୋତ୍ତର ଭାରତର ରାଜନୀତିରେ ଆଞ୍ଚଳିକବାଦର ସଫଳତା ଆଧାରରେ ଆଜି ଏକାଧିକ ରାଜ୍ୟରେ ଆଞ୍ଚଳିକ ଦଳ କ୍ଷମତାରେ ଅଛନ୍ତି। ଗଣତନ୍ତ୍ରରେ ଭୋଟର ହିଁ ଭାଗ୍ୟବିଧାତା। କଥାରେ ନୁହେଁ, କାମରେ ସେମାନଙ୍କ ବିଶ୍ୱାସ ଓ ଭରସା ଜିତାଯାଇପାରେ। ନିର୍ବାଚନ ଏକ ମାଧ୍ୟମମାତ୍ର। ପ୍ରଶଂସା ଓ କୃତଜ୍ଞତା ନୁହେଁ, ଯେଉଁମାନଙ୍କ ପାଇଁ ଏ ସରକାର ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ କରିବା ସାମ୍ପ୍ରତିକ ରାଜନୀତିର ସବୁଠାରୁ ବଡ଼ ଆହ୍ୱାନ। ●

(ଅବସରପ୍ରାପ୍ତ ପ୍ରାଧ୍ୟାପକ)

# ସାମାଜିକ ଗଣମାଧ୍ୟମ ଓ ସରକାରୀ ସେବା

ବରୁଣ କୁମାର ମହାପାତ୍ର

ଫକୀର ମୋହନ ମହାବିଦ୍ୟାଳୟର ବହୁଚର୍ଚ୍ଚିତ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱର ସହ ନେବାକୁ ଦାବି ହୋଇଛି। ଆଜିକାଲି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ। ଶସ୍ତା ଇଣ୍ଟରନେଟ୍ ସାଙ୍ଗକୁ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ବି ହେଉଛି। ସାଧାରଣ ଲୋକଙ୍କ ବ୍ୟତୀତ ନେତା, ମନ୍ତ୍ରୀ, ସରକାରୀ ସଂସ୍ଥାଙ୍କ ଉପସ୍ଥିତି ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରହିଛି। ଏଭଳି ସ୍ଥଳେ ସରକାର ଓ ଲୋକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ସେତୁ ସଦୃଶ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ। ଏହାଦ୍ୱାରା ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହଟିପାରିବ। ଲୋକେ ସ୍ୱଚ୍ଛନ୍ଦରେ ସରକାରୀ ସେବାର ଲାଭ ପାଇପାରିବେ।

ସାମ୍ପ୍ରତିକ ସମୟରେ ପ୍ରାୟ ସବୁକାର୍ଯ୍ୟ ଅଙ୍ଗୁଳି ଟିପରେ ହେଉଥିବା ବେଳେ ଯୁଗ ସହ ତାଳ ଦେଇ ଏକ ସମାନ୍ତରାଳ ଡିଜିଟାଲ ଶାସନ ବ୍ୟବସ୍ଥା ପ୍ରାୟ ଅନେକ ଦେଶରେ ଲାଗୁ ହୋଇଛି। ଆମ ଦେଶରେ ମଧ୍ୟ ଉଣା ଅଧିକେ ଚାଲୁ ରହିଛି ଏଭଳି ଶାସନ ବ୍ୟବସ୍ଥା। କେନ୍ଦ୍ର ସରକାରଙ୍କ 'ଡିଜିଟାଲ ଇଣ୍ଡିଆ' ଆହ୍ୱାନକ୍ରମେ ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଓ ସେବା ଲୋକଙ୍କ ପାଖରେ ଅବିଳମ୍ବେ ପହଞ୍ଚି ପାରୁଛି। 'ଫେସବୁକ୍', 'ହ୍ୱାଟ୍‌ସଆପ୍', 'ଏକ୍ସ (ଟ୍ୱିଟର)' ଭଳି ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ଜରିଆରେ ସରକାରୀ ସଂସ୍ଥା ଓ ବିଭାଗଗୁଡ଼ିକ ସରକାରଙ୍କ ପ୍ରମୁଖ ନୀତି, ପଦକ୍ଷେପ, ଯୋଜନା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଦି ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି। ତନ୍ମଧ୍ୟରୁ କିଛି ସରକାରୀ ସଂସ୍ଥା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣି ସମାଧାନ କରନ୍ତି। ଏପରିକି କିଛି ନେତା ଓ ମନ୍ତ୍ରୀ ନିଜେ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଲୋକଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆପତ୍ତି, ଅଭିଯୋଗ ଶୁଣିଥା'ନ୍ତି। ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ ଭଳି ରାଜ୍ୟର ପୁଲିସ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ବି ଗ୍ରହଣ କଲେଣି।

ଡିଜିଟାଲ ଶାସନ ପ୍ରଣାଳୀ ଏକ ସମ୍ଭାବନାପୂର୍ଣ୍ଣ ବ୍ୟବସ୍ଥା। କିନ୍ତୁ କିଛି ଅନ୍ତରାୟ ଯୋଗୁଁ ଆମ ଦେଶରେ ଏହାର ପୂର୍ଣ୍ଣ ଉପଯୋଗ ହୋଇପାରୁନି। ଏ ଦିଗରେ ଏକ ମୁଖ୍ୟ ସମସ୍ୟା ହେଉଛି ଆମ ଲୋକଙ୍କ ଡିଜିଟାଲ ନିରକ୍ଷରତା। ଗତ କିଛିବର୍ଷ ମଧ୍ୟରେ ଭାରତରେ ଟେଲି ସାନ୍ଦ୍ରତା ଦ୍ରୁତ ଗତିରେ ବଢ଼ିଛି। ସଦ୍ୟତମ ସରକାରୀ ତଥ୍ୟ ଅନୁସାରେ ଆମ ଦେଶରେ ଟେଲି ସାନ୍ଦ୍ରତା ସମ୍ପ୍ରତି ୮୫ ପ୍ରତିଶତ। ଅର୍ଥାତ୍ ପ୍ରତି ୧୦୦ ଲୋକଙ୍କ ମଧ୍ୟରେ ୮୫ ଜଣ ଟେଲିଫୋନ୍ ବ୍ୟବହାର କରନ୍ତି। ଏମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ହେଉଛନ୍ତି ସ୍ମାର୍ଟଫୋନ୍ ବ୍ୟବହାରକାରୀ। କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ ଲୋକ ଫୋନ୍‌ରେ କଥା ହେବା ଛଡ଼ା ଏହାର ଅନ୍ୟ ଉପଯୋଗୀ ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଯେପରିକି ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ସେବା ପାଇବା ହେଉ ଅବା ସାମାଜିକ ଗଣମାଧ୍ୟମର ବ୍ୟବହାର; ଏ ସବୁ ବିଷୟରେ ସେମାନଙ୍କର ଜ୍ଞାନ ନ ଥାଏ କିମ୍ବା ଏଥିପ୍ରତି ସେମାନେ ଆଗ୍ରହୀ ନ ଥା'ନ୍ତି।

ଏହାଛଡ଼ା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଧିକାଂଶ ମନ୍ତ୍ରୀ, ନେତା ଓ ସରକାରୀ ବିଭାଗଗୁଡ଼ିକର ଆକାଉଣ୍ଟ ଥିଲେ ମଧ୍ୟ ସେଗୁଡ଼ିକ ବହୁଦିନ ଧରି ନିଷ୍କ୍ରିୟ କିମ୍ବା କ୍ୱଚିତ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥାଏ। ଆଉ କିଛି ସରକାରୀ ବିଭାଗ କେବଳ ଚିରାଚରିତ ନଥିପତ୍ର ଜରିଆରେ କାମ କରିବାକୁ ପ୍ରାଧାନ୍ୟ ଦିଅନ୍ତି। ସାମାଜିକ ଗଣମାଧ୍ୟମରେ ହ୍ୟାକିଂ ଭୟ ମଧ୍ୟ ଅନେକଙ୍କୁ ଏପରି ମାଧ୍ୟମ ବ୍ୟବହାର କରିବା ପାଇଁ ନିବୃତ୍ତ କରିଥାଏ।

ସମ୍ପ୍ରତି ଆମ ଶାସନ ବ୍ୟବସ୍ଥାର ପ୍ରତିସ୍ତରରେ ଦୁର୍ନୀତି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଦୁର୍ନୀତିର ମୂଳୋତ୍ପାଟନ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଫଳସ୍ୱରୂପ ସରକାରୀ ଯୋଜନାର ସଫଳ ରୂପାୟନ ଓ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ପରିପ୍ରେକ୍ଷୀରେ ଡିଜିଟାଲ ଶାସନ ବ୍ୟବସ୍ଥାର ସଠିକ୍ ଉପଯୋଗ ଏକ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ଶାସନ ସୁନିଶ୍ଚିତ କରିପାରିବ। ଏଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ଉନ୍ନତ ତଥା ସୁରକ୍ଷିତ ଡିଜିଟାଲ ଭିତ୍ତିଭୂମି ତିଆରି କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ଲେକଙ୍କୁ ଏପରି ଶାସନ ପ୍ରଣାଳୀର ଉପାଦେୟତା ଏବଂ ଏହାର ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ପଡ଼ିବ। ଡିଜିଟାଲ ଶାସନ ବ୍ୟବସ୍ଥାରେ ଡାଟା ସୁରକ୍ଷା ଓ ଗୋପନୀୟତା ଏକ ବଡ଼ ଆହ୍ୱାନ। କାରଣ ଏଭଳି ଶାସନ ପ୍ରଣାଳୀରେ ସରକାରୀ ବିଭାଗଗୁଡ଼ିକର ଗୋପନ ତଥା ସମ୍ବେଦନଶୀଳ ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ। ତେଣେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ଗୋପନୀୟତା ମଧ୍ୟ ଚୋରି ହେବାର ବିପଦ ରହିଛି। ଉଭୟ ସରକାରୀ ସଂସ୍ଥା ଓ ଲୋକଙ୍କ ଗୋପନୀୟତା ରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନିଆଗଲେ ଏଭଳି ଶାସନ ବ୍ୟବସ୍ଥାର ସୁଫଳ ସାଧାରଣ ଜନତାଙ୍କୁ ସହଜରେ ମିଳିପାରିବ। ●

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ତିବ୍ବତରେ ଲାମା

ପ୍ରବୀର କୁମାର ପଟ୍ଟନାୟକ

'ଲାମା' ଶବ୍ଦର ଅର୍ଥ ହେଲା ଉଚ୍ଚତର ପଦମର୍ଯ୍ୟାଦାଯୁକ୍ତ ବା ଊର୍ଦ୍ଧ୍ୱସ୍ଥ ଅଥବା ମଠାଧୀଶ - 'ତାଙ୍କଠାରୁ ଊର୍ଦ୍ଧ୍ୱରେ ଉଚ୍ଚସ୍ଥାନରେ ଆଉ କେହି ନୁହନ୍ତି।' ଏସବୁର ଅର୍ଥ ସଂସ୍କୃତରେ 'ଗୁରୁ'। 'ଗୁରୁ' ହେଉଛନ୍ତି ଯେ ବୌଦ୍ଧଧର୍ମରେ ଶିଷ୍ୟଙ୍କୁ ଦୀକ୍ଷିତ କରିବାର କ୍ଷମତା ରଖିଥିବା ଉଚ୍ଚସ୍ତରର ସନ୍ନ୍ୟାସୀ ସେ ହେଉଛନ୍ତି 'ଲାମା'। 'ଲାମା' କୌଣସି ଅବତାର ପୁରୁଷ ନୁହନ୍ତି କିମ୍ବା ସବୁ ଅବତାର ପୁରୁଷ 'ଲାମା' ନୁହନ୍ତି। ତିବ୍ବତୀୟ, ମଙ୍ଗୋଲୀୟ ଓ ମାଞ୍ଚୁରୀୟ ଧର୍ମଶାସ୍ତ୍ର ଏବଂ ସରକାରୀ ନୀତିନିୟମ 'ଲାମା'ମାନଙ୍କର ଆଧ୍ୟାତ୍ମିକ କ୍ଷମତା, କର୍ତ୍ତୃତ୍ୱ ଏବଂ ଐହିକ ବା ପାର୍ଥିବ ନିରାପତ୍ତା ଆଦି ଧାର୍ଯ୍ୟ କରିଛନ୍ତି।

'ଲାମା' ଅର୍ଥାତ୍ 'ଗୁରୁ' ବା 'ପୁରୋହିତ' ଶବ୍ଦ ତିବ୍ବତରେ ବୌଦ୍ଧ ଧର୍ମର ପ୍ରବେଶ ପୂର୍ବରୁ ପ୍ରଚଳିତ ଥିଲା। ସ୍ଥାନୀୟ 'ବନ୍' ଧର୍ମର ପୁରୋହିତଙ୍କୁ ମଧ୍ୟ 'ଲାମା' କୁହାଯାଉଥିଲା। 'ଲାମା' ଶବ୍ଦର ଐତିହାସିକ ପ୍ରଚଳନ ତିବ୍ବତୀୟ ବ୍ୟାକରଣରେ ମଧ୍ୟ ଦେଖାଯାଏ। ଯେଉଁ ବ୍ୟାକରଣ ହେଉଛି ଖ୍ରୀ ୬୪୦ ବେଳକୁ ଥୋନ୍‌ମି ସମ୍ଭୋଟା ପ୍ରଚଳନ କରିଥିଲେ। ସେଥିରେ ସେ ସମସ୍ତ 'ଲାମା'ଙ୍କୁ ସମ୍ମାନ ଜଣାଇଛନ୍ତି। ଏହି ସବୁ 'ଲାମା' ନିଶ୍ଚିତ ଭାବେ ଭାରତୀୟ 'ଲାମା', ଯେଉଁମାନଙ୍କଠାରୁ ଥୋନ୍‌ମି ଶିକ୍ଷାଲାଭ କରିଥିଲେ ଭାରତରେ।

ତିବ୍ବତରେ କିନ୍ତୁ 'ଲାମା' ଶବ୍ଦ ବା ଚିହ୍ନିତ କରିବାର ଶ୍ରେଣୀ ପ୍ରଥମେ ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ମହାଗୁରୁ ବା ଗୁରୁ ରିନ୍‌ପୋଚେ ଭାବେ ପରିଚିତ ପଦ୍ମସମ୍ଭବ ତିବ୍ବତରୁ 'ବନ୍' ଧର୍ମର ଲାମାମାନଙ୍କୁ ପ୍ରାୟ ମୂଳପୋଛ କରି ଦେଇଥିଲେ। କିନ୍ତୁ ବୌଦ୍ଧ ଧର୍ମର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମିତ୍ତ ସେ ସ୍ଥାନୀୟ ପୁରୋହିତମାନଙ୍କର ଏକ ସଂଘ ଗଠନ କଲେ। ପ୍ରଥମ କରି ଏହି ସଂଘରେ ମହାଗୁରୁ ପଦ୍ମସମ୍ଭବ ସାତଜଣଙ୍କୁ ଦୀକ୍ଷିତ କରାଇ ଭର୍ତ୍ତି କରାଇଲେ। ଏହି ସାତଜଣ ଦୀକ୍ଷିତ ଶିଷ୍ୟ ହେଲେ ତିବ୍ବତର ପ୍ରଥମ 'ଲାମା'। ଏହି 'ଲାମା' ଓ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ 'ଲାମା'ମାନେ ତିବ୍ବତର ପ୍ରଥମ ରାଷ୍ଟ୍ରୀୟସ୍ତରର ସର୍ବୋଚ୍ଚ ମଣ୍ଡଳୀ ବା କର୍ତ୍ତା ଭାବେ ସ୍ୱୀକୃତ ହେଲେ। ଏପରିକି ରାଷ୍ଟ୍ରୀୟ ମାର୍ଯ୍ୟାଦାରେ ରାଜାମାନେ 'ଲାମା'ଙ୍କ ପରବର୍ତ୍ତୀ ପଦବୀର କର୍ମକର୍ତ୍ତା ଭାବେ ଗଣା ଯାଉଥିଲେ।

## ଦ୍ୱିତୀୟ-ବୁଦ୍ଧ କଥା

ଏହିପରି ଭାବେ ତିବ୍ବତରେ ବୌଦ୍ଧ ଧର୍ମ ଗୁରୁ (ଲାମା) ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ସେ ହେଉଛନ୍ତି ତିବ୍ବତୀୟ ବୌଦ୍ଧ ଧର୍ମର ତ୍ରାଣକର୍ତ୍ତା; ସେହିଁ ତିବ୍ବତୀୟ ବୌଦ୍ଧ ଧର୍ମର ଇତିହାସରେ ପ୍ରଥମ 'ଗୁରୁ' ଭାବେ ପରିଚିତ ଓ ପ୍ରତିଷ୍ଠିତ। ଖ୍ରୀ ୮୧୨ ରେ ରାଜହତ୍ୟା ପରେ ପରେ ପରବର୍ତ୍ତୀ ଦୁଇ ଶତାବ୍ଦୀ ପରେ ପୁଣି ବୌଦ୍ଧ ସନ୍ନ୍ୟାସୀମାନେ ପୂର୍ବଭଳି ସମ୍ମାନଜନକ ମୁଖ୍ୟସ୍ରୋତକୁ ଫେରି ଆସିଲେ। ଏହା ପରଠାରୁ ବୌଦ୍ଧ ଧର୍ମରେ ଯେଉଁ ତ୍ରିରତ୍ନ ବୁଦ୍ଧ, ଧର୍ମ, ସଂଘ ଶରଣରେ ବୋଲି କୁହାଯାଉଥିଲା ଏହି ସମୟରେ ତା' ପୂର୍ବରୁ 'ଲାମା ଶରଣେ' କୁହାଗଲା। ପ୍ରାରମ୍ଭିକ କାଳରେ 'ଲାମା ଶରଣେ' କୁ ମୁଖ୍ୟତଃ ଆଧ୍ୟାତ୍ମିକ ଓ ନୈତିକ ଅର୍ଥରେ ବୁଝାଯାଉଥିଲା। 'ଲାମା'ମାନେ ବୌଦ୍ଧ ଧର୍ମଶାସ୍ତ୍ରର ଦାୟିତ୍ୱ ଓ ଶିକ୍ଷାନୁଷ୍ଠାନ ପରିଚାଳନାର ମୁଖ୍ୟଭାବେ ରହୁଥିବାରୁ 'ଲାମା' ସାଧାରଣତଃ ସମାଜରେ ଏକ ପ୍ରତିଷ୍ଠାସମ୍ପନ୍ନ ଓ ସମ୍ମାନାସ୍ପଦ ପଦବୀ ଭାବେ ଗଣ୍ୟ ହେଉଥିଲେ ଏବଂ ତାଙ୍କ ଶରଣରେ ଯିବା ସ୍ୱାଭାବିକ ଥିଲା। ପରବର୍ତ୍ତୀ କାଳରେ ପ୍ରାୟ ଗୋଟିଏ ଶତାବ୍ଦୀ (ଖ୍ରୀ ୧୨୫୦ରୁ)ଧରି ଶାକ୍ୟ ସଂପ୍ରଦାୟର 'ଲାମା'ମାନେ ସରକାର ଅର୍ଥାତ୍ ଶାସନ ଦାୟିତ୍ୱ ମଧ୍ୟ ତୁଲାଇଲେ।

ପଞ୍ଚଦଶ ଶତାବ୍ଦୀ ଆରମ୍ଭ ବେଳକୁ 'ଗେଲୁଗ୍‌ସର୍ପା' ସଂପ୍ରଦାୟର ଉତ୍ଥାନ ପୂର୍ବରୁ କେନ୍ଦ୍ର ତିବ୍ବତରେ କିଶୁକାଳ 'କର୍ମପା' ଲାମାମାନେ ମଧ୍ୟ ଶାସନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଗେଲୁଗ୍‌ସର୍ପା ଗୋଷ୍ଠୀ ଅନ୍ତର୍ଭୁକ୍ତ 'ଦଲାଇଲାମା' ତିବ୍ବତରେ ଖ୍ରୀ ୧୬୪୨-୧୯୫୦ ପର୍ଯ୍ୟନ୍ତ ପ୍ରାୟ ତିନିଶହ ବର୍ଷ ତିବ୍ବତରେ ଶାସନ ଦାୟିତ୍ୱରେ ଥିଲେ ଭାରତ ଆସିବା ପର୍ଯ୍ୟନ୍ତ। ଭାରତରେ ମଧ୍ୟ ନିର୍ବାସିତ ଅବସ୍ଥାରେ ତିବ୍ବତୀୟମାନଙ୍କର ଶାସନ ମୁଖ୍ୟ ଭାବେ ଦଲାଇଲାମା ହିଁ ରହିଛନ୍ତି। ତିବ୍ବତରେ ବୌଦ୍ଧଧର୍ମର ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏଣୁ ଏହି ନିର୍ଦ୍ଦିଷ୍ଟ ସଂପ୍ରଦାୟ ହାତରେ ଶାସନ ଦାୟିତ୍ୱ ରହିବା କାଳରେ ସେମାନେ ସବୁ ବିଭିନ୍ନ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ସୁବିଧା ସୁଯୋଗ ଓ ନିରାପତ୍ତା ଭୋଗ କରିବା ଫଳରେ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିବା ସହ ତିକ୍ତ ସଂପର୍କ ରହୁଥିଲା। ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରହସ୍ୟଘେରରେ ଆଇନଜୀବୀଙ୍କ ଆତ୍ମାହୁତି

ଭୁବନେଶ୍ୱର, ୨୯ ।୮ (ସମିସ): ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରା ଅଞ୍ଚଳର ଆଇନଜୀବୀ ଦୀପକ କୁମାର ସାହୁ ଗତକାଲି ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି । ଏହି ଘଟଣାକୁ ୨୪ ଘଣ୍ଟା ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିପାରିନାହିଁ । ସେ ନିଜେ ପେଟ୍ରୋଲ ଢାଳି ଆତ୍ମାହୁତି କରିଛନ୍ତି ନା ତାଙ୍କୁ କେହି ନିଆଁ ଲଗାଇ ଦେଇଛନ୍ତି, ତାହା ପୁଲିସ୍ ସ୍ପଷ୍ଟ କରିନାହିଁ।

ଗତକାଲି ରାତିରେ ପତ୍ନୀ ଖାଇବାକୁ ବାଢ଼ିଥିଲେ। ହେଲେ ଗରମ ଲାଗିଥିବା କହି ଛାତ ଉପରକୁ ଯାଇଥିଲେ। ଦୀର୍ଘ ସମୟ ଧରି ନ ଆସିବାରୁ ଖାଇବା ପାଇଁ ଦୀପକଙ୍କୁ ଡାକିବାକୁ ଯାଇଥିଲେ ପତ୍ନୀ, ହେଲେ ଶିଡି ଘର କବାଟ ବନ୍ଦ ଥିଲା । ପରେ ଚର୍ତୁଥ ମହଲା ଘରୁ ନିଆଁ ଓ ଧୂଆଁ ବାହାରୁ ଥିବା ଦେଖି ଚିତ୍କାର କରି ଅନ୍ୟ ମାନଙ୍କୁ ଡାକିଥିଲେ। ପଡ଼ିଶା ଘର ଛାତ ଦେଇ ଦୀପକଙ୍କୁ ଉଦ୍ଧାର କରାଗଲା, କିନ୍ତୁ ସେତେବଳେକୁ ଦୀପକ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲେ। ଦୀପକଙ୍କର ଦୁଇ ଦୁଇ ଥର ବ୍ରେନ୍ ଡେଡ୍ ହୋଇଥିଲା। ଯାହାକୁ ନେଇ ସେ ମାନସିକ ଅବସାଦରେ ଥିଲେ ବୋଲି କହିଛନ୍ତି ପଡୋଶୀ।

- ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ନମୁନା ସଂଗ୍ରହ
- ଦୀପକଙ୍କ ଦୁଇଦୁଇ ଥର ବ୍ରେନ୍ ଡେଡ୍ ହୋଇଥିଲା
- ମେଡିସିନ୍ ବନ୍ଦ କରି ମାନସିକ ଚାପରେ ଥିଲେ: ଏସିପି

ପଡ଼ୋଶୀ କିନ୍ତୁ ଏହି ଘଟଣାରେ ଭିନ୍ନ କଥା କହିଛନ୍ତି। ସେମାନଙ୍କ କହିବା କଥା, କିଛି ଦିନ ହେବ ଦୀପକ ଏବଂ ତାଙ୍କ ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲା । ଏହାକୁ ନେଇ ସେ ଆତ୍ମଦାହ କରିଥାଇପାରନ୍ତି । ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମଞ୍ଚେଶ୍ୱର ଥାନା ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ଦୀପକ ପୋଡ଼ି ହୋଇଥିବା ନିର୍ମାଣଧୀନ ଚତୁର୍ଥ ମହଲାରେ ପହଞ୍ଚି ଛାନଭିନ କରିଥିଲା। ଘଟଣାସ୍ଥଳରୁ ପାଉଁଶ, ପୋଡ଼ା ଦ୍ରବ୍ୟର ନମୁନା ସଂଗ୍ରହ କରି ତଦନ୍ତକୁ ଆଗକୁ ବଢ଼ାଇଛି । ସେଠାରେ ଏକ ପ୍ଲାଷ୍ଟିକ୍ ବୋତଲ ଏବଂ ପୋଡ଼ି ଯାଇଥିବା ଡ୍ରେସ୍‌ର କିଛି ଅଂଶକୁ ସଂଗ୍ରହ କରିଛନ୍ତି । ଏଥିସହ ପୁଲିସ କହିଛି ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ସବୁ କିଛି ଜଣାପଡ଼ିବ।

ଅନ୍ୟପଟେ ଦୀପକ ପୋଡ଼ି ଯାଇଥିବା ସ୍ଥାନକୁ ଦେଖିଲେ ସନ୍ଦେହ ବଢୁଛି। ନିଆଁ ଲାଗିବା ପରେ ଏଣେ ତେଣେ ନଦୌଡ଼ି, କେମିତି ଗୋଟେ ସ୍ଥାନରେ ପଡ଼ିରହିଲେ? ତେବେ ଆଇନଜୀବୀଙ୍କ ଏଭଳି ନିଷ୍ପତ୍ତି ପଛର କାରଣ କ'ଣ? ଶାରୀରିକ ଅସୁସ୍ଥତା ନା ପାରିବାରିକ କଳହ? ନିଆଁ ଲାଗିଲା ପରେ, କେମିତି ଗୋଟିଏ ସ୍ଥାନରେ ପଡ଼ି ରହିଲେ ଦୀପକ? ଏ ସମସ୍ତ ପ୍ରଶ୍ନ ଘଟଣାକୁ ନେଇ ସନ୍ଦେହ ବଢ଼ାଉଛି । ଅନ୍ୟପଟରେ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି ଯେ, ଦୀପକ ପୂର୍ବରୁ ମେଣ୍ଟାଲ ଡିପ୍ରେସନରେ ଥିଲେ । ଦୁଇଥର ହସ୍ପିଟାଲରେ ଆଡ଼ମିଟ ହୋଇ ମେଡ଼ିସିନ ଖାଉଥିଲେ । କିନ୍ତୁ ଗତ ୧୫ଦିନ ହେବ ମେଡ଼ିସିନ ବନ୍ଦ କରି ମାନସିକ ଭାବେ ଚାପଗସ୍ତ ଥିବା କହିଛନ୍ତି ଜୋନ୍ ଏସିପି।

# ବିହାର ନିର୍ବାଚନ: ଧର୍ମେନ୍ଦ୍ରଙ୍କ ପରେ ଏବେ ଭକ୍ତଙ୍କ ପ୍ରଚାର

ଭୁବନେଶ୍ୱର,୨୯।୮ (ସମିସ): ଆଉ ଦୁଇମାସ ପରେ ବିହାର ବିଧାନସଭା ନିର୍ବାଚନ। ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା ଏହି ନିର୍ବାଚନ ଉପରେ ସାରା ଦେଶର ନଜର ରହିଛି । ଯଦିଓ ଆନୁଷ୍ଠାନିକ ଭାବେ ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ, ତଥାପି ନିର୍ବାଚନ ପରିବେଶ ବେଶ୍ ସରଗରମ ରହିଛି । ଭୌଗୋଳିକ ଓ

- ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଧର୍ମେନ୍ଦ୍ର
- ବିହାରରେ କଂଗ୍ରେସ ପ୍ରଭାରୀ ଭକ୍ତଙ୍କର ରହିଛି ଅଭିଜ୍ଞତା

ସାମାଜିକ ଦୃଷ୍ଟିକୋଣରୁ ଯଦିଓ ବିହାର ସହ ଓଡ଼ିଶାର ସେପରି କିଛି ସମ୍ପର୍କ ନାହିଁ; ତଥାପି ବିହାର ରାଜନୀତି ସହିତ ଜଡ଼ିତ ଓଡ଼ିଶାର ଦୁଇ ନେତା ବିଧିବଦ୍ଧ ଭାବରେ ନିର୍ବାଚନରେ ସାମିଲ ହୋଇ ସାରିଲେଣି । ପୂର୍ବରୁ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିହାର ପାଇଁ ଏକଦା କଂଗ୍ରେସ ପ୍ରଭାରୀ ରୂପେ କାର୍ଯ୍ୟ କରିଥିବା ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ।

ବର୍ତ୍ତମାନ ବିହାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ୍‌ଅଧିକାର ଯାତ୍ରା କରୁଛନ୍ତି। ଏହା ସହ ବିହାର ହୋଇଥିବା 'ଏସ୍‌ଆଇଆର୍' ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ କହି ନିର୍ବାଚନ କମିସନ ଓ ବିଜେପି ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି । ତେଣୁ ବିହାରରେ ବିଜେପିକୁ ମାତ୍ ଦେବା ପାଇଁ କଂଗ୍ରେସ ଚଳାଇଥିବା ଉଦ୍ୟମରେ ସାମିଲ ହୋଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ସେ ବିହାର ଗସ୍ତ କରି ବିଭିନ୍ନ ସ୍ଥାନରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି । ବିହାରର ନିର୍ବାଚନରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଓ କୌଶଳ ସମ୍ପର୍କରେ ତାଙ୍କର ପୂର୍ବ ଅଭିଜ୍ଞତା ଦଳ ପାଇଁ ଉପଯୋଗୀ ହେବ ବୋଲି କଂଗ୍ରେସ ମନେ କରୁଛି । ଶୁକ୍ରବାର ଭକ୍ତ ପାଟନାଠାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଭକ୍ତଙ୍କ ସହିତ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ବିହାର ସକ୍ରିୟ ଭାବେ ଦଳ ପାଇଁ କାମ ଆରମ୍ଭ କରିଦେଇଛନ୍ତି ।

ଅନ୍ୟପଟେ ଅତୀତରେ ବିହାର ବିଧାନସଭା ନିର୍ବଚନ ପାଇଁ ସହପ୍ରଭାରୀ ଦାୟିତ୍ୱ ତୁଲାଇଥିବା ଓ ବିହାରରୁ ରାଜ୍ୟସଭାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ବିହାର ନିର୍ବାଚନ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତ । ଗତ ୨୬ତାରିଖରେ ଧର୍ମେନ୍ଦ୍ର ପାଟନାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯୁବ ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରେ ବିଜେପି ସରକାରରେ ବିହାର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦର୍ଶାଇଥିଲେ । ଏହାସହିତ ଧର୍ମେନ୍ଦ୍ର ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସକୁ ନିଶାଣ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଯାହାକୁ ସ୍ଥାନୀୟ ସାମ୍ବାଦିକମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଉଛନ୍ତି । ଏହି ଅବସରରେ ଉଭଙ୍କ ମଧ୍ୟରେ ବିଜେପି-ଏନ୍‌ଡ଼ିଏ ସିଟ୍ ବଣ୍ଟନକୁ ନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି ।

# ଓକିଲାତି ଲାଇସେନ୍ସଧାରୀ ଅନ୍ୟ ପେଶାରେ ଥିଲେ ରୁଜୁ ହେବ ଫୌଜଦାରୀ ମାମଲା

କଟକ, ୨୯।୮ (ସମିସ): ରାଜ୍ୟ ଆଇନଜୀବୀ ପରିଷଦରୁ ଓକିଲାତି ପେଶାରେ ଯୋଗଦେବା ଲାଗି ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ସରକାରୀ ଚାକିରି ସହ ବିଭିନ୍ନ କମ୍ପାନୀ, ବ୍ୟବସାୟ ଠିକା କାମ ଓ ଅନ୍ୟାନ୍ୟ ପେଶାରେ ଯୋଗଦେଇ କାର୍ଯ୍ୟ କରୁଥିବାର ଅଭିଯୋଗକୁ ଆଇନଜୀବୀ ପରିଷଦ ଗୁରୁତ୍ୱର ସହ ଗ୍ରହଣ କରିଛି । ଏହାକୁ ରୋକିବା ଲାଗି ପରିଷଦ ସମସ୍ତ ବାର୍ ଆସୋସିଏସନକୁ ପତ୍ର ଜରିଆରେ ନିର୍ଦ୍ଦେଶ ଦେଇଛି । ଆଡଭୋକେଟ୍ ଆଇନ-୧୯୬୧ର ନିୟମ ଅନୁଯାୟୀ ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେଶାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା, ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକପୂର୍ଣ୍ଣ ସମୟ ଲାଗି କନ୍ସଲ୍ଟାଣ୍ଟ ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିବା ପେଶାଗତ ନୈତିକତାର ବିରୋଧାଚରଣ କରୁଛି । ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର୍ କରିବା କଥା, ନଚେତ ସେମାନଙ୍କ ଲାଇସେନ୍ସ ରଦ୍ଦ କରିବାର ନିୟମ ରହିଛି । ତଥାପି ଏହାକୁ କିଛି ଆଇନଜୀବୀ ଉଲ୍ଲଙ୍ଘନ କରୁଛନ୍ତି । ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି କାଉନସିଲର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବାବଦରେ ବାର୍ ଆସୋସିଏସନକୁ କାଉନସିଲ୍ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ପାଇଁ କାଉନସିଲ ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର ଆସୋସିଏସନକୁ ଜଣାଇଛନ୍ତି । ଆଇନ ପେଶାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଙ୍ଘନକାରୀଙ୍କ ସମ୍ପର୍କରେ ଲାଇସେନ୍ସ ନେଇ ଅନ୍ୟ ବୃତ୍ତିରେ ଥିବା ଆଇନଜୀବୀଙ୍କ ସମ୍ପର୍କରେ ବାର୍ ଆସୋସିଏସନ୍ କିମ୍ବା ବାର କାଉନସିଲରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାଉନସିଲ୍ ପକ୍ଷରୁ ପ୍ରେସ ବିବୃତିରେ ଜଣାଇ ଦିଆଯାଇଛି ।

**କାର୍ଯ୍ୟାନୁଷ୍ଠାନ ପାଇଁ ବାର କାଉନସିଲର ଚିଠି**

# ୩୧ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨୯।୮ (ସମିସ): ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ । ତେଣୁ ବର୍ଷା କମିବ । ମାତ୍ର ୩୧ ତାରିଖରୁ ପୁଣି ବର୍ଷା ବଢ଼ିବ । ଆସନ୍ତା ୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ । ଗୋଟିଏ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓ ଆଉ ଗୋଟିଏ ଦ୍ୱିତୀୟ ସପ୍ତାହରେ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ଦୁଇ ସପ୍ତାହ ପାଇଁ ବିସ୍ତାରିତ ପାଣିପାଗର ପୂର୍ବାନୁମାନ ଜାରି ହୋଇଛି । ଏହି ଆକଳନ ଅନୁସାରେ, ସେପ୍ଟେମ୍ବର ୩ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହା ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ଅଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ଅଛି । ତେଣୁ ଓଡ଼ିଶାରେ ଆସନ୍ତା ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ଭିତରେ ପ୍ରବଳ ବର୍ଷା ହୋଇପାରେ। ଗତ ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ହ୍ରାସ ପାଇଛି । ମାତ୍ର କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇଥିବା ଜଣାପଡ଼ିଛି । ଶନିବାର ମଧ୍ୟ ଅଧିକାଂଶ ସ୍ଥାନରେ ବର୍ଷାର ପ୍ରଭାବ କମିବା ସହ କାଁ ଭାଁ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ୩୧ରେ ବର୍ଷା ବଢ଼ିବା ଯୋଗୁଁ କିଛି କିଛି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି ।

# ଓଆଇଏସ୍ଏଲ୍ କାରଖାନାରେ ଠିକା ଶ୍ରମିକ ମୃତ

ରାଉରକେଲା,୨୯।୮ (ସମିସ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ଛକରେ ଥିବା ଓଆଇଏସଏଲ କାରଖାନାର ଲାବୋରେଟରୀ ଭିତରେ ଜଣେ ଠିକା ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ମୃତ ଠିକା ଶ୍ରମିକଜଣଙ୍କ କୁନମୁର ପଞ୍ଚାୟତ ତେତେରକେଲା ଗ୍ରାମର ଆନନ୍ଦ ଲାକ୍ରାଙ୍କ ପୁଅ ପ୍ରଦୀପ ଲାକ୍ରା । ସେ ଓଆଇଏସଏଲ କାରଖାନାରେ ଠିକା କମ୍ପାନୀ ଆକାଶ ଏଣ୍ଟରପ୍ରାଇଜେସ୍ ଅଧୀନରେ ଲାବୋରେଟରୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସେ ଲାବୋରେଟରୀରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ଗୋଷ୍ଠୀ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତେବେ ପ୍ରଦୀପଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ରାଜଗାଙ୍ଗପୁର ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।


**WALK-IN-INTERVIEW**

Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.

Interview timings: **Dt. 31.08.2025 (Sunday) between 10:00 AM to 01:00 PM.**

Candidates are advised to contact the day prior and carry their Resume before coming for Interview.

**Contact: Odisha Detailing Engineer, Near Twin City Gate No.1, Trisulia-Baranga Road, Baranga, Cuttack.**

**Mobile No: +91 83288 51843**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ପର୍କ ସୁଧାରିଛି...

ସ୍ଥିତି ଦ୍ରୁତଗତିରେ ବଦଳି ଯାଇଥିଲା । ୨୦୨୦ର ଗଲୱାନ ସଂଘର୍ଷକୁ ଭୁଲାଇ ଆଗକୁ ବଢ଼ିବା ପାଇଁ ଅଗଷ୍ଟରେ ଭାରତ ଏବଂ ଚୀନ୍ ରାଜି ହୋଇଥିଲେ। ସୀମା ବିବାଦର ସମାଧାନ ଲାଗି ପ୍ରୟାସକୁ ଜୋରଦାର କରିଥିଲେ। ଏବେ ମୋଦୀ ଚୀନ୍ ଗସ୍ତରେ ଯାଉଛନ୍ତି । ରିପୋର୍ଟରେ କୁହାଯାଇଛି ଯେ ଟ୍ରମ୍ପଙ୍କ ଶୁଳ୍କ ପୂର୍ବରୁ ମଧ୍ୟ ଭାରତ ଏବଂ ଚୀନ୍ ଆଲୋଚନା କରିଥିଲେ । ଗତ ବର୍ଷ ଲଦାଖରେ ଜାରି ଗତିରୋଧକୁ ହ୍ରାସ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତି ଦ୍ୱାରା ମୋଦୀ ଏବଂ ଜିନପିଙ୍ଗଙ୍କ ପ୍ରତ୍ୟକ୍ଷ ସାକ୍ଷାତର ମାର୍ଗ ପ୍ରଶସ୍ତ ହୋଇଥିଲା। ଏସ୍‌ସିଓ ସମ୍ମିଳନୀରେ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଜିନପିଙ୍ଗଙ୍କୁ ଭେଟିବେ । ଏହି ସାକ୍ଷାତ ଆଲୋଚନା ଉପରେ ଆମେରିକା ତୀକ୍ଷଣ ଦୃଷ୍ଟି ରଖିଛି । କାରଣ ଏହା ଆମେରିକା ପାଇଁ ଚିନ୍ତାର ବିଷୟ ପାଲଟିପାରେ ।

### ତୃଣମୂଳରୁ ଶକ୍ତିଶାଳୀ...

ଶାଳୀନ ହୋଇ ଏକାଠି କାମ କରିବା ସହ ସାମ୍ପ୍ରତିକ ସମୟରେ ସାଧାରଣ ଲୋକ, ଯୁବ ଓ ଛାତ୍ରବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅଗ୍ରାଧିକାର ଦେଇ ତାହାର ସମାଧାନ କରିବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି । ନବୀନଙ୍କ ଡ଼କରା ପାଇଁ ନବୀନ ନିବାସରେ ପହଞ୍ଚିଥିବା ଯୁବ ଓ ଛାତ୍ର ବିଜେଡିର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ନବୀନ ଦୀର୍ଘ ସମୟ ପଢ଼ାଇଛନ୍ତି ରାଜନୀତି ପାଠ । ରାଜ୍ୟ ସାରା ଭ୍ରମଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ଛାତ୍ର ଏବଂ ଯୁବକମାନଙ୍କ ସହିତ ଯୋଗାଯୋଗ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି । ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତମାନଙ୍କୁ ନବୀନ କହିଛନ୍ତି ଯେ ଆପଣମାନଙ୍କ ଉପରେ ମୋର ବହୁତ ଆଶା ଅଛି । ଆପଣମାନେ ସବୁବେଳେ ବିନମ୍ର ଏବଂ ଶାଳୀନ ହୋଇ ରହିବା ସହ ଜନସେବାରେ ବ୍ରତୀ ହୁଅନ୍ତୁ । ନିରନ୍ତର ଭାବେ ଲୋକଙ୍କ ସହିତ ଯୋଡ଼ି ହୋଇ ରହିବା ସହ ରାଜ୍ୟବ୍ୟାପୀ ସେମାନଙ୍କ ସମସ୍ୟାର ସମାଧାନ କରନ୍ତୁ । ଏହା ସହ ସାମାଜିକ ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ସହ ଦଳର ନୀତି, ଆଦର୍ଶ ଏବଂ ପ୍ରତିବଦ୍ଧତାକୁ ସକ୍ରିୟ ଭାବରେ ପ୍ରଚାର କରିବାକୁ ନବୀନ ଉପସ୍ଥିତ ଛାତ୍ର ଓ ଯୁବ ନେତାଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ଉପଦେଷ୍ଟା ବ୍ୟୋମକେଶ ରାୟ, ଅମରେଶ ପତ୍ରୀ, ସଞ୍ଜିତ ମହାନ୍ତି, ରାଜେନ୍ଦ୍ର କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଦେବୀ ରଂଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

ନବୀନଙ୍କ ସହ ସାକ୍ଷାତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯୁବ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ(ସ୍ୱତନ୍ତ୍ର ଦାୟିତ୍ୱ) ବ୍ୟୋମକେଶ ରାୟ କହିଛନ୍ତି ଯେ ଦଳର ସଭାପତିଙ୍କ ପରାମର୍ଶକ୍ରମେ ଯୁବକ, ଛାତ୍ରମାନଙ୍କୁ ନେଇ ଏକ ଶକ୍ତିଶାଳୀ ସଂଗଠନ ତିଆରି ହେବ । ସରକାରଙ୍କ ଅପାରଗ ପଣିଆ ଏବଂ ମିଛ ପ୍ରତିଶ୍ରୁତି ଦେଇ ଯେଉଁ ବାହବା ନେଉଛନ୍ତି, ତାହା ଲୋକଲୋଚନକୁ ଅଣାଯିବ । ମହିଳାଙ୍କଠାରୁ ଆରମ୍ଭ କରି ଯୁବକ ଛାତ୍ର ବର୍ତ୍ତମାନ ହତାଶା ମଧ୍ୟରେ ଗତି କରୁଥିବା ବେଳେ ଯୁବକଙ୍କୁ ମିଳିଥିବା ପ୍ରତାରଣାରେ ପରିଣତ ହୋଇଛି । ଏହା ବିରୋଧରେ ଏକ ବଡ଼ ଜନ ଆନ୍ଦୋଳନ ହେବାକୁ ଯାଉଛି । ନୂଆକରି ତିଆରି ହୋଇଥିବା ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ଆକ୍ରମଣାତ୍ମକ ଢଙ୍ଗରେ କାର୍ଯ୍ୟ କରିବ । ଆସନ୍ତା ୨୦୨୯ରେ ଆମେ ପୁଣିଥରେ କ୍ଷମତାକୁ ଫେରିବୁ । ସେଥିପାଇଁ ଏବେଠାରୁ ରୋଡମ୍ୟାପ ପ୍ରସ୍ତୁତ ହେଉଛି ବୋଲି ବ୍ୟୋମକେଶ କହିଛନ୍ତି । ଉଭୟ ଚିନ୍ମୟ ସାହୁ ଏବଂ ଇପ୍ସିତା ସାହୁଙ୍କର ପୂର୍ବରୁ ବହୁ ଅଭିଜ୍ଞତା ରହିଛି । ଯୁବ, ଛାତ୍ର ନେତ ଭାବେ ଯାହା ଦକ୍ଷତା ରହିବା କଥା, ତାହା ସେମାନଙ୍କ ମଧ୍ୟରେ ରହିଛି । ତାଙ୍କ ନେତୃତ୍ୱରେ ଏକ ଦୃଢ଼ ସଂଗଠନ ତିଆରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ୯

ସେହିପରି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଓଡ଼ିଶାର କୋଣ ଅନୁକୋଣକୁ ଯାଇ ବିଜୁ ଯୁବ ଜନତା ଦଳକୁ ନୂଆ ରୂପରେ, ନୂଆ ଢଙ୍ଗରେ ଆହୁରି କ୍ରିୟାଶୀଳ, ସଶକ୍ତ କରିବାକୁ ଆମର ପ୍ରିୟ ନେତା ନବୀନ ପଟ୍ଟନାୟକ ଆମକୁ ପରାମର୍ଶ ଦେଇଛନ୍ତି । ଆମେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇବୁ, ପ୍ରସଙ୍ଗ ଉତ୍ଥାପନ କରିବୁ । ଯଦି ସରକାର ନଚେତିବେ, ତାହେଲେ ବିରୋଧ ଜୋରଦାର ହେବ । ବିଜୁ ଯୁବ ଜନତା ଦଳ ପ୍ରତ୍ୟେକ ଜିଲ୍ଲା ବୁଲି ପ୍ରତିଭା ଅନ୍ୱେଷଣ କରାଯିବ । ଯୁବ, ଛାତ୍ର ସଂଗଠନରେ ଯିଏ ସଫଳ ନେତୃତ୍ୱ ନେଇଥିବେ, ଯେଉଁମାନେ ଦକ୍ଷ ହୋଇଥିବେ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ଆଜି ଆମେ ଆମର ଦଳର ସଭାପତିଙ୍କୁ ଭେଟିଲୁ । କଣ ପାଇଁ ଜଣେ ଝିଅକୁ ଛାତ୍ର ଜନତା ଦଳର ସଭାପତି କରାଗଲା ତାହା କହିଥିଲେ । ବର୍ତ୍ତମାନ ଓଡ଼ିଶାରେ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ସୌମ୍ୟାଶ୍ରୀ, ବଲଙ୍ଗୀ କିମ୍ବା ପଟ୍ଟାମୁଣ୍ଡାଇ ଘଟଣା ଏହାର ଗୋଟିଏ ଗୋଟିଏ ଉଦାହରଣ । କେଉଁଭଳି ଭାବେ ଛାତ୍ରୀମାନଙ୍କର ମନୋବଳ ବଢ଼ାଯିବ, କେଉଁଭଳି ଝିଅଟିଏ ନିଜ ସୁରକ୍ଷା ନିଜେ କରିବ; ସେମାନଙ୍କ ପାଇଁ ଲଢ଼େଇ କରିବାକୁ ଜଣେ ଝିଅକୁ ଛାତ୍ର ସଭାପତି ରୂପେ ଚୟନ କରାଯାଇଥିବା ସଭାପତି କହିଥିବା ସେ ସୂଚନା ଦେଇଛନ୍ତି ।

### ସମତାଭିତ୍ତିକ ସମାଜ...

ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ । ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ଆଦିବାସୀ ଗୋଷ୍ଠୀଙ୍କୁ କିପରି ଫୋକସ କରାଯାଉଛି ସେ ସମ୍ପର୍କରେ ମତ ରଖିଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ଲାଭ ପାଇବେ, ସେଥିପ୍ରତି ସରକାର ଦାୟିତ୍ୱବାନ ଅଛନ୍ତି ବୋଲି କହିଛନ୍ତି । ବିଗତ କିଛି ବର୍ଷରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ୪୬ ରୁ ୬୬ ଲକ୍ଷ ପର୍ଯ୍ୟନ୍ତ ବଢିଛି । ସମାଜରେ ବଂଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ । ଏହି କର୍ମଶାଳାରୁ ସମସ୍ତଙ୍କ ପରାମର୍ଶରୁ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ ସମାଜର କଲ୍ୟାଣ ହେବ ବୋଲି ସେ ମତ ଦେଇଛନ୍ତି । ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିବା ସହ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ ୧୦ ବର୍ଷରେ ବଜେଟ ୪ ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ ।

### ଚମ୍ପାରେ ଭୂସ୍ଖଳନ...

ଅଛନ୍ତି । ଭୂସ୍ଖଳନ କାରଣରୁ ପାଖାପାଖି ୩୦ରୁ ୪୦ ପରିବାର ଆବର୍ଜନା ତଳେ ଦବି ଯାଇଛନ୍ତି। ଆହୁରି କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଡିଡିଆରଏଫ୍ ଓ ପୁଲିସର ଟିମ୍ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ପାଇଁ ବାହାରିଛନ୍ତି । ବାଗେଶ୍ୱର ଜିଲ୍ଲା ନିକଟସ୍ଥ ପୋସାରୀରେ ରାତି ସାରା ବର୍ଷା ଯୋଗୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସେହିପରି ରୁଦ୍ରପ୍ରୟାଗର ଜଖୋଲିର କୋଠା ଭୁଶୁଡିବା କାରଣରୁ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି । ୪ ଜଣ ନେପାଳୀ ଓ ୪ ଜଣ ସ୍ଥାନୀୟ ଲୋକଙ୍କ ସହ ୮ ଜଣ ଶ୍ରମିକ ଆବର୍ଜନା ତଳେ ଦବି ରହିଛନ୍ତି । ରୁଦ୍ରପ୍ରୟାଗରେ ଆବର୍ଜନା ତଳେ ଫସି ରହିଥିବା ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି । ଅଲକାନନ୍ଦା ଓ ମନ୍ଦାକିନୀ ନଦୀରେ ଜଳସ୍ତର ବିପଜ୍ଜନକ ସ୍ଥିତିରେ ରହିଛି । ଜନବସତି ଅଞ୍ଚଳରେ ପାଣି ପସିଛି ଓ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିପରି ଚମୋଲିରେ କେତୋଟି ପରିବାର ଆବର୍ଜନା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ସାରା ଦେଶରେ ମୌସୁମୀ ବର୍ଷା କାରଣରୁ ନାହି ନଥିବା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁ ଓ ପଞ୍ଜାବରେ ବନ୍ୟା ଯୋଗୁ ଫସି ରହିଥିବା ଲୋକଙ୍କୁ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି । ବର୍ଷା ଯୋଗୁ ଦିଲ୍ଲୀର ଏକାଧିକ ଅଞ୍ଚଳରେ ପାଣି ଭରି ରହିଛି। ଦିଲ୍ଲୀର ସଡକ ଗୁଡିକ ମଧ୍ୟ ଜଳମଗ୍ନ ହୋଇଛି। ପଞ୍ଜାବରେ ବନ୍ୟା ଯୋଗୁଁ ୬ ଜଣ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ନିଖୋଜ ରହିଛନ୍ତି। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ଡେରାଡୁନ୍ ଓ ବାଗେଶ୍ୱରରେ ରେଡ ଆଲର୍ଟ ଜାରି କରାଯାଇଛଇ। ଗତ ୨୧ ଦିନରେ କେବଳ ବାଦଲ ଫଟା ବର୍ଷା କାରଣରୁ ୩ଟି ରାଜ୍ୟରେ ୮୦ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ।

### ସାପ କାମୁଡ଼ାରେ...

ଜଣାଇବା ପରେ ଅଙ୍କିତାର ଚିକିତ୍ସା ପାଇଁ ତାକୁ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ସେଠାରେ ଅଙ୍କିତାଙ୍କର ମୃତ୍ୟୁ ଘଟିଥିଲା । ଶବ ବ୍ୟବଚ୍ଛେଦ ପରେ ଅଙ୍କିତାଙ୍କ ଶବ ଗ୍ରାମକୁ ଫେରୁଥିବା ବେଳେ ନାତୁଣୀର ମୃତ୍ୟୁ ଖବର ପାଇ ଜେଜେ ବାବାଜୀ ପରମାଣିକ (୭୫)ଙ୍କର ହୃଦ୍‌ଘାତର ଶିକାର ହୋଇ ଅଚେତ ହୋଇପଡ଼ିଥିଲେ । ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ପରେ ଉଭୟଙ୍କ ମରଶରୀର ନିଜ ବାସଭବନରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ଅଙ୍କିତା ପଢୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ଡାକୁଆ, ଶିକ୍ଷକ ଗଗନ ବିହାରୀ ନାୟକ, ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ କୁମାର ସାମଲ, ଯୋଗେଶ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ଗ୍ରାମ ଶ୍ମଶାନରେ ଉଭୟ ଜେଜେ ଆଉ ନାତୁଣୀଙ୍କର ଏକାଠି ସତ୍କାର କରାଯାଇଛି । ଏଭଳି ଏକ ଦୁଃଖଦ ଘଟଣାରେ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।


OFFICE OF THE PRINCIPAL

**PANCHAYAT SAMITI DEGREE COLLEGE,**

**BANGOMUNDA, DIST. BALANGIR (ODISHA) PIN – 767040 (Estd.1999)**

**E-Mail : psdcbgm@gmail.com, Mob: 9078208298**

**WALK-IN-INTERVIEW**

A walk-in-interview for appointment of lecturers on contractual basis is scheduled to be held in the Panchayat Samiti Degree College, Bangomunda on **Dt. 07.09.2025 (Sunday) at 10:30 A.M.** for the following Post.

| Sl No. | NAME OF THE POST | QUALIFICATION |
|---|---|---|
| 01 | Lect. in Sanskrit (No. of Post: 01) | Minimum 55% marks in P.G. Level |

Interested candidates are hereby informed to attend the interview on Dt. **07.09.2025 at 10:30 A.M.** with complete Bio-data, Original and Photocopies of all certificates and two passport size photographs. Salary is negotiable and no T.A/D.A will be given for attending the interview.

**Sd/- Prinicpal**

**SALE**

1 Number of Tractor–ESCORTS KUBOTA FT 45 POWER MAXX/ 2024, Registration No.- OD-01-AX –3697,Model-2024, ENGINE NO –E2667912, CHASSIS NO - T052674827AN, For Details, contact – 9437055763,9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO- 06782-266658

**କଟକ ମହାନଗର ନିଗମ**

ପବିତ୍ର ସାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**କଟକ ସହରର ସଚେତନ ନାଗରିକ ମାନଙ୍କୁ ନିବେଦନ**

- କଟକ ମହାନଗର ନିଗମ କଟକ ସହରର ସଚେତନ ନାଗରୀକ ମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଛତା ଓ କାର୍ଯ୍ୟ ଦକ୍ଷତା ମାଧ୍ୟମରେ ଏକ ବିକାଶମୁଖୀ ବୃହତର କଟକ ନିର୍ମାଣ କରିବା ପାଇଁ ସଙ୍କଳ୍ପ ବଦ୍ଧ । ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଯ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡ଼ଷ୍ଟବିନ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ ।

DSPL-231 OIPR-13031/13/0214/2526

ସୁଶ୍ରୀ କିରନଦିପ୍ କୌର ସହୋତା, ଭା.ପ୍ର.ସେ. ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ, ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

**କଟକ ମହାନଗର ନିଗମ**

ସାୟତ ଶାସନ ପାଳନ ଅବସରରେ କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା. ୩୦.୦୮.୨୦୨୫ ରିଖ**

ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

**ତା. ୩୧.୦୮.୨୦୨୫ ରିଖ**

ପୂର୍ବାହ୍ନ -୧୦.୩୦ ଘଟିକା : ନିଗମ ଅଂଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ।

ସନ୍ଧ୍ୟା -୦୫.୦୦ ଘଟିକା : ସହିଦ ଭବନ, କଟକ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି :

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ମୁଖ୍ୟବକ୍ତା :ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା), କଟକ

ସତନ୍ତ୍ର ଅତିଥି :ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ

ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ

ଇଂ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ

ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର

ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ

ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ) ଜିଲ୍ଲାପାଳ, କଟକ

ଶ୍ରୀଯୁକ୍ତ ଖିଲାରି ଋଷିକେଷ ଦ୍ୟାନଦେଓ, (ଭା.ପୁ.ସେ) ଡ଼ିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
୩. ନିଗମର କର୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।

ସୁଶ୍ରୀ କିରନ୍‌ଦିପ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

DSPL-230 OIPR-13031/13/0212/2526


**ସତ୍ୟପାଠ**

ମୁଁ, ସୁପ୍ରିୟା ବିଶ୍ୱାଳ, ବୟସ: ୪୨ ବର୍ଷ, ସ୍ୱାମୀ: ବିଭୁପ୍ରସାଦ ସ୍ୱାଇଁ, ସା: ଭଟଣା, ପୋ: ଅଙ୍ଗେଶ୍ୱରପଡା, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡିଶା, ପିନ୍-୭୫୪୧୧୩ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଭୁବନେଶ୍ୱରଙ୍କ ନିକଟରେ ଶପଥ ପାଠ କରି ଘୋଷଣା କରୁଛି କି, ମୋର ନାବାଳକ ପୁତ୍ର: ମନିତ କୁମାର ସ୍ୱାଇଁ (ପୁରୁଣା ନାମ)କୁ ନୂଆ ନାମ: ମନିତ ସ୍ୱାଇଁଙ୍କୁ ପରିବର୍ତ୍ତନ କରୁଅଛି । ଏବେଠାରୁ ଭବିଷ୍ୟତରେ ସେ ମନିତ ସ୍ୱାଇଁ ନାମରେ ସମସ୍ତ କ୍ଷେତ୍ରରେ ପରିଚିତ ହେବ।

**AFFIDAVIT**

I, Manasa Kumar Jena, S/o- Late Laxmidhar Jena, resident of Plot No-20, Sector-1 Niladri Vihar, Sailashree Vihar, Bhubaneswar,Khorda, Odisha- 751021, declare by this affidavit No.248, Dated: 28.08.2025 that now onwards I shall be known as **Manas Kumar Jena** for all future purposes.

**AFFIDAVIT**

By virtue of an affidavit No-4954 sworn before the Executive Magistrate, Champua, date-31/07/2025. I, **Sadiya Khatun,** W/o- Md. Kaisar, Address: At/Po/Ps-Jhumpura, Dist- Keonjhar, Odisha, PIN-758031 I have changed my name from **Sadia Bano** (old name) to **Sadiya Khatun** (new name). Henceforth, I shall be known as **Sadiya Khatun** for all future purposes.

**Sadiya Khatun**

**ହଜିଯାଇଥିବା ସୂଚନା**

ମୁଁ ଅରୁପମା ବର୍ଦ୍ଧନ ,ସ୍ୱାମୀ - ପୂର୍ଣ୍ଣ ଚନ୍ଦ୍ର ବର୍ଦ୍ଧନ , ଗାଁ/ପୋଷ୍ଟ - ନୂଆପାଟଣା , ଥାନା- ତିଗିରିଆ , ଜିଲ୍ଲା- କଟକ ବାସିନ୍ଦା ଅଟେ। ମୁଁ ୨୪.୦୧.୨୦୨୫ ରିଖ ୧୦.୩୦ ସମୟରେ ତିଗିରିଆ ତହସିଲ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଜମି କାଗଜପତ୍ରର ଖାତା ନମ୍ବର - ୪୨୯/୩୨୧ ଏବଂ ଡିଡ୍ ନମ୍ବର - ୪୩୫ ତାରିଖ-୧୮-୦୭- ୨୦୦୮ ହଜି ଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଦୟାକରି ମୋବାଇଲ୍ ନମ୍ବର - ୯୯୩୮୦୫୫୦୩୨ କିମ୍ବା ତିଗିରିଆ ପୁଲିସ ନିକଟରେ ସୂଚନା ଦେବା ପାଇଁ ଅନୁରୋଧ କରୁଛି । ଏଥିରେ ଯଦି କେହି ଅପବ୍ୟବହାର କରନ୍ତି ଆମେ ଦାୟୀ ରହିବୁ ନାହିଁ। SD /- ଅରୁପମା ବର୍ଦ୍ଧନ

# ଆଉ କେତେଦିନ ଲାଗିବ ଧାତିକା-କାଦଗଡ଼ ରାସ୍ତା

କେନ୍ଦୁଝର, ୨୯।୮ (ସମିସ)




ଚାରିବର୍ଷ ହେବ କଷ୍ଟ ପୂରି ସାରିଲାଣି; ହେଲେ ରାସ୍ତା କାମ ସରୁନି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ଼ ଓ ଧାତିକା ରାସ୍ତା ନିର୍ମାଣ ପାଇଁ ୨୦୨୨ ଅକ୍ଟୋବର ୨୧ ତାରିଖ କାମ ଆରମ୍ଭ ହୋଇ ୨୦୨୩ ଜୁଲାଇ ୨୦ ତାରିଖ କାମ ସମାପ୍ତି ହୋଇଥିବା ସୂଚନା ଫଳକରେ ଉଲ୍ଲେଖ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ରାସ୍ତାକାମ ୬୦ ପ୍ରତିଶତ ସରିନାହିଁ। ଏଇ ୪ ବର୍ଷ ମଧ୍ୟରେ ଠିକାଦାର ମନ୍ଥର ଗତିରେ କାମ ଆରମ୍ଭ କରିଥିଲେ। ଅଭିଯୋଗ ପରେ କାଦଗଡ଼ଠାରୁ ଭାଲୁପାଲି ସାହି ପର୍ଯ୍ୟନ୍ତ ପିଚୁ ନିର୍ମାଣ ହୋଇଛି। ସେଠାରୁ ଧାତିକା ରାଇସୁଆଁ ପୂର୍ତ୍ତବିଭାଗ ରାସ୍ତା ପର୍ଯ୍ୟନ୍ତ ଅଧପନ୍ତରିଆ ହୋଇପଡିଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଜନ ସଂସ୍ଥା ଦ୍ୱାରା ରାଇସୁଆଁ ମାଛକାନ୍ଦଣା ନାଳଠାରୁ କାଦଗଡ-ଧାତିକା ପର୍ଯ୍ୟନ୍ତ ଜିଲ୍ଲା ଖଣିଜପାଣ୍ଠିରୁ ୪କୋଟି ୪୫ଲକ୍ଷ ୩୨ହଜାର ୬ଶହ ୧୯ଟଙ୍କା ଅନୁମୋଦନ ହୋଇଛି। ମାତ୍ର ରାସ୍ତା କାମ ଅତି ନିମ୍ନମାନର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାରେ ମେଟାଲ ବିଛାଇ କାମ ବନ୍ଦ ହୋଇ ପଡିଥିବାରୁ ସାଇକଲ ଓ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତା କାମ ସରୁ ନଥିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାକାମ ସମ୍ପୂର୍ଣ୍ଣ କରିବାକୁ ସାମାଜସେବୀ ଦିଲ୍ଲୀପ ବେହେରା, ବିକ୍ରମ କେଶରୀ ମହାନ୍ତ, ନୂଆଗାଁ ସରପଞ୍ଚ ଆଶୀର୍ବାଦ ନାଏକ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।



## ରେଳଧାରଣାରୁ ମୃତଦେହ ଉଦ୍ଧାର

କେନ୍ଦୁଝର,୨୯।୮ (ସମିସ): କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ଅଧୀନ ନୟାଗଡ-ପର୍ଜନପୁର ରେଳ ଧାରଣା କଡ଼ରୁ ଜଣେ ୫୦ ବର୍ଷୀୟା ଅଜଣା ମହିଳାଙ୍କ ମୃତଦେହଉଦ୍ଧାରହୋଇଛି।କୌଣସିଚଳନ୍ତାରେଳଗାଡ଼ିରଆକସ୍ମିକଧକ୍କାଯୋଗୁଁମହିଳା ଜଣଙ୍କ ପ୍ରାଣ ହରାଇଥିବା ଜଣାପଡିଛି। ତାଙ୍କ ପରିଚୟ ମିଳିପାରିନାହିଁ। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷିତ ଗୃହରେ ରଖାଯାଇଛି। ଭଦ୍ରକ ରେଳବାଇ ଥାନା ପୁଲିସ ଅପମୃତ୍ୟୁ ମାମଲା ୬୦/୨୫ ରୁଜୁ କରି ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

ବାଲିବନ୍ଧ, ୨୯।୮ (ସମିସ): ଝୁମ୍ପୁରା ଥାନା ମୁରୁସୁଆଁ ଗ୍ରାମ ପୋଖରୀ ପାଣିରେ ଶୁକ୍ରବାର ଜଣେ ଯୁବକ ବୁଡ଼ି ଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତକ ହେଲେ ସେହି ଗ୍ରାମର ମୁନା ମାଝୀ (୩୦ବର୍ଷ)। ଝୁମ୍ପୁରା ପୁଲିସ ଘଟଣାର ତଦନ୍ତ କରୁଛି। ସକାଳ ସମୟରେ ଘରୁ ବାହାରି ପୋଖରୀ ପଟକୁ ଯାଇଥିଲେ ମୁନା। କିଛି ସମୟ ପରେ ତାଙ୍କ ମୃତଶରୀର ପୋଖରୀ ପାଣିରେ ଭାସୁଥିବା ଦେଖି ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ମୃତଦେହକୁ ଜବତ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଯୌତୁକ ନିର୍ଯାତନା ଅଭିଯୋଗ

ତୁରୁମୁଙ୍ଗା, ୨୯।୮ (ସମିସ): ତୁରୁମୁଙ୍ଗା ଥାନା ଲୁଙ୍ଗା ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀ, ଶାଶୂ, ଶଶୁର ଯୌତୁକଜନିତ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଛନ୍ତି। ସୁଜିତ ଆରୁକ ନିଜ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ସେ ୨୦୨୦ରେ ଦମୟନ୍ତୀ ବାରିକଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରେ ଦମୟନ୍ତୀଙ୍କୁ ଶାଶୂ-ଶଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ପରେ ତୁରୁମୁଙ୍ଗା ଥାନାରେ ୨୧୭/୨୫ ମାମଲା ରୁଜୁକରି ଏସଆଇ କିଶୋରଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

## ଉର୍ମିଳା ଦାସଙ୍କ ସ୍ମୃତିସଭା



ରାମଚନ୍ଦ୍ରପୁର, ୨୯।୮(ସମିସ): ଅଙ୍ଗାରୁଆ ଲକ୍ଷ୍ମୀନାରାୟଣପୁର ଶାସନର ଧର୍ମପରାୟଣା ମହିଳା ସ୍ୱର୍ଗତ ଉର୍ମିଳା ଦାସଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉର୍ମିଳା ପିଲାବେଳୁ ଜଗନ୍ନାଥ ଚେତନା ତଥା ବେଦକାର୍ଯ୍ୟରେ ମନୋନିବେଶ କରି ଆସିଥିଲେ। ଗ୍ରାମର ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ତାଙ୍କ ସକ୍ରିୟ ଭୂମିକା ରହିଥିଲା। ତାଙ୍କ ସ୍ମୃତସଭାରେ ବିଭିନ୍ନ ଚାରଣ ମଣ୍ଡଳ ପକ୍ଷରୁ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ରହି ବେଦପାଠ, ଭାଗବତ ପରାୟଣ ସହ ଜଗନ୍ନାଥ ଚେତନାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।

## ବିଭିନ୍ନ ଅନୁଷ୍ଠାନରେ କ୍ରୀଡ଼ା ଦିବସ ପାଳିତ



କେନ୍ଦୁଝର,୨୯।୮(ସମିସ): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ହକି ଖେଳାଳି ଭାରତର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ଅବସରରେ କ୍ରୀଡ଼ା ଦିବସ ପାଳିତ ହୋଇଛି। ଏହି ଦିବସରେ ଧ୍ୟାନଚାନ୍ଦଙ୍କ ଉଦେଶ୍ୟରେ କେନ୍ଦୁଝର ଷ୍ଟାଡିୟମ କାର୍ଯ୍ୟାଳୟ ସମ୍ମୁଖରେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ଧୂପଦୀପ ପୁଷ୍ପମାଲ୍ୟ ଅର୍ପଣ କରି ସକାଳ ପ୍ରଭାତରେ ଆସୁଥିବା ଖେଳାଳିମାନେ ସମ୍ମାନ ଜଣାଇଥିଲେ। ଏଥିରେ କ୍ରୀଡ଼ା ସଂସ୍ଥାର ସଦସ୍ୟଗଣ ଉପସ୍ଥିତ ଥିଲେ।

**ତୁରୁମୁଙ୍ଗା:** ପାଟଣା ବ୍ଲକ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାରେ ଶୁକ୍ରବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତଥା କ୍ୟାପଟେନ ଧର୍ମେନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ଥାନାଧିକାରୀ ମାନସ କୁମାର ମହାକୁଡ଼, ସମ୍ମାନିତ ଅତିଥି ଭାବେ ଡେମନ ଷ୍ଟେଟର ରଜତ କୁମାର ଦାଶ, ବଜେନ୍ଦ୍ର କୁମାର ପତି, ପ୍ରମୁଖ ଯୋଗ ଦେଇଥିଲେ। ଭୂତ ମହାନ୍ତ, ଗୋବିନ୍ଦଚନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏନସିସି ଛାତ୍ରମାନେ କ୍ରୀଡ଼ା ସଚେତନତା ନେଇ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ।

### ଲୁହାପଥର ପରିବହନରେ ଅଚଳାବସ୍ଥା

## ରାସ୍ତାରେ ଶହଶହ ଟ୍ରକ୍ ଅଟକି ରହିଛି



ଆନନ୍ଦପୁର, ୨୯।୮ (ସମିସ): ଗତ ପାଞ୍ଚ ମାସ ହେଲା କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣିଖାଦାନରୁ ଲୁହାପଥର ପରିବହନ କ୍ଷେତ୍ରରେ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଛି। ଫଳରେ ଆନନ୍ଦପୁର ଉପଖଣ୍ଡର ଶହଶହ ଟ୍ରକ ଲୋଡ ନ ପାଇ ରାସ୍ତା କଡରେ ଅଟକି ରହିଛି। ଏପେଟ ଋଣ କରି ଟ୍ରକ କରିଥିବା ମାଲିକମାନେ ମଧ୍ୟ ମାସିକ କିସ୍ତି ଶୁଝି ନପାରି ମାନସିକ ଅଶାନ୍ତିରେ ଦିନ କାଟୁଛନ୍ତି। କେନ୍ଦୁଝର ଜିଲ୍ଲାରେ ୬ ଚକିଆ, ୧୦ ଚକିଆ, ୧୨ଚକିଆ ଟ୍ରକ ସଂଖ୍ୟା ୬ହଜାରରୁ ଅଧିକ। ଏହି ଟ୍ରକଗୁଡିକ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣିଖାଦାନରୁ ପାରାଦୀପ, ଧାମରା, ଗୋପାଳପୁର ତଥା ବିଭିନ୍ନ ପ୍ଲାଣ୍ଟକୁ ଲୁହାପଥର ପରିବହନ କରିଥାନ୍ତି। ଗନ୍ଧମାର୍ଦ୍ଦନରୁ ମାତ୍ର ଅଳ୍ପ ସଂଖ୍ୟକ ଟ୍ରକ ଲୋଡ ହେଉଥିବାବେଳେ ଆନନ୍ଦପୁର ଉପଖଣ୍ଡର ଟ୍ରକଗୁଡିକର ଭାଗ ପଡୁ ନାହିଁ। ଏପଟେ ବର୍ଷାଦିନ ଖଣି ଅଞ୍ଚଳରେ ରାସ୍ତାଘାଟ ଖରାପ୍ ଯୋଗୁ ଲୋଡିଂ ମଧ୍ୟ ବନ୍ଦ ରହିଛି। ଯୋଡ଼ା ଓ ବଡ଼ବିଲ ସେକ୍ଟରରେ କାଁଭାଁ ଲୋଡିଂ ହେଉଥିବାରୁ ଆନନ୍ଦପୁର ଟ୍ରକଗୁଡ଼ିକ କ୍ଷେତ୍ରରେ ଗୁରୁତର ସମସ୍ୟା ଦେଖାଦେଇଛି। ସେପଟେ ସୁନ୍ଦରଗଡ଼ ଜିଲ୍ଲା କୋଇଡା ଅଞ୍ଚଳରେ ସଂଘ ବାହାର ଗାଡିକୁ ଟନ୍ ପିଛା ମାତ୍ର ୯୫୦-୧୦୦୦ ଟଙ୍କାରେ ଲୋଡ ଦିଆଯାଉଛି। ଏହାକୁ ବିଭିନ୍ନ କମ୍ପାନୀର ଟ୍ରକ ଓ ଡାଉନଟ୍ରିପ୍ ଆଣୁଥିବା ଜିଲ୍ଲା ବାହାରର ଟ୍ରକମାନେ ନେଉଛନ୍ତି। ଦର କମ୍ ରହୁଥିବାରୁ ଏହା ନେଲେ ଗାଡିର ଖର୍ଚ୍ଚ ଉଠିବ ନାହିଁ ବୋଲି ଅନେକ ମାଲିକ କହିଛନ୍ତି। ଫଳରେ ଘସିପୁରା ଓ ଆନନ୍ଦପୁର ଅଞ୍ଚଳରେ ଅନେକ ଟ୍ରକ ଏବେ ରାସ୍ତାକଡରେ ଛିଡ଼ା ହୋଇଛନ୍ତି। ଟ୍ରକ ଲୋଡିଂ ମାନ୍ଦାଯୋଗୁଁ ରାସ୍ତା କଡରେ ଥିବା ଢାବା, ହୋଟେଲ, ଗ୍ୟାରେଜ୍ ମାଲିକମାନେ ମଧ୍ୟ ଚିନ୍ତାରେ ପଡି ଯାଇଛନ୍ତି। କେତେକ ମାଲିକ ଋଣ ଚିନ୍ତାରେ ଟ୍ରକକୁ ଫାଇନାନ୍ସ କମ୍ପାନୀ ନିକଟରେ ସରେଣ୍ଡର କରିବାକୁ ମନସ୍ଥ କରିଥିବା ଜଣାପଡିଛି। କେନ୍ଦୁଝର ଟ୍ରକ ମାଲିକସଂଘ ସଭାପତି ପଦ୍ମଲୋଚନ ସାହୁ କହିଛନ୍ତି, ଲୋଡିଂରେ ମାନ୍ଦାବସ୍ଥା ଯୋଗୁଁ ଅନେକ ମାଲିକ କିସ୍ତି ଦେଇ ପାରୁନାହାନ୍ତି। ଡ୍ରାଇଭର, ହେଲପରଙ୍କ ପରିବାର ମଧ୍ୟ ଚିନ୍ତାରେ ରହିଛନ୍ତି। ବର୍ଷାଦିନ ପରେ କିଛିଟା ସୁଧାର ଆସିବ ବୋଲି ଶ୍ରୀସାହୁ କହିଛନ୍ତି। ଲୁହାପଥର ପରିବହନ ମାନ୍ଦାବସ୍ଥା ଜାରି ରହିଲେ ମାଲିକମାନେ ବାଧହୋଇ ଟ୍ରକ ବିକ୍ରି କରିଦେବେ ବୋଲି ସଂଘ କାର୍ଯ୍ୟନିର୍ବାହୀ ସଦସ୍ୟ ମନୋରଞ୍ଜନ ସାହୁ କହିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ମାଲିକମାନେ ନିବେଦନ କରିଛନ୍ତି।

### ନଦୀରେ ପାଣି ବଢ଼ିଲେ ଦେହୁରୀସାହିବାସୀ ଛନକା

## ଭୂତ ଖାଇଗଲେ ବନ୍ୟା କ୍ଷୟକ୍ଷତି ସହାୟତା ରାଶି

ଆନନ୍ଦପୁର, ୨୯।୮(ସମିସ): ପ୍ରତିବର୍ଷ ବୈତରଣୀ ନଦୀରେ ବନ୍ୟାଜଳ ଆସୁଛି ଏବଂ ଏହି ବନ୍ୟାରେ ଦେହୁରୀସାହି ଅଧିବାସୀ ହନ୍ତସନ୍ତ ହେବା ସ୍ୱାଭାବିକ ହେଲାଣି। ଏହି ସମୟ ଆସିଲେ ଗ୍ରାମବାସୀଙ୍କ ମନରେ ଛନକା ପଶେ। ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ଦେହୁରୀସାହିରେ ୩ଶହରୁ ଅଧିକ ବସବାସ କରୁଛନ୍ତି। ଏହା ବୈତରଣୀ ନଦୀକୂଳରେ ଅବସ୍ଥିତ। ବୈତରଣୀ ନଦୀ ସାହିବାସିନ୍ଦାଙ୍କ ପାଇଁ ଦୁଃଖ ପାଲଟିଛି। ବନ୍ୟା ପାଣି ସାହି ଭିତରେ ପଶି ପ୍ରତିବର୍ଷ କ୍ଷୟକ୍ଷତି ଘଟଇଥାଏ। ଗତ ୨୦୨୧ରେ ନଦୀ ପାଣି ଘର ଭିତରକୁ ପଶିଆସିଥିଲା। ପାଣି ଛାଡ଼ିଲା ପରେ ସରୀସୃପ ପ୍ରାଣୀଙ୍କୁ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥିଲା। ଜନପ୍ରତିନିଧିଙ୍କଠାରୁ ପ୍ରଶାସନିକ ଅଧିକାରୀମାନେ ବିକାଶର କଥା ଜନସାଧାରଣଙ୍କୁ ବୁଝାଉଥିଲେ ମଧ୍ୟ ବାସ୍ତବରେ କେତେ ବିକାଶ ହୋଇଛି ତାହା ଏହି ଦେହୁରୀ ସାହିବାସିନ୍ଦା ହେଉଛନ୍ତି ଉଦାହରଣ। ଏହି ସମସ୍ୟାକୁ ନେଇ ୧୩ ନମ୍ବର ୱାର୍ଡର ବାସିନ୍ଦା ବିଜୟ ମିଶ୍ର ତତ୍କାଳୀନ ଉପଜିଲ୍ଲାପାଳ, ଜିଲ୍ଲାପାଳ ଏବଂ ବିଧାୟକଙ୍କୁ ଅବଗତ କରାଇଥିଲେ। ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଏନେଇ ଦେହୁରୀ ସାହିବାସିନ୍ଦା ଓ ସମାଜସେବୀ ବିଜୟ ମିଶ୍ର ଅଭିଯୋଗ କରିଛନ୍ତି ଯେ ୨୦୨୧ରେ ଅଭିଯୋଗ ପରେ ଆରଆଇ ଆସି ସରଜମିନ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଆଧାରରେ ତତ୍କାଳୀନ ଜିଲ୍ଲାପାଳ ସାହି ବାସିନ୍ଦାଙ୍କ ଆସବାବପତ୍ର ଏବଂ ବାସନକୁସନ ପାଇଁ ୧୪ ଲକ୍ଷ ୨୬ ହଜାର ୫ ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ସେତେବେଳେ ଏହି ଟଙ୍କା ପୌର କାର୍ଯ୍ୟାଳୟକୁ ମିଳିଥିଲା ବୋଲି ସମାଜସେବୀ ଶ୍ରୀ ମିଶ୍ର କହନ୍ତି। ତେବେ ଆଜି ପର୍ଯ୍ୟନ୍ତ ସେହି ଟଙ୍କା ସାହି ବାସିନ୍ଦାଙ୍କୁ ମିଳି ନଥିବା ବେଳେ ଏହି କେଉଁ ଭୂତ ଖାଇଗଲା ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ବାହାର କରାଯାଉ ବୋଲି ଦାବି ହୋଇଛି। ସେହିପରି ବର୍ତ୍ତମାନ ସ୍ଥିତିରେ ଦୀର୍ଘଦିନର ଏହି ସମସ୍ୟାର ସମାଧାନ ପାଇଁ ଏକ ସୁରକ୍ଷିତ ଆଡିବନ୍ଧ ନିର୍ମାଣ କରିବାକୁ ଶ୍ରୀ ମିଶ୍ରଙ୍କ ସମେତ ସାହିର ବାସିନ୍ଦା ଦାବି କରିଛନ୍ତି।



## ବିଭିନ୍ନ ସ୍ଥାନରେ ଗଣେଶ ପୂଜୋତ୍ସବ



ରାମଚନ୍ଦ୍ରପୁର, ୨୯।୮(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ବଡପଦନା ୟୁଥ୍ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଗ୍ରାମ ପୁଷ୍କରିଣୀରୁ କଳସ ପୂଜନ ପରେ ଗଣପତିଙ୍କୁ ଆବାହନ ପୂର୍ବକ ପୂଜାକାର୍ଯ୍ୟ ସମ୍ପାଦିତ ହୋଇଛି। ୟୁଥକ୍ଲବର ରାଜୀବ ସାହୁ, ପଙ୍କଜ ସାହୁ, କେଶବ ସାହୁ, ରାମ ସାହୁ, ରାଜୁ ସାହୁ, ପପୁ ସାହୁ, ରାଜୁ ସହୁ, ସରୋଜ ପଲେଇ, ବାବୁଲି ସାହୁ, ଜିତୁ ସାହୁ ସମେତ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଉତ୍ସବ ପାଳନ କରିଥିଲେ। ପୂଜାମଣ୍ଡପ ନିକଟରେ ନାମ ସଂକୀର୍ତ୍ତନ ଏବଂ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ଶୁକ୍ରବାର ବିସର୍ଜନ ଅନୁଷ୍ଠିତ ହୋଇଯାଇଛି।

**ତୁରୁମୁଙ୍ଗା:** ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ଡେଣୁଆଁ ଗଣପତି କମିଟି ପକ୍ଷରୁ ୨୮ତମ ଗଣେଶପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଡମ୍ବରୁଧର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ଗଣେଶର ମହାନ୍ତ, ଶିକ୍ଷକ ଦୟାନିଧି ମହାନ୍ତ, ଅନ୍ତର୍ଜାତୀୟ ଫୁଟବଲ କୋଚ ବିରେନ୍ଦ୍ର ମହାନ୍ତ, ରାଜ୍ୟ କୁଡୁମି ସେନା ଉପସଭାପତି ମିତ୍ରଭାନୁ ମହାନ୍ତ, ସାମ୍ବାଦିକ ସନ୍ତୋଷ ପତି ପ୍ରମୁଖ ଯୋଗ ଦେଇଥିଲେ। ଡେଣୁଆଁ, ଗଣପତି କମିଟିର ସଭାପତି ଭକ୍ତବନ୍ଧୁ ସାହୁ, ସମ୍ପାଦକ ଦିବ୍ୟଲୋଚନ ସାହୁ, ଜଗତବନ୍ଧୁ ସାହୁ, ଧୀରେନ ମହାନ୍ତ, ଲିପୁ ନାଏକ ବିଶ୍ୱରଞ୍ଜନ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



## ବଳଦୁଆରେ ଅସହାୟ ଦୁଇ ଭଉଣୀଙ୍କ ନାହିଁ 'ଆଧାର'

ଆନନ୍ଦପୁର, ୨୯।୮ (ସମିସ)



ନିଜ ବାପା ଓ ମା'ଙ୍କୁ ହରାଇବା ପରେ ବର୍ତ୍ତମାନ ନିଜ ସମ୍ପର୍କୀୟଙ୍କ ଘରେ ରହି ଛେଳି ଚରାଇ ଦିନ କାଟୁଛନ୍ତି ଦୁଇ ଭଉଣୀ। ଘଟଗାଁର ଉପରଡିହା ଗ୍ରାମର ଏହି ଦୁଇ ଭଉଣୀ ଆନନ୍ଦପୁର ବ୍ଲକର ବଳଦୁଆ ଗ୍ରାମର ମୁଣ୍ଡାସାହିର ଚଗୁଲୁ ମୁଣ୍ଡା ଘରେ ଆଶ୍ରୟ ନେଇ ଦିନ ବିତାଉଛନ୍ତି। ଯାତ୍ରୀ

**■ ପାଠ ପଢ଼ିବା ବୟସରେ ଛେଳି ଚରାଉଛନ୍ତି**

**■ ଅନ୍ଧାର ଭବିଷ୍ୟତ ଆଡ଼କୁ ଗତି କରୁଛନ୍ତି**

ମୁଣ୍ଡା (୧୦) ଓ ଡଲି ମୁଣ୍ଡା (୭)ଙ୍କ ଭବିଷ୍ୟତ ଜୀବନ ଅନ୍ଧାର ଦିଗକୁ ଗତି କରୁଛି; ଯାହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଛୋଟ ଥିବାବେଳେ ରୋଗରେ ପଡ଼ି ବାପା ମଟକ ମୁଣ୍ଡା ଓ ମା' ରଜନୀ କମ ଦିନ ବ୍ୟବଧାନରେ ଆରପାରିକୁ ଚାଲି ଯାଇଥିଲେ। କିଛି ଦିନ ପରେ ପୁଅଟିକୁ ପାଖ ଗ୍ରାମର କେହି ନେଇଯିବା ପରେ ଛୋଟ ଝିଅ ଦୁଇଜଣ ଘରେ ଅସହାୟ ଅବସ୍ଥାରେ ରହିଥିଲେ। ଆନନ୍ଦପୁର ବଳଦୁଆଁର ମୁଣ୍ଡା ସାହିରେ ଘଟଗାଁରୁ ଆସି ଦୀର୍ଘବର୍ଷ ହେବ ରହି ଆସୁଥିବା ଚଗୁଲୁ ମୁଣ୍ଡା ସୋମନଙ୍କ ନିକଟ ସମ୍ପର୍କୀୟ ହୋଇଥିବାରୁ ଓ ସେତେବେଳେ ତାଙ୍କ ସନ୍ତାନ ନଥିବାରୁ ଦୁଇ ଝିଅକୁ ପାଳିବା ପାଇଁ ବଳଦୁଆଁର ମୁଣ୍ଡା ସାହିରେ ଥିବା ନିଜ ଘରକୁ ନେଇ ଆସିଥିଲେ; ହେଲେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବାରୁ ସେମାନେ ଅଭାବ ଅସୁବିଧାରେ ଚଳୁଛନ୍ତି। ରୋଗାକ୍ରାନ୍ତ ଥିବା ଓ ଅଧିକାଂଶ ସମୟ ବିଛଣାରେ ପଡ଼ି ଦିନ ବିତାଉଥିବା ଚଗୁଲୁ କାର୍ଡରେ ମିଳୁଥିବା ଚାଉଳ ଉପରେ ନିର୍ଭର କରି ନିଜର ଘର ଚଳାଉଥିବା ବେଳେ ଇତିମଧ୍ୟରେ ତାଙ୍କର ନିଜର ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଛି। ଦୁଇ ଭଉଣୀଙ୍କୁ ଘଟଗାଁରୁ ଆଣିବା ପରେ ସେମାନଙ୍କ ପରିଚୟପତ୍ର ସହ ଦୁଇ ଝିଅ ପଢୁଥିବା ବିଦ୍ୟାଳୟରୁ ପ୍ରମାଣପତ୍ର ଆଣିବା ପାଇଁ ଚଗୁଲୁ ବହୁ ଉଦ୍ୟମ କରିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରି ନଥିବା ଅଭିଯୋଗ ହେଉଛି। ଫଳରେ ନାମ ଲେଖାଇବା ସମ୍ଭବ ନୁହଁ ବୋଲି ଏଠାକାର ବିଦ୍ୟାଳୟର ଶିକ୍ଷକ ମନା କରିବାରୁ ଚଗୁଲୁ ଉଭୟ ଭଉଣୀଙ୍କ ଆଧାର କାର୍ଡ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଶେଷ କରିଥିଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଆଧାରକାର୍ଡ ମିଳିପାରି ନାହିଁ। ଫଳରେ ଦୁଇ ଭଉଣୀ ବିଦ୍ୟାଳୟକୁ ଯାଇ ପାଠ ପଢ଼ିବା ବଦଳରେ ଛେଳି ଚରାଇ ଦିନ ବିତାଉଥିବା ଜଣାପଡିଛି। ଅସହାୟ ଦୁଇ ଭଉଣୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବାର ଆବଶ୍ୟକତା ରହିଛି।

## ବିଦ୍ୟୁତ ବିଭ୍ରାଟ ପାଇଁ ୱାର୍ଡବାସୀଙ୍କ ବଢୁଛି ଅସନ୍ତୋଷ



ଚମ୍ପୁଆ, ୨୯।୮ (ସମିସ): ଚମ୍ପୁଆ ଏନଏସି ଅନ୍ତର୍ଗତ ୧ନଂ ୱାର୍ଡ ଗୋଧୂଳି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ଗ୍ରାମବାସୀ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କଠାରେ ଫେରାଦ ହୋଇ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିବାର ମାସ ମାସ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବା ଅଭିଯୋଗ ହେଉଛି। ଏପରିକି ଫିଡର ପରିବର୍ତ୍ତନ କରି ସ୍ଥାନୀୟ ଫିଡରରୁ ବିଦ୍ୟୁତ ସଂଯୋଗ କରିବାକୁ ଅନୁରୋଧ କରାଯାଇଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ। 'ଆମେମାନେ ନାମକୁ ମାତ୍ର ସହରାଞ୍ଚଳରେ ରହିଛୁ କିନ୍ତୁ ଗ୍ରାମାଞ୍ଚଳର ସୁବିଧା ପାଇପାରୁନାହୁଁ' ବୋଲି କହିଛନ୍ତି ୧ନଂ ୱାର୍ଡ କାଉନସିଲର ଛତ୍ରପତି ନାଏକ। ସୂଚନା ଅନୁସାରେ, ଗୋଧୂଳି ଗ୍ରାମ ଚମ୍ପୁଆ ଏନଏସିରେ ୧ନଂ ୱାର୍ଡ ହୋଇଥିବା ବେଳେ ପ୍ରାୟ ତିନିହଜାର ଲୋକ ଏଠାରେ ବସବାସ କରିଆସୁଛନ୍ତି। ୯୯ ଭାଗ ଲୋକ ଆଦିବାସୀ। ୪ ଶହରୁ ଅଧିକ ବିଦ୍ୟୁତ ଉପଭୋକ୍ତା ଏଠାରେ ଅଛନ୍ତି। ମାତ୍ର ଜାମୁଦଳକ ପଞ୍ଚାୟତର ଅଡଙ୍ଗାପାଳ ଫିଡରରୁ ଜଙ୍ଗଲ ମଧ୍ୟଦେଇ ୨୦-୨୫ କିମି ଦୂରତାରୁ ବିଦ୍ୟୁତ ଯୋଗାଣ ହୋଇ ଆସୁଥିବାରୁ କାଳବୈଶାଖୀ ହେଉ ବା ଝଡବତାସ କି ପଞ୍ଚାୟତରେ ଜଙ୍ଗଲି ହାତୀ ଆସିଲେ ବିଦ୍ୟୁତ ସଂଯୋଗ କଟାଯାଉଛି। ଏନେଇ ଗ୍ରାମବାସୀ ଫିଡର ପରିବର୍ତ୍ତନ ପାଇଁ ବାରମ୍ବାର ବିଦ୍ୟୁତ ବିଭାଗକୁ ଦୌଡି ଦୌଡି ହତାଶ ହେବା ପରେ ବିଧାୟକ ଶ୍ରୀ ମହାକୁଡଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ରଥଙ୍କୁ କହିଛନ୍ତି ଯେ ସେ ନୂଆ ଆସିଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଫଣ୍ଡ ଅଭାବରୁ କାର୍ଯ୍ୟ କରାଯାଇ ପାରିନାହିଁ। ତେବେ, ଖୁବଶୀଘ୍ର ଏହି କରାଯିବ ବୋଲି କହିଛନ୍ତି।

# ବଳରାମପୁର ପଞ୍ଚାୟତରେ ହଜାରେରୁ ଅଧିକ ଚାଷୀଙ୍କ ସମାବେଶ



ବାଲିଆପାଳ/ ଲଙ୍ଗଳେଶ୍ୱର, ୨୯।୮(ସମିସ): ବାଲିଆପାଳ ବ୍ଲକ୍ ଅଧୀନ ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀଙ୍କ ଆବାହକତ୍ୱରେ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତର ହଜାରେରୁ ଅଧିକ କ୍ଷତିଗ୍ରସ୍ତ ଚାଷୀ ଯୋଗଦେଇ ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ କିଭଳି ସରକାରୀସ୍ତରରେ ଉପଯୁକ୍ତ କ୍ଷତିପୂରଣ ପାଇ ପାରିବେ ସେନେଇ ଦାବି ଉପସ୍ଥାପନା କରିଥିଲେ। ବନ୍ୟାରେ ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତର ୫୦୦ ହେକ୍ଟରରୁ ଅଧିକ ଜମିରେ ପାଣି ପ୍ରବେଶ କରିବା ଯୋଗୁଁ ଧାନ ଚାଷ ସମ୍ପୂର୍ଣ ଭାବରେ ଉଜୁଡି ଯାଇଛି। ଚାଷୀ ମାନେ ବାରମ୍ବାର ଧାନ ତଳି ରୋଇ ଖର୍ଚ୍ଚାନ୍ତ ହୋଇଥିବା ବେଳେ ଏବେ ବି ଚାଷ ଜମିରେ ବନ୍ୟା ପାଣି ଲହଡି ମାରୁଛି। ସୁନାରୁଇ ଗ୍ରାମର ଉତ୍ତର ପାଶ୍ୱର୍ ଏବଂ ବଳରାମପୁର ଗ୍ରାମର ଦକ୍ଷିଣ ପାଶ୍ୱର୍ରେ ଥିବା ଶହ ଶହ ହେକ୍ଟର ଜମିରେ କିଛି ଦିନ

## ବନ୍ୟା କ୍ଷୟକ୍ଷତି ତଦନ୍ତ କରି ୭ ଦିନ ଭିତରେ କ୍ଷତିପୂରଣ ଦାବି

ପୂର୍ବରୁ ରୂଆ ଯାଇଥିବା ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବଳରାମପୁରରେ ଥିବା ସୁଇସଗେଟ ପୋଲ ଅଚଳ ହୋଇଯାଇଥିବାରୁ ସେହି ବାଟେ ବନ୍ୟା ଜଳ ପ୍ରବେଶ କରି ଦୁଇଟି ପଞ୍ଚାୟତର ଚାଷ ଉଜାଡ଼ି ଦେଉଛି। ବିରିପାଲିଆଠାରୁ ଉତ୍ତର ବିଲ ଦେଇ ଲଙ୍ଗଳେଶ୍ୱର ପାର୍ବତୀ ନଦୀ ପର୍ଯ୍ୟନ୍ତ ବନ୍ୟା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ବନ୍ୟାରେ ଅଞ୍ଚଳର ହଜାର ହଜାର ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ଚାଷୀଙ୍କୁ ବନ୍ୟା କ୍ଷୟକ୍ଷତି ବାବଦକୁ ସରକାରୀ ସ୍ତରରେ କ୍ଷତିପୂରଣ ମିଳୁଥିବା ବେଳେ ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତର ଚାଷୀମାନେ ସେଥିରୁ ବାଦ ପଡୁଛନ୍ତି। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଆସନ୍ତା ୭ ଦିନ ମଧ୍ୟରେ ତଦନ୍ତ କରି ଏହି ଦୁଇ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ନକଲେ ବାଲିଆପାଳ ବ୍ଲକ ଏବଂ ତହସିଲ ଅଫିସ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି କ୍ଷତିଗ୍ରସ୍ତ ଚାଷୀ। ସମାବେଶରେ କୀର୍ତ୍ତନ ଧଳ, ନିତ୍ୟାନନ୍ଦ ପାଣିଗ୍ରାହୀ, ସୁଦାମକାନ୍ତ ଜେନା, ରାଜେନ୍ଦ୍ର ଧଳ, କାହ୍ନୁଚରଣ ପାତ୍ର, ପ୍ରଫୁଲ ପାତ୍ର, ସୁକାନ୍ତ ଜେନା, ମୀନକେତନ ଦାସ ମହାପାତ୍ର, କରୁଣାକର କାମିଲା, ନିତ୍ୟାନନ୍ଦ ଜେନାଙ୍କ ସମେତ ଏକ ହଜାରରୁ ଅଧିକ ଚାଷୀ ଯୋଗଦେଇଥିଲେ।

### ସୁବର୍ଣ୍ଣରେଖା ବନ୍ୟା ବିଭୀଷିକା

# ବନ୍ୟା ବଢ଼ାଇଲା ଚାଷୀଙ୍କ ଚିନ୍ତା; ପାଣି ତଳେ ସଢୁଛି ଧାନଫସଲ

ବାଲେଶ୍ୱର(ଉତ୍ତର),୨୯।୮ (ସମିସ)



ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ କ୍ରମାଗତ ବନ୍ୟା ଉତ୍ତର ବାଲେଶ୍ୱର ଅଞ୍ଚଳର ଚାଷୀମାନଙ୍କ ଚିନ୍ତା ବଢ଼େଇ ଦେଇଛି। ଜଳେଶ୍ୱର, ବାଲିଆପାଳ ଏବଂ ଭୋଗରାଇ ବ୍ଲକର ହଜାର ହଜାର ହେକ୍ଟର ଜମିରେ ରୁଆ ଧାନ ଫସଲ ଏବେ ପାଣି ତଳେ ସଢୁଛି। ଯାହାଫଳରେ ଧାନ ଚାଷ ଉପରେ ନିର୍ଭର କରୁଥିବା ହଜାର ହଜାର ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ସେହିପରି ପନିପରିବା ଫସଲ ମଧ୍ୟ ଉଜୁଡ଼ି ଯାଇଛି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଜୁଲାଇ ମାସରୁ ଏଯାବତ ସୁବର୍ଣ୍ଣରେଖାରେ କ୍ରମାଗତ ଭାବେ ୬ଥର ବନ୍ୟା ଆସି ସାରିଲାଣି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିଥର ବନ୍ୟା ଜଳ ସମୁଦ୍ରକୁ ନିଷ୍କାସନ ହେବାରେ ବିଳମ୍ବ ଘଟୁଛି। ଥରେ ବନ୍ୟା ଆସିଲେ ୧୫ଦିନ ଧରି ଚାଷ ଜମି ସହିତ ଗାଁଗୁଡ଼ିକ ପ୍ରଭାବିତ ହେଉଛି। ଜମିରେ ଦୀର୍ଘଦିନ ଧରି ଜଳ ଜମିବା କାରଣରୁ ଧାନ ଫସଲ ସଢୁଛି। ଚଳିତ ବର୍ଷ ଜଳେଶ୍ୱର ବ୍ଲକର ୭ଟି ପଞ୍ଚାୟତ ୨୨ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା ବେଳେ ଏହି ସବୁ ଗାଁର ପ୍ରାୟ ୬୦୦୦ ହେକ୍ଟର ଧାନ ଫସଲ, ୨୦୦ ହେକ୍ଟର ପନିପରିବା ଏବଂ ୧୦ ହେକ୍ଟର ଝୋଟ ଚାଷ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ଭୋଗରାଇ ବ୍ଲକର ୧୧ଟି ପଞ୍ଚାୟତର ୫୨ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା ବେଳେ ସର୍ବାଧିକ ୧୦୫୦ ହେକ୍ଟର ଜମିରେ ରୁଆ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଖରିଫ ଚାଷ ବିଳମ୍ବିତ ହୋଇଥିଲା ବେଳେ ଦୁଇମାସ ମଧ୍ୟରେ କ୍ରମାଗତ ବନ୍ୟା ଯୋଗୁଁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସେହିପରି ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ପ୍ରାୟ ୯୦୦୦ ହେକ୍ଟରରୁ ଅଧିକ ଜମିରେ ଧାନ ଫସଲ ସହିତ ପନିପରିବା ଏବଂ ଅନ୍ୟାନ୍ୟ ଫସଲ ନଷ୍ଟ ହେବାକୁ ବସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଳ ଛାଡ଼ିଲେ ମଧ୍ୟ ଧାନତଳି ଆଉ ଚାଷୀଙ୍କ ପାଖରେ ନଥିବାରୁ ଆଉ ଚାଷ କାର୍ଯ୍ୟ ହୋଇପାରିବ ନାହିଁ। ସେହିପରି ଭୋଗରାଇ ବ୍ଲକର ଏଭଳି କେତେକ ପଞ୍ଚାୟତ ରହିଛି ସେଠାରେ ମାସାଧିକ କାଳ ପର୍ଯ୍ୟନ୍ତ ଜଳ ନିଷ୍କାସନ ହୋଇପାରୁ ନଥିବାରୁ ସେଠାରେ ଆଉ ଚାଷ କାର୍ଯ୍ୟ ସମ୍ଭପର ହୋଇପାରିବ ନାହିଁ। ତେଣୁ କୃଷି ବିଭାଗ ତୁରନ୍ତ କ୍ଷୟକ୍ଷତି ଆକଳନ କରିବା ସହିତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ଯୋଗାଇବା ସହିତ ମାଗଣାରେ ସଅଳ କିସମ ଧାନ ବିହନ, ସାର, କୀଟନାଶକ ଔଷଧ ତଥା ପନିପରିବା ମଞ୍ଜି ଇତ୍ୟାଦି ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।

# ବନ୍ୟା ଉଜାଡ଼ି ଦେଲା ଜୀବନ ଜୀବିକା



ଜଳେଶ୍ୱର ୨୯।୮(ସମିସ): ସୁବର୍ଣ୍ଣରେଖା ନଦୀରେ ଷଷ୍ଠଥର ବନ୍ୟା ଆସିବା ଫଳରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳର ବହୁ ତଳିଆ ଅଞ୍ଚଳରେ ବନ୍ୟା ଜଳ ପ୍ଲାବିତ ହେବା ସହ ବହୁ ଚାଷ ଜମି ଜଳମଗ୍ନ ହେବାରୁ ପରିବା ଚାଷ ଓ ଧାନ ଚାଷକୁ ବିଶେଷ କ୍ଷତି ଗ୍ରସ୍ତ କରିଛି। ଉଜାଡି ଦେଇଛି ଉତ୍ତର ବାଲେଶ୍ୱରର ଚାଷୀଙ୍କର ଜୀବନ ଜୀବିକା। ଦୁଇ ଥର ତଳି ଘେରା ନଷ୍ଟ ହେବା ପରେ ଉକ୍ରଟ ମୂଲ୍ୟ ଦେଇ ବିଭିନ୍ନ ସ୍ଥାନରୁ ବିହନ ସଂଗ୍ରହ କରି ଜମି ରୋଇ ଚାଷୀ ପୁଣି ଅଣ୍ଟା ସଳଖିବାକୁ ଚେଷ୍ଟା କରୁଥିବା ବେଳେ ସୁବର୍ଣ୍ଣରେଖାର ଷଷ୍ଠ ବନ୍ୟା ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ। ସରକାରଙ୍କ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ଜଳେଶ୍ୱର ବ୍ଲକ ଖାଲିନା ପଞ୍ଚାୟତ ଖାଲିନା ଗ୍ରାମର ସଞ୍ଜୟ କୁମାର କର, ନଗେନ୍ଦ୍ର ନାଥ ଦେ, ଅଭୟ କୁମାର ଦେ, ଅଜିତ୍ କୁମାର ସିଟ, ଉମେଶ କୁମାର ରାଉଳ, ସୃଷ୍ଟିଧର ଜେନା, ବାସୁଦେବ ଜେନା, ରମେଶ ମହାପାତ୍ର, ସାଇମନ ଜେନାଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଦାବି କରିଛନ୍ତି।

# ଉଲାଡ଼ି ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ



ଭୋଗରାଇ ୨୯।୮(ସମିସ): ସୁବର୍ଣ୍ଣରେଖା ନଦୀରେ ଷଷ୍ଠ ବନ୍ୟାରେ ପାଣି କମିଛି ସତ; କିନ୍ତୁ ତଳିଆ ଅଞ୍ଚଳର ଅବସ୍ଥା ସଂକଟାପନ୍ନ ରହିଛି। ବିଶେଷ କରି ପୁଟିଣା ପଞ୍ଚାୟତର ଉଲାଡି ଗ୍ରାମର ବାହ୍ୟଜଗତରୁ ବିଚ୍ଛିନ୍ନ। ରାସ୍ତାରେ ପେଟେ ପେଟେ ପାଣିରେ ଯିବାଆସିବା କରୁଥିବା ସମୟରେ ବିଷଧର ସାପ ଏବଂ ପୋକଯୋକରେ ଶିକାର ହେଉଛନ୍ତି। ଗ୍ରାମରେ ଆଜକୁ ୫ ଦିନହେଲା ଚୁଲିରେ ପାଣି ପଶିଯାଇଥିବା ହେତୁ ଏକ ପ୍ରକାର ରୋଷେଇ ଠପ୍ ହୋଇଯାଇଛି। ଦୈନନ୍ଦିନ ଜୀବନ ପାଇଁ ଯେତିକି ଖାଦ୍ୟର ଆବଶ୍ୟକତା ତାହା ସେମାନେ ପାଇଁ ପାରୁନାହାନ୍ତି। କାରଣ ସେମାନଙ୍କ ଘର ଠାରୁ ପ୍ରାୟ ୪ କିଲୋମିଟର ଦୂର ବାଉଁଶ ଡିଆ ହାଟକୁ ଯିବାକୁ ପଡୁଛି। ଯାତାୟାତ ପାଇଁ ରାସ୍ତା ଉପରେ ପେଟେ ପାଣିରେ ପହଁରି ପହଁରି ଯିବାକୁ ପଡୁଥିବାରୁ ଗମନାଗମନ ବାଧାପ୍ରାପ୍ତ ହେଉଛି। ଭୋଗରାଇ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଖଣ୍ଡିଏ ମଧ୍ୟ ଦେଶୀ ବା ଇଞ୍ଜିନ ଚାଳିତ ଡଙ୍ଗା ଦିଆଯାଇନାହିଁ କି ପଞ୍ଚାୟତ ପକ୍ଷରୁ ମଧ୍ୟ ଡଙ୍ଗାର ବେବସ୍ଥା କରାଯାଇନାହିଁ। ଘରେ ଥିବା ଶୁଖିଲା ଖାଦ୍ୟ ଏକ ମାତ୍ର ସାହାରା ପାଲଟିଛି। ପ୍ରସୂତି ମହିଳା, ରୋଗୀ ଓ ଅସୁସ୍ଥ ବୃଦ୍ଧ ବୃଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟାତର ସୁବିଧା ନଥିବାରୁ ସେମାନଙ୍କ ଅକାଳରେ ଜୀବନ ଯିବାର ଏକ ପ୍ରକାରର ନିଶ୍ଚିତ ହୋଇଅଛି। ଅଗଷ୍ଟ ୨୭ 'ସକାଳ'ରେ ଖବର ପ୍ରସାରଣ ପରେ ୨୮ ତାରିଖରେ ପୁଟିଣା ସରପଞ୍ଚ କିଛି ଗୁଡ ଓ ଚୁଡ଼ା ବାଣ୍ଟିଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ଭଳି ଡବଲ ଇଞ୍ଜିନ ସରକାର ବନ୍ୟାବାସୀ ପାଇଁ ସରକାରୀ ଖାତାରେ ବିଭିନ୍ନ ଯୋଜନା ଗୁଡିକ ଥିଲାବେଳେ ବାସ୍ତବରେ ଗ୍ରାମାଞ୍ଚଳର ସ୍ଥିତି ସମ୍ପୂର୍ଣ୍ଣ ଓଲଟା ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ସୋର,୨୯।୮(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ନିକଟରେ ଏକ ଟ୍ରକକୁ ଧକ୍କାଦେଇ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଦହିସଡା ପଞ୍ଚାୟତ ସୁଲତାନପୁର ଗ୍ରାମର ତପୁ ମଣ୍ଡଳ ଓ ଉମେଶ ଚନ୍ଦ୍ର ଖଟୁଆ ବାଇକରେ ବାରିକପୁର ହାଟରୁ ଘରକୁ ଫେରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ବିସ୍ଫୋରକ ଭର୍ତ୍ତିଥିବା ପିକ୍‌ଅପ୍ ଦୁର୍ଘଟଣା ଘଟଣା; ବ୍ୟବସାୟୀ ଗିରଫ

ସୋର,୨୯।୮(ସମିସ): ଗତ ଜୁଲାଇ ୧୯ ତାରିଖରେ ବିସ୍ଫୋରକ ଭର୍ତ୍ତିଥିବା ପିକଅପ ଭ୍ୟାନ ସୋର ଥାନା ତଳନଗର ନିକଟରେ ଦୁର୍ଘଟଣା ଘଟିଥିବା ବେଳେ ଚାଳକ ଫେରାର ହୋଇଯାଇଥିଲା। ଏହି ଘଟଣାରେ ଆଜି ସୋର ପୁଲିସ ଉକ୍ତ ବିସ୍ଫୋରକ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଗତ ଜୁଲାଇ ୧୯ ତାରିଖ ରାତି ୧୧ଟାରେ ବିସ୍ଫୋରକ ସାମଗ୍ରୀ (ଜିଲୋଟିନ) ଭର୍ତ୍ତିଥିବା ଓଡ଼ି ୦୧ ଇୟୁ ୦୯୧୭ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନ ଭୁବନେଶ୍ୱରରୁ ସୋର ଆସୁଥିଲା। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଗାଡିଟିକୁ ଜବତ କରି ସୋର ଥାନାକୁ ନେଇଥିବା ବେଳେ ଚାଳକ ଫେରାର ହୋଇଯାଇଥିଲା। ପୁଲିସ ଏନେଇ ୫୪୯/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ମଧ୍ୟାହ୍ନରେ ଏହି ବିସ୍ଫୋରକ ବ୍ୟବସାୟ କରୁଥିବା ମହୁମୁହାଣ ପଞ୍ଚାୟତ ଅଙ୍ଗୁଳା ଗ୍ରାମର ହରେକୃଷ୍ଣ ଉପାଧ୍ୟାୟଙ୍କୁ ପୁଲିସ ଗିରଫ କରିଛି। ଅପରାହ୍ଣରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରିଛି।

# ମଦ ଜବତ; ବ୍ୟବସାୟୀ ଫେରାର୍

ଭୋଗରାଇ,୨୯।୮(ସମିସ): ଭୋଗରାଇ ବ୍ଲକରେ ବିଭିନ୍ନ ଜାଗାରେ ମଦର ବନ୍ୟା ଛୁଟିବାର ଦେଖିବାକୁ ଲାଗିଛି। ସନ୍ଧ୍ୟା ହେଲେ ବେଧଡକ ମଦ ମାଫିଆମାନେ ଖୋଲମଖୋଲା ମଦ ବିକ୍ରି କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଗତକାଲି ମଧ୍ୟରାତ୍ରରେ ଭୋଗରାଇ ଥାନା ଅଧିକାରୀ ରୋହିତ ବଳଙ୍କ ଏକ ଟିମ୍ କୁମ୍ଭୀର ଗଡ଼ି ପଞ୍ଚାୟତ ଖଳାବାଡିଆ ଗ୍ରାମର ନିକୁଞ୍ଜ ଦାସଙ୍କ ପୁଅ ସଞ୍ଜୟ ଦାସଙ୍କ ଚୋରା ମଦ ଦୋକାନ ଉପରେ ଚଢ଼ଉ କରି ୨୪ ଲିଟର ୮ ଶହ ମିଲିର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିଥିବା ସ୍ଥଳେ ବ୍ୟବସାୟୀ ଫେରାର ହୋଇଥିବା ସୂଚନା ଦେଇଛନ୍ତି। ଏନେଇ ଭୋଗରାଇ ଥାନାରେ ୨୭୦/୨୫ ମାମଲା ରୁଜୁ ହୋଇଛି।

# ସିପିଆଇ (ଏମ୍) ପ୍ରଥମ ରାଜ୍ୟ ସମ୍ପାଦକଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର



ନୀଳଗିରି,୨୯।୮(ସମିସ): ନୀଳଗିରି କଲ୍ୟାଣମଣ୍ଡପ ପରିସରରେ ସିପିଆଇ (ଏମ) ପ୍ରଥମ ରାଜ୍ୟ ସମ୍ପାଦକ ବନମାଳି ଦାସଙ୍କ ୧୦୭ ତମ ଜନ୍ମଜୟନ୍ତୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍ମୃତିକମିଟିର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା ସଭାପତିତ୍ୱ କରି ନିଜ ଅଭିଭାଷଣରେ ସ୍ୱର୍ଗତଃ ବନମାଳୀ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତଃ ଦାସ ନୀଳଗିରି ତଥା ବାଲେଶ୍ୱର ମାଟିର ଜଣେ କ୍ରାନ୍ତି ପୁରୁଷ ଥିଲେ ବୋଲି ସେ କହିଥିଲେ। ଛାତ୍ର ଜୀବନରୁ ତାଙ୍କର ଉଦ୍ଦାମତା, ପ୍ରଖର ବୁଦ୍ଧିମତ୍ତା ଓ ତତ୍କାଳୀନ ପରାଧୀନ ଭାରତ ବର୍ଷ ଓ ନୀଳଗିରି ଗଡ଼ଜାତ ରାଜ୍ୟର ସ୍ୱାଧୀନତାର ସ୍ୱପ୍ନ ଦେଖିଥିଲେ। ଏଥିସହିତ ପ୍ରଥମ ବ୍ୟକ୍ତି ଯିଏକି ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ନିରୀହ ଜନସାଧାରଣଙ୍କ ମନରେ ସ୍ୱାଧୀନତା ଆନ୍ଦୋଳନର ବୀଜବପନ କରିଥିଲେ। ଏବଂ ତାଙ୍କ ଦେଶପ୍ରୀତି ବିଷୟରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟକାନ୍ତ ମିଶ୍ର, ଅନ୍ୟତମ ବକ୍ତା ତଥା ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ସିପିଆଇ (ଏମ) ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ସିପିଆଇ (ଏମ) ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ବନମାଳୀ ଦାଶ ସ୍ମୃତି କମିଟିର ଆବାହକ ବିଜୟ କୁମାର ପାତ୍ର, ନୀଳଗିରି ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଓ ବନମାଳୀ ଦାଶ ଯୋଗଦେଇଥିଲେ। ବିଜୟ କୁମାର ପାତ୍ର ମଞ୍ଚ ଆହ୍ୱାନ ଏବଂ ଶେଷରେ ଉର୍ମିବାଳା ଦାସ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଲକ୍ଷ୍ମୀଧର ସାହୁ, ଶ୍ୟାମ ସିଂ, ଦିବାକର ବାରିକ, ଦୀପ୍ତିମାନ ଆଚାର୍ଯ୍ୟ, ପ୍ରେମାଞ୍ଜନ ପାତ୍ର, ଦିଲ୍ଲୀପ ଗିରି, ରାଜକିଶୋର ଲେଙ୍କା, ଇଶାନୀ ଷଡଙ୍ଗୀ, ରାଧା ଦାସ, ସୁରେଶ ନାୟକଙ୍କ ସମେତ ବହୁ ଆଇନଜୀବୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପ୍ରଚଣ୍ଡ ଡିଜେ ଶବ୍ଦରେ ଅତିଷ୍ଠ ଲୋକେ



ବାଲେଶ୍ୱର,୨୯।୮(ସମିସ): ବାଲେଶ୍ୱର ସହରରେ ଆଜି ପ୍ରଥମ ପର୍ଯ୍ୟାୟ ବିସର୍ଜନ ଉତ୍ସବ ଶେଷ ହୋଇଛି। ତେବେ ଏହି ବିସର୍ଜନ ସମୟରେ ପ୍ରଚଣ୍ଡ ଡିଜେ ଶବ୍ଦରେ ସହର ଥରହର ହେବା ସହ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ଏମିତିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ ଯାହା ସାଇଲେଣ୍ଟ ଜୋନ୍ ହୋଇଥିବା ବେଳେ ଡିଜେ ଶବ୍ଦ ଉଚ୍ଚ ଥିବାରୁ ମହିଳା ଜଣକ ଏହି ଶବ୍ଦରେ ବିଚଳିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ ରାତି ୧୦ ସୁଦ୍ଧା ଭସାଣି ଶେଷ ଆଲୋଚନା ଦିଗହରା ହୋଇଥିବା ଜଣାପଡିଛି। ଏନେଇ ପୁଲିସ ପ୍ରଶାସନ ଶବ୍ଦ ପ୍ରଦୂଷଣ ନେଇ ନୀରବତାକୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଭସାଣି ଆନନ୍ଦ ଉଲ୍ଲାସରେ ହେବା ସହ ନାଚ ଗୀତକୁ କେହି ବିରୋଧ କରୁନାହାନ୍ତି ସତ ହେଲେ ଉଚ୍ଚ ଶବ୍ଦର ମାତ୍ରାକୁ ଅନେକ ବିରକ୍ତି ପ୍ରକାଶ କରିଛନ୍ତି। ବିଶେଷକରି ହୃଦରୋଗୀ, ଶିଶୁ, ପ୍ରସୂତି ଏବଂ ବୟସ୍କଙ୍କ ଏପରି ଉଚ୍ଚ ଶବ୍ଦ ଅତ୍ୟନ୍ତ ବିପଦ ସାଜି ପାରେ ବୋଲି ମତପ୍ରକାଶ ପାଇଛି। ସର୍ବୋପରି ଚିକିତ୍ସାଳୟ ନିକଟରେ ଡିଜେ ବାଜିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳ ଦେଇ ଯିବା ବେଳେ କାନରେ ହାତ ନଦେଇ ଯିବା ସମ୍ଭବପର ହେଉନାହିଁ।

# ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ




ବାଲେଶ୍ୱର,୨୯।୮(ସମିସ): ଗାନ୍ଧୀ ଯୁକ୍ତଦୁଇ ବିଜ୍ଞାନ ଆବାସିକ କଲେଜ ଏବଂ କଳିଙ୍ଗ ଟ୍ୟୁଟୋରିଆଲରେ ନୂଆଁଖାଇ ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଞ୍ଜୀବ କୁମାର ପତି ଏବଂ ଗାନ୍ଧୀ ଶିକ୍ଷାନୁଷ୍ଠାନର ଅଧକ୍ଷ ଅମିୟ କୁମାର ପରିଡା ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଉଭୟ ଅନୁଷ୍ଠାନର ମୁଖ୍ୟ ଓମ୍ ପ୍ରକାଶ ମହାପାତ୍ର ସଭା ପରିଚାଳିତ ହୋଇଥିଲା। ଏହି ଅବସରରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ପିଚ୍ ବୋର୍ଡ ଏବଂ କଲମ ପ୍ରଦାନ କରାଯାଇଥିଲା। ଉତ୍ସବରେ ଡ. ରମାକାନ୍ତ ଜେନା, ସଞ୍ଜୟ କୁମାର ପ୍ରଧାନ, ସୁବ୍ରତ ଚାନ୍ଦ ଓ ଚିତ୍ତରଞ୍ଜନ ନାୟକ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ବର୍ଷର ଛାତ୍ରଛାତ୍ରୀ କଳିଙ୍ଗ ଟ୍ୟୁଟୋରିଆଲ ଏବଂ ଗାନ୍ଧୀ ଯୁକ୍ତଦୁଇ ବିଜ୍ଞାନ ଆବାସିକ କଲେଜରେ ସାମିଲ ହୋଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସର୍ବେଶ୍ୱର ଜେନା, ସଂଯୁକ୍ତା ଦାସ, ପ୍ରଣତି ପାଣିଗ୍ରାହୀ, ସ୍ମୃତିଶିଖା ମହାପାତ୍ର, ପୁଷ୍ପଲତା ପଣ୍ଡା, ପୂର୍ଣ୍ଣମାସି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯାତ୍ରୀଙ୍କ ହଜିଯାଇଥିବା ମୋବାଇଲ୍ ଫେରାଇଲେ ଆରପିଏଫ୍


ବାଲେଶ୍ୱର,୨୯।୮(ସମିସ): ଟ୍ରେନ୍‌ରେ ଯାତ୍ରୀଙ୍କ ହଜିଯାଇଥିବା ଫୋନ୍ ଫେରାଇଲେ ଆରପିଏଫ ଟିମ୍। ଭଦ୍ରକରୁ ଖଡ଼ଗପୁର ଯାଉଥିବା ଟ୍ରେନ ନମ୍ବର ୧୩୪୩୩ 'ଏମ୍‌ଏଲଡିଟି-ଅମୃତ ଭାରତ' ଏକ୍ସପ୍ରେସରେ ଟ୍ରେନ ଏସ୍କର୍ଟିଂ ଡ୍ୟୁଟି ସମୟରେ ଆରପିଏଫ ଟିମ୍ ଏକ ଆଣ୍ଡ୍ରଏଡ୍ ମୋବାଇଲ୍ ପାଇଥିଲେ। ଆରପିଏଫ ଟିମ୍ ଡିଭାଇସ୍ ବ୍ୟବହାର କରି ମୋବାଇଲ୍ ଫୋନ୍ ମାଲିକଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ ଏସ୍କେ ଆରିଫ୍‌ଙ୍କ ଫୋନ୍। ଏହି ଯାତ୍ରୀ କଟକରୁ ଜଳେଶ୍ୱର ଯାତ୍ରା କରୁଥିଲେ। ଜଳେଶ୍ୱର ଷ୍ଟେସନରେ ଓହ୍ଲାଇବା ପରେ ଅସାବଧାନତାବଶତଃ ତାଙ୍କ ଫୋନ୍ ଟ୍ରେନ୍‌ରେ ଛାଡ଼ି ଦେଇଥିଲେ। ଉଦ୍ଧାର ହୋଇଥିବା ଫୋନ୍‌ଟିକୁ ଆରପିଏଫ ପୋଷ୍ଟ ଖଡ଼ଗପୁରକୁ ଅଣାଯାଇଥିଲା ଏବଂ ସୁରକ୍ଷିତ ହେପାଜତରେ ରଖାଯାଇଥିଲା। ମୋବାଇଲର ମାଲିକ ଏସ୍କେ ଆରିଫ୍ ଆରପିଏଫ ପୋଷ୍ଟ କେଜିପି ଆସିଥିଲେ। ସଠିକ୍ ଯାଞ୍ଚ ଏବଂ ଡକ୍ୟୁମେଣ୍ଟେସନ୍ ପରେ ଅଧିକାରୀଙ୍କ ଉପସ୍ଥିତିରେ ପ୍ରାୟ ୧୮ ହଜାର ମୂଲ୍ୟର ମୋବାଇଲ୍ ଫୋନ୍ ତାଙ୍କୁ ହସ୍ତାନ୍ତର କରାଯାଇଛି। ମୋବାଇଲ ପାଇବା ପରେ ଯାତ୍ରୀ ଜଣକ ଆରପିଏଫ ଟିମ୍‌କୁ ସେମାନଙ୍କର ସଚ୍ଚୋଟତା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଅପରେସନ ଅମାନତ ଭଳି ପଦକ୍ଷେପ ଅଧୀନରେ ଖଡ଼ଗପୁର ଡିଭିଜନ ଯାତ୍ରୀ ଏବଂ ସେମାନଙ୍କ ଜିନିଷପତ୍ର ସୁରକ୍ଷା ପାଇଁ ପ୍ରତିବଦ୍ଧ ରହିଛନ୍ତି।

# ଅଗ୍ନିବୀଣା ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ଭୋଗରାଇ,୨୯।୮(ସମିସ): ଭୋଗରାଇ ବ୍ଲକ କଖଡା ପଞ୍ଚାୟତ ତଲାଡ଼ି ଗ୍ରାମର ଅଗ୍ନିବୀଣା ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡା. ଚନ୍ଦ୍ରଶେଖର ମାଇତି ଫିତାକାଟି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉତ୍ତର ଦଣ୍ଡପାଟ, ଯୁବକ ସଂଘର ସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଶ୍ରୀ ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିଲ୍ଲା ରକ୍ତ ଭଣ୍ଡାରରୁ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ବେଳେ ଯୁବକ ସଂଘ ପକ୍ଷରୁ ରକ୍ତଦାତାଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା। ଅର୍ଜୁନ ପ୍ରହରାଜ, ଧନଞ୍ଜୟ ଚାନ୍ଦ, ସୁଶାନ୍ତ ଦାସ, ଗୋପାଳ ଦାସ, ରାଜୀବ ଦାସ, ବିଶ୍ୱନାଥ ଦାସ, ସଞ୍ଜୟ ଦାସ, ଗୋବିନ୍ଦ ଦାସ, ସନ୍ତୋଷ ଦାସ, ମନୋଜ ଦାସ, ଚନ୍ଦନ କର, ଚନ୍ଦନ ପ୍ରହରାଜ, ଅମର ଚାନ୍ଦ, ପ୍ରତମ ଚାନ୍ଦ, ଅମିତ ଚାନ୍ଦ, ମାମନୀ ଚାନ୍ଦ, ରବୀନ୍ଦ୍ର ହାଜିରା, ଦେବବ୍ରତ ଚାନ୍ଦ, ପୂର୍ଣ୍ଣ ଚାନ୍ଦ, ପ୍ରଣବ ଚାନ୍ଦ, ସଞ୍ଜୀବ ଦେ, ଲକ୍ଷ୍ମୀନାରାୟଣ ଦେ, ଦେବାଶିଷ ସାହୁ, ସଞ୍ଜୀବ ସାହୁ, ଅର୍ଣ୍ଣବ ପାଣିଗ୍ରାହୀ, ବରୁଣ ପାତ୍ର, ବାବୁଲା ସାହୁ, ବାବୁଲୁ ରାଉତ, ଚୈତନ୍ୟ ଚାନ୍ଦ, ଚନ୍ଦନ ଦେ, ଗୋବିନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଖଣି ମାଫିଆ ସକ୍ରିୟ: ଲୁଟ୍ ହେଉଛି ଟ୍ରିପ୍ ଟ୍ରିପ୍ ପଥର; କୋଟି କୋଟି ଟଙ୍କାର ରାଜସ୍ୱ ହାନୀ

ଦକ୍ଷିଣ ବାଲେଶ୍ୱର,୨୯।୮ (ସମିସ)





ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନରେ ଥିବା ଶାରୀଶୁଆ ପାହାଡ଼ରୁ ଚାଲିଛି ବେଆଇନ ଖଣି ଖନନ। ଲୁଟ ହେଉଛି କୋଟି କୋଟି ଟଙ୍କାର ରାଜସ୍ୱ ବୋଲି ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ଧରି ଖଣି ମାଫିଆମାନେ ପ୍ରଶାସନ ଅଧିକାରୀଙ୍କୁ ଖାତିର ନକରି ବିଳମ୍ବିତ ରାତିରେ ବ୍ଲାଷ୍ଟିଂ କରି ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରୁଛନ୍ତି। ଗତ ମଙ୍ଗଳବାର ପାହାଡ଼ରେ ବ୍ଲାଷ୍ଟିଂ ହୋଇଥିବାରୁ ବୁଧବାର ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଓ ଖଣି ବିଭାଗ ଅଧିକାରୀମାନେ ଖଣିରେ ପହଞ୍ଚି ତଦନ୍ତ କରିଥିଲେ। ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ତାର ଖଞ୍ଜାଯାଇ ଥିବାର ଦେଖି ବ୍ଲାଷ୍ଟିଂକୁ ପଣ୍ଡ କରିଥିଲେ। ତେବେ କିଛି ଦିନ ତଳେ ପୁଲିସ କୁପାରୀ ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କାର ବିସ୍ଫୋରକ ଜବତ କରିଥିଲା। ବାରମ୍ବାର ବ୍ଲାଷ୍ଟିଂ ହେଉଥିବାରୁ ନୀଳଗିରି ଏସଡିପିଓ ଶ୍ରୀ ମଲ୍ଲିକ ଖାଦାନରେ ଚଢ଼ଉ କରିଥିଲେ। ଏହି ବେଆଇନ ବ୍ଲାଷ୍ଟିଂରେ ଆଖପାଖ ଅଞ୍ଚଳର ଘର ଛାତ ଓ କାନ୍ଥ ଫାଟିଯାଉଛି। ଭୟ ଓ ଆତଙ୍କରେ ଜୀବନ ବିତାଉଛନ୍ତି ଗାଁ ଲୋକେ। ଏବେ ସରକାରୀ ନିୟମ ଅନୁସାରେ ଖଣି ଖାଦାନ ବନ୍ଦ ଥିବାବେଳେ ବେଆଇନ ଭାବେ ଖଣି ଖାଦାନ ଚାଲୁ ରହିଛି। ଖଣି ମାଫିଆମାନେ ସ୍ଥାନୀୟ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କୁ ହାତ ଗୁଞ୍ଜାଦେଇ ପାହାଡ଼କୁ ଲୁଟ୍ କରିବାରେ ଲାଗିପଡିଛନ୍ତି ବୋଲି ଅଭିଯୋଗ ହେଉଛି। ଖଇରା ତହସିଲଦାର ଓ ଆଇଆଇସି, ବାଲେଶ୍ୱର ଖଣି ବିଭାଗ, ଜିଲ୍ଲାପାଳ ଓ ଏସ୍‌ପି କାହିଁକି ଚୁପ୍‌ବସି ଯାଉଛନ୍ତି ବୁଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ସିମୁଳିଆ ବିଧାୟକ ଚାହିଁବେ ତାହେଲେ ଗୋଟିଏ ଦିନରେ ବେଆଇନ ଖଣି ଖନନ ଉପରେ ରୋକ ଲାଗିବ। କିନ୍ତୁ କାହିଁକି ସେମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଯାହାଫଳରେ ମାଫିଆମାନେ ଦିନକୁ ଦିନ ପଥର ଲୁଟ୍ କରି ଚାଲିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଗ୍ରାମବାସୀ କହିଛନ୍ତି।

ଏନ୍‌ଏସ୍‌ଜି-୪ ମାନ୍ୟତାପ୍ରାପ୍ତ ଜଳେଶ୍ୱର ରେଳଷ୍ଟେସନ

# ମୌଳିକ ସୁବିଧାରୁ ବଞ୍ଚିତ ଯାତ୍ରୀ

ଜଳେଶ୍ୱର,୨୯।୮ (ସମିସ)




**ମୁକ୍ତ ଶୌଚାଳୟ ନଥିବାରୁ ଅସୁବିଧା ଭୋଗୁଛନ୍ତି ଯାତ୍ରୀ**

ରାଜ୍ୟ ଉତ୍ତର ସୀମାନ୍ତରେ ଥିବା ଜଳେଶ୍ୱର ରେଳଷ୍ଟେସନ ଭୌଗଳିକ କାରଣରୁ ଯାତ୍ରୀମାନଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରିଥାଏ। ଦକ୍ଷିଣ ପୂର୍ବ ରେଳପଥର ଖଡଗପୁର ରେଳ ଡିଭିଜନ୍ ଅଧୀନରେ ଥିବା ଓଡ଼ିଶାର କେତେକ ରେଳଷ୍ଟେସନ ପ୍ରତି କର୍ତ୍ତୃପକ୍ଷ ଉଦାସୀନ ପ୍ରଦର୍ଶନ କରୁଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଅମୃତ ଭାରତ ଯୋଜନାରେ ଚାଲିଥିବା ବିକାଶ କାର୍ଯ୍ୟଗୁଡିକ ନିମ୍ନମାନର ଓ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି। ଜଳେଶ୍ୱର ରେଳ ଷ୍ଟେସନରୁ ପଶ୍ଚିମବଙ୍ଗର ମେଦିନୀପୁର, ମୟୂରଭଞ୍ଜର ରାସଗୋବିନ୍ଦପୁର ଓ ଉତ୍ତର ବାଲେଶ୍ୱରର ୪ଟି ବ୍ଲକ ଯଥା, ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ଅଞ୍ଚଳରୁ ଯାତ୍ରୀମାନେ ଯାତାୟାତ କରିଆସୁଛନ୍ତି। ପ୍ରତ୍ୟହ ୬ ହଜାର ପାଖାପାଖି ଯାତ୍ରୀ ଯାତାୟାତ କରୁଥିବା ବେଳେ ଟିକେଟ ବାବଦରେ ୩ ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହେଉଛି। କିନ୍ତୁ ଯାତ୍ରୀମାନଙ୍କ ଲାଗି ମୁକ୍ତ ସ୍ନାନ କିମ୍ବା ଶୌଚାଳୟ ନ ଥିବାରୁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ଲାଟଫର୍ମ ନଂ ୨, ୩, ୪ରେ ଆଦୌ ଶୌଚାଳୟ ନ ଥିବା ବେଳେ ମାଗଣା ୟୁରିନାଲ ଆବଶ୍ୟକ ରହିଛି। ପାନୀୟଜଳ ଯୋଗାଣ, ଉଦ୍ୟାନ ଉନ୍ନତୀକରଣ, ଷ୍ଟେସନ ସମ୍ମୁଖରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଆର୍‌ପିଏଫ ଥାନା ସ୍ଥାପନ, ଜିଆର୍‌ପି ଫାଣ୍ଡିର ଉନ୍ନତିକରଣର ଆବଶ୍ୟକତା ରହିଛି। ଜଳେଶ୍ୱର ରେଳଷ୍ଟେସନରୁ ଅଧିକ ରାଜସ୍ୱ ଆଦାୟ ହେଉଥିବାରୁ ୨୦୨୪ରେ ଏନ୍‌ଏସ୍‌ଜି ୫ରୁ ଏନ୍‌ଏସ୍‌ଜି-୪ ମାନ୍ୟତା ପାଇଛି। ଫଳରେ ୫୦ଟି ଟ୍ରେନ୍‌ର ରହଣି ହେବା ସହ ଏନ୍‌ଜିଟି ପକ୍ଷରୁ ବାଲେଶ୍ୱର, ଜଳେଶ୍ୱର ଓ ହିଜିଳିଠାରେ ମୁକ୍ତ ପାଇଖାନା ଓ ସ୍ନାନାଗାର ନିର୍ମାଣ ହେବା ସିଦ୍ଧାନ୍ତ ହୋଇଥିଲା। ମାତ୍ର ଏବେ ସୁଦ୍ଧା ମୁକ୍ତ ଶୌଚାଳୟ ଓ ପ୍ଲାଟ ଫର୍ମରେ ମୌଳିକ ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ ବୋଲି ଅଭିଯୋଗ ହେଉଛି। ଷ୍ଟେସନରେ ଥିବା ଲିଫ୍ଟ ପରିଚାଳନା ଲାଗି କର୍ମଚାରୀ ନଥିବାରୁ ଯାତ୍ରୀମାନେ ଯାତାୟାତରେ ଅସୁବିଧା ଭୋଗିବା ସହିତ ପରିବେଶ ପରିଚ୍ଛନ୍ନ ରହୁନାହିଁ ବୋଲି ଅଭିଯୋଗ ବି ହେଉଛି। ବିଶେଷ କରି ପ୍ଲାଟଫର୍ମ ୪ରେ ସେକେଣ୍ଡ ଏଣ୍ଟ୍ରି ଷ୍ଟେସନ ନିର୍ମାଣ ଅପରିହାର୍ଯ୍ୟ ହୋଇପଡିଛି। ଜଳେଶ୍ୱର ଷ୍ଟେସନ, ନେସନାଲ ଷ୍ଟେସନ୍ ଗ୍ରେଡେସନ (ଏନ୍‌ଏସଜି) ପାଇଥିବା ବେଳେ ଭିତ୍ତିଭୂମିର ବିକାଶ ଆବଶ୍ୟକ ରହିଛି। ଏଠାରେ ଡାଉନ୍ ଟ୍ରେନ ଭାବେ, ପୁରୀ-ଦିଘା ଏକ୍ସପ୍ରେସ, ବିଶାଖାପାଟଣା-ଦିଘା, ସିକନ୍ଦରାବାଦ- ସାଲିମାର ଟ୍ରେନ ରହଣି ଥିବା ବେଳେ, ଆପ୍ ଟ୍ରେନ ଭାବେ ପାଟନା-ଏର୍ଣ୍ଣାକୁଲମ୍ ରହଣି ବ୍ୟବସ୍ଥା ହେଉଛି। ସୂଚନାଯୋଗ୍ୟ କୋଭିଡ-୧୯ଠାରୁ ଏହି ସମସ୍ତ ଟ୍ରେନ୍ ଜଳେଶ୍ୱରରେ ରହୁ ନଥିବା ବେଳେ ସେଗୁଡିକ ରହଣି ହେବ ବୋଲି ଜଣାପଡିଛି।

● ବସ୍ତା ଡାକ୍ତରଖାନା, ଛୁଟିଦିନରେ ଲୋକଙ୍କୁ ମିଳୁନି ସେବା

## ତିନିଦିନ ହେଲା ବନ୍ଦ ରହିଛି ଏକ୍ସରେ




ରାଜଘାଟ,୨୯।୮ (ସମିସ): ବସ୍ତା ଡାକ୍ତରଖାନାରେ ବିବାଦ ଓ ମନମୁଖୀ କାର୍ଯ୍ୟ ଏବେ ଚରମ ସୀମାରେ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କିଛି ଅଧିକାରୀଙ୍କ ଅନିୟମିତତା ପରେ ଏବେ ଅନ୍ୟ କର୍ମଚାରୀଙ୍କ ମନମାନି ଦେଖିବାକୁ ମିଳିଛି। ଯାହାଫଳରେ ରୋଗୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏଠାରେ ଥିବା ଏକ୍ସରେ ବିଭାଗ ଗତ ତିନିଦିନ ହେଲା ବନ୍ଦ ରହିବା ଯୋଗୁଁ ଲୋକମାନେ ବହୁତ ହଇରାଣ ହେବା ସହିତ ବାହାରକୁ ଯାଇ ଖର୍ଚ୍ଚାନ୍ତ ମଧ ହୋଇଛନ୍ତି। ଦୂରଦୂରାନ୍ତରୁ ଆସି କିଛି ଗରିବ ଲୋକ ଫେରିଯିବାକୁ ମଧ ବାଧ୍ୟ ହୋଇଛନ୍ତି। ଛୁଟି ଦିନମାନଙ୍କରେ ଏହି ବିଭାଗ ବନ୍ଦ ରହିବାର କୌଣସି ନିୟମ ନଥିବା ବେଳେ ପ୍ରତି ଛୁଟିରେ ଏଠାରେ ଏହି ବିଭାଗ ନିୟମିତ ଭାବେ ବନ୍ଦ ରହୁଛି। ଯେଉଁଦିନ ଖୋଲା ରହୁଛି ତାହାବି ନିର୍ଦ୍ଦିଷ୍ଟ ସମୟରେ ଖୋଲା ଯାଉନାହିଁ। କେତେବେଳେ ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ତ କେତେବେଳେ ଫେରିଯିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ତେବେ ଘଟଣା ସମ୍ପର୍କରେ ଏହି ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ପଚାରିବାରୁ ଛୁଟିଦିନ ପାଇଁ ବନ୍ଦ ଥିବା ସେ କହିଛନ୍ତି। ତେବେ ଏହି ଘଟଣାର ତଦନ୍ତ ପାଇଁ ବସ୍ତାବାସୀ ଦାବି କରିଛନ୍ତି। ପ୍ରକାଶ ଥାଉକି ବସ୍ତା ଡାକ୍ତରଖାନା ଏକ ରେଫରାଲ ହସ୍ପିଟାଲ ହୋଇଥିବାରୁ ଏହା ଉତ୍ତର ବାଲେଶ୍ୱରର ଲାଇଫ ଲାଇନ୍ ଅଟେ। ବସ୍ତା ସହିତ ସଦର, ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକ ସହିତ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳର ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏହି ଡାକ୍ତରଖାନାର ଡାକ୍ତର ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ପ୍ରତି ଲୋକମାନେ ଦୂରଦୁରାନ୍ତରୁ ଆସି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି।

## ଗଣେଶ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର; ୮୦ ୟୁନିଟ୍ ସଂଗୃହିତ



ଜଳେଶ୍ୱର,୨୯।୮ (ସମିସ): ଗଣେଶ ଚତୁର୍ଥୀ ଅବସରରେ ଜଳେଶ୍ୱର ବଡ଼ବଜାର ସ୍ଥିତ ଗଣେଶ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସ୍ଥାପନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ପୂର୍ବାହ୍ନରେ ସତ୍ୟନାରାୟଣ ମନ୍ଦିର ପରିସରରେ ଆୟୋଜିତ ଶିବିରକୁ ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ଗଣେଶ କ୍ଲବର ଭୂତପୂର୍ବ ସଭ୍ୟ ସନ୍ତୋଷ ଗୁପ୍ତା ଓ ଗିରିଧାରୀ ଗୁପ୍ତାଙ୍କ ସ୍ମୃତିରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଗଣେଶ ଭଗବାନଙ୍କ ଆରାଧନା ସହିତ ସାମାଜିକ ସେବାର କ୍ଲବର ସଦସ୍ୟମାନେ ସାମିଲ୍ ହୋଇଥିଲେ। ଶିବିରରୁ ମୋଟ ୮୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଡାକ୍ତର ବିନୋଦ ପ୍ରାଧାନ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଟେକନିସିୟାନ୍ ଦେବାଶିଷ ଦତ୍ତ, କ୍ଷୀରୋଦ ଚନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ। ଅତିଥି ରାଜେଶ ଖଟୁଆ, ମଧୁସୂଦନ ଦତ୍ତ, ଇଂ ଭାସ୍କର ସ୍ୱାଇଁ, ସୁବ୍ରତ ରଣା ଓ ଆନନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ସଭାପତି ନନ୍ଦୀ ଗୋପାଳ ବେହେରା, ସମ୍ପାଦକ ଅମିତ୍ କୁମାର ରଣା, ରାସ ବିହାରୀ ଡଗର, ସୁଜୟ ଜେନା, ଗଣେଶ ଭଞ୍ଜ, ରିଙ୍କୁ ପାଲ୍, ଅନୁପମ ମାଇତି, ଅଭିଷେକ ମାଇତି, ସୁମିତ ରାଠୀ, ସୂରଜ ଗୁପ୍ତା ଓ ସନ୍ୟାସୀ ପରିଡ଼ା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଭିନ୍ନ ଢଙ୍ଗରେ ଗଣେଶ ପୂଜା ସହିତ ନୂଆଖାଇ ଭେଟ୍‌ଘାଟ୍



ଜଳେଶ୍ୱର ବ୍ଲକ୍,୨୯।୮ (ସମିସ): ବର୍ଷକରେ ଛ' ଋତୁରେ ପ୍ରକୃତିର ବିବିଧ ପରିବର୍ତ୍ତନକୁ ମାନବଜାତି ବିଭିନ୍ନ ପର୍ଯ୍ୟାୟରେ ସ୍ୱାଗତ କରିଥାଏ। ଋତୁଚକ୍ରକୁ ନେଇ ଜୀବନଚକ୍ର ପରିଚାଳନା କରିବା ହିଁ ଭାରତୀୟ ସଂସ୍କୃତିର ଆଧାର। ବହୁ ଶତାବ୍ଦୀ ଧରି ପାଳିତ ହୋଇ ଆସୁଥିବା ଏହି ପର୍ବ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ନୁହେଁ ସମଗ୍ର ରାଜ୍ୟ ପାଇଁ ପାଲଟିଛି ଏକ ପରିଚୟ। ପରମ୍ପରା, ଖାଦ୍ୟ, ପାରିବାରିକ ସମାବେଶ ଓ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ଆଦି କେବଳ ଉତ୍ସବର ଗୋଟିଏ ଦିଗ ନୁହେଁ ଭାଇଚାରା ସଂସ୍କୃତିର ଅନନ୍ୟ ପ୍ରତିଫଳନ। ନୂଆଁଖାଇ ପର୍ବ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇବା ସହ ଲୋକଙ୍କ ମଧ୍ୟରେ ମାନବିକତା ଓ ଭାତୃତ୍ୱ ଭାବନା ସୃଷ୍ଟି କରିଥାଏ। ଏହି ଉପଲକ୍ଷେ ଜଳେଶ୍ୱର ନୃତ୍ୟଶିଖା ଫାଉଣ୍ଡେସନ୍ ପକ୍ଷରୁ ଏନ୍‌ଏଚ୍ ୬୦ ପାଶ୍ୱର୍ରେ ଥିବା ଖୁସି ହୋଟେଲ ପରିସରରେ ଭିନ୍ନ ଢଙ୍ଗରେ ଗଣେଶ ପୂଜା ସହିତ ନୂଆଖାଇ ଭେଟଘାଟ ପାଳିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟ ଗୁରୁ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପୌରପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ରାଜ ଇଲେକ୍ଟ୍ରୋନିକ୍ସର ପ୍ରତିଷ୍ଠାତା ଗିରିଜା ଶଙ୍କର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନୃତ୍ୟଶିଖା ଫାଉଣ୍ଡେସନର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। କାଉନସିଲର ଚନ୍ଦନ କୁମାର ଦାସ ଓ ସୁରଜ ଚୌରାଶିଆ, 'ମେ' ଆଇ ହେଲ୍ପ ୟୁ'ର ପ୍ରତିଷ୍ଠାତା ଜଗନ୍ନାଥ ପରିଡ଼ା, ସାମ୍ବାଦିକ ମନୋଜ କୁମାର ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ପ୍ରାୟ ୮୦ ଜଣ ଓଡ଼ିଶୀ ଓ ଅନ୍ୟାନ୍ୟ ନୃତ୍ୟଶିଳ୍ପୀ ଯଥା ଓଡ଼ିଶୀ, ସମ୍ବଲପୁରୀ, ଦେଶାତ୍ମବୋଧକ, ଭଜନ, ସେମି କ୍ଲାସିକାଲ, ଆଧୁନିକ ନୃତ୍ୟ ପରିବେଶଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମଟି ନୃତ୍ୟଶିଖା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ହୋଇଥିବା ବେଳେ ଅନୁଷ୍ଠାନର ଅବିଭାବକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ପରିଚାଳନା ହୋଇଥିଲା। ଶେଷରେ ଅତିଥିମାନଙ୍କ ଦ୍ୱାରା ନୃତ୍ୟ ଶିଳ୍ପୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ



ସୋର,୨୯।୮ (ସମିସ): ରେଓଦା ପୂଜ୍ୟପୂଜା ସଂସଦ ପରିବାରର ଜଣେ ବରିଷ୍ଠ ସଭ୍ୟ ତଥା ଉପେନ୍ଦ୍ର ନାଥ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ତଥା ପୁରାତନ ଛାତ୍ର ହରିହର ରଥଙ୍କର ଆଜି ଦେହାନ୍ତ ହୋଇଯାଇଛି। ମରଶରୀର ନିକଟରେ ତାଙ୍କର ପୁତ୍ର ଡ.ଜୟନ୍ତ କୁମାର ରଥଙ୍କ ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, କବି, ପରୋପକାରୀ ଓ ସମାଜସେବୀ ଥିଲେ। ତାଙ୍କ ମରଶରୀରକୁ ପୂଜ୍ୟପୂଜା ସଂସଦ କାର୍ଯ୍ୟାଳୟ, ଲକ୍ଷ୍ମୀପୂଜା ମଣ୍ଡପ, ରେଓଦା ହାଇସ୍କୁଲ, ଅନନ୍ତପୁର ହାଇସ୍କୁଲକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ପୁରାତନ ଛାତ୍ରଛାତ୍ରୀ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପୁଷ୍ପଗୁଚ୍ଛ ପ୍ରଦାନ କରି ଶୋକବ୍ୟକ୍ତ କରିଥିଲେ। ଉପେନ୍ଦ୍ର ନାଥ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସମ୍ପାଦକ ନିତ୍ୟାନନ୍ଦ କର, ବିରଞ୍ଚି ନାରାୟଣ ପଣ୍ଡା, ଉଦ୍ଧବ ଚରଣ ବିଶ୍ୱାଳ, ଗଣେଶ ପ୍ରସାଦ ସାହୁ, ଚିତ୍ତରଞ୍ଜନ ଦାଶ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ପୂର୍ଣ୍ଣଚନ୍ଦ୍ର ବାରିକ, ରଜନୀକାନ୍ତ ପାଣିଗ୍ରାହୀ, ବସନ୍ତ କୁମାର କର, ବର୍ତ୍ତମାନ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ପାଖର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପାତ୍ର, ସାରସ୍ୱତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ହରିହର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ତାଙ୍କର ଶବ ସତ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଛି।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ନୂତନ ଗୃହ ଉଦ୍‌ଘାଟିତ

ଭୋଗରାଇ,୨୯।୮ (ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ସହିତ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାତୃ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ସଭାପତି ସୁଶାନ୍ତ ମହାନ୍ତିଙ୍କ ପୌରହିତ୍ୟରେ ମଞ୍ଚ ପରିଚାଳନା କରିଥିଲେ ବ୍ୟଙ୍ଗ କବି ଡ଼ଃ ଶ୍ରୀକୁମାର ଘୋଷ। ମୁଖ୍ୟ ଅତିଥି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ଶିକ୍ଷା ହେଉଛି ଜ୍ଞାନ ଅନ୍ତରର କଥା ଓ ବ୍ୟଥାକୁ ବୃଦ୍ଧାଶ୍ରମରେ ଆଖିର ଲୁହ ରାତି ଦିନ ଗଣିବାକୁ ପଡିବ ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ମମତା ସାହୁ,ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ସମିତି ସଦସ୍ୟ ଲକ୍ଷ୍ମୀନାରାଣ ସାହୁ, ଶିକ୍ଷକ ଭରତ ଭୂଷଣ ଦାଶ, ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ଦାସ, ପଞ୍ଚାନନ ବେହେରା, ସିଆରସିସି ଗୌତମତ କୁମାର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଗୋପିନାଥ ଦତ୍ତ, ଗୁରୁମା ମମିତା ବେହେରା, ସନ୍ଧ୍ୟାରାଣୀ



ଗନ୍ତାଘରର ଚାବିକାଠି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ନାରାୟଣ ଦାଶ ମାତା ପିତା ଝିଅ ପୁଅମାନଙ୍କୁ ସଂସ୍କାରୀ କଲେ ବୃଦ୍ଧା ମାତାପିତାଙ୍କ ପରିଡା, ମମତା ମଣ୍ଡଳ, ଭବାନୀ ପରାମାଣିକ, ବନ୍ଦନା ପ୍ରଧାନ, ରଶ୍ମିତା ପାତ୍ର ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷାନୁଷ୍ଠାନର ସମ୍ପାଦକ ଜୟନ୍ତ କୁମାର ତୋଳା ଧନ୍ୟବାଦ ଦେଇଥିଲେ।



ଜାତୀୟ କ୍ରୀଡ଼ା ଦିବସ ଅବସରରେ ବାଲୁକା ଶିଳ୍ପୀ ଅଜୟ ଘୋଷଙ୍କ ଦ୍ୱାରା ହକିର ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତି ନିର୍ମାଣ

## ଦମ୍ପତିଙ୍କ ପାଖରୁ ୨ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ

**ସିସିଟିଭି ଆଧାରରେ ପୁଲିସର ତନାଘନା**

ଖଇରା,୨୯।୮ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବଇଁଅଖୁଣ୍ଟା ଗ୍ରାମର ବରେନ୍ଦ୍ର ପରିଡା ଓ ତାଙ୍କ ପତ୍ନୀ ଖଇରା ବଜାରସ୍ଥିତ ୟୁକୋ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ପୁଲିସ ୟୁକୋ ବ୍ୟାଙ୍କ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରସ୍ତୁତି ଚଳାଇଛି। ବରେନ୍ଦ୍ର ଓ ତାଙ୍କ ପତ୍ନୀ ଶୁକ୍ରବାର ପୂର୍ବାହ୍ନ ସମୟରେ ଟଙ୍କା ଉଠାଇ ବଜାର ସୌଦା ସାରି ଘରକୁ ଫେରୁଥିଲେ। ସେତିକି ବେଳେ କଡମିଆଁ ଛକ ହନୁମାନ ମନ୍ଦିର ନିକଟରେ ୨ଜଣ ଯୁବକ ବାଇକରେ ଆସି ଟଙ୍କାଥିବା ବ୍ୟାଗଟିକୁ ଛଡାଇ ନେଇଥିଲେ।

## କମ୍ୟୁନିଷ୍ଟ ପାର୍ଟି ଜଳେଶ୍ୱର ଆଞ୍ଚଳିକ କମିଟିର ଶିକ୍ଷା ଶିବିର



ଜଳେଶ୍ୱର ବ୍ଲକ୍,୨୯।୮ (ସମିସ): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଞ୍ଚଳିକ କମିଟି ଦ୍ୱାରା ପାର୍ଟି କାର୍ଯ୍ୟାଳୟରେ ଶିକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଦଳର ୨୪ତମ ସର୍ବଭାରତୀୟ ସମ୍ମିଳନୀ (ପାର୍ଟି କଂଗ୍ରେସ)ରେ ଗୃହୀତ ରାଜନୈତିକ ଧାରା, ସାଂଗଠନିକ ରିପୋର୍ଟ ଏହି ଶିକ୍ଷା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସିପିଏମର ବାଲେଶ୍ୱର ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି ପାର୍ଟି କଂଗ୍ରେସରେ ଗୃହୀତ ରାଜନୈତିକ ଧାରା ଉପରେ ଆଲୋଚନା କରିଥିଲେ। ସମସ୍ତ ଜନ ବିରୋଧୀ ନୀତି ବିରୋଧରେ ଗଣ ଆନ୍ଦୋଳନ ହେଉଛି ଏକମାତ୍ର ରାସ୍ତା ବୋଲି ଶ୍ରୀ ଗିରି କହିଛନ୍ତି। ଜନ ଆନ୍ଦୋଳନ ଗଢି ତୋଳିବାକୁ ହେଲେ ସଂଗଠନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ଜିଲ୍ଲାର ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତିମାନ ଆଚାର୍ଯ୍ୟ। ଏଥିସହିତ ପାର୍ଟିର ଶୃଙ୍ଖଳା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଦଳର ଜିଲ୍ଲା କମିଟି ସଦସ୍ୟା ତଥା ନାରୀ ନେତ୍ରୀ ମମି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ଶିବରକୁ ସର୍ବଶ୍ରୀ ରବିନ୍ଦ୍ର ବାରିକ, ପଲ୍ଟୁ ଦାସ, ଜୀବନ ପରିଡ଼ା, ରାଜୀବ ପଣ୍ଡା, ଦିଲ୍ଲୀପ ପରିଡ଼ା, ରତନ ଦାସ, ଆରତୀ ପଲାଇ, ଧୀରେନ୍ଦ୍ର ଦେ, ଲକ୍ଷ୍ମୀଧର ପଲାଇ, ଗଣେଶ ଭୂୟାଁ, ଧନଞ୍ଜୟ ପଲାଇ, ବଙ୍କିମ ବିଶ୍ୱାଳ, ସବିତା ଭୂୟାଁ, ଅଶ୍ୱିନୀ ପ୍ରଧାନ, ସଞ୍ଜୟ ଶାସମଲ, ଗଣେଶ ଜେନା,ଭାଗବତ ପ୍ରଧାନ ପରିଚାଳନା କରିଥିଲେ।

## ଧାନ ଅନ୍‌ଲାଇନକୁ କେନ୍ଦ୍ରକରି ସମବାୟ ସମିତି ସମ୍ପାଦକଙ୍କୁ ମାଡ଼

**ଥାନାରେ ମାମଲା**

ଖଇରା,୨୯।୮ (ସମିସ): ଧାନ ଅନଲାଇନକୁ କେନ୍ଦ୍ରକରି ଖଇରା ସେବା ସମବାୟ ସମିତି ସମ୍ପାଦକ ଶ୍ରୀକାନ୍ତ ପଲେଇ ଓ ତାଙ୍କର ଅନ୍ୟତମ ସହଯୋଗୀ ଉଦୟ ରାଉତ ଆକ୍ରମଣର ଶିକାର ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ପୁଲିସ ଆକ୍ରମଣକାରୀ ଉକ୍ତ ଯୁବକଙ୍କ ନାମରେ ଏକ ମାମଲା(୨୬୫/୨୫) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଧାନ ପଞ୍ଜୀକରଣ ପାଇଁ ଅଗଷ୍ଟ ୨୫ ଶେଷ ଧାର୍ଯ୍ୟ ଦିବସ ଥିଲା। ୨୪ତାରିଖ ଦିନ ବଇଁଅଖୁଣ୍ଟା ଗ୍ରାମର ନରେନ୍ଦ୍ର ପରିଡା ଅନ୍ୟ ୨ଜଣ ଚାଷୀଙ୍କର ଫାଇଲ ଆଣି ପଞ୍ଜୀକରଣ ପାଇଁ ଦେଇଥିଲେ। ଏହା ପୂର୍ବରୁ ସମ୍ପାଦକ ଶ୍ରୀକାନ୍ତ ପଲେଇ ପାଖରେ ଅନଲାଇନ ପାଇଁ ୭୦ରୁ ଫାଇଲ ରହିଥିଲା। ୨୫ତାରିଖ ୧୨ଟା ପରେ ଅନଲାଇନ କରାଯାଉଥିବା ସାଇଟ୍ ବନ୍ଦ ହୋଇଯିବା ପରେ ବହୁ ଚାଷୀଙ୍କ ଫାଇଲ ସହିତ ନରେନ୍ଦ୍ର ଦେଇଥିବା ଚାଷଜମି ପଞ୍ଜୀକରଣ ହୋଇ ପାରି ନଥିଲା। ୨୬ତାରିଖ ଅପରାହ୍ଣ ୪ଟା ବେଳେ ନରେନ୍ଦ୍ର ସମିତିକୁ ଆସି ସମ୍ପାଦକ ପଲେଇ ଓ ସହଯୋଗୀ ଉଦୟ ରାଉତଙ୍କୁ ମାଡମାରି ଆହତ କରିଥିଲେ। ଯାହାର ସିସିଟିଭି ଫୁଟେଜ ସମ୍ପାଦକ ପଲେଇ ପୁଲିସକୁ ହସ୍ତାନ୍ତର କରିଛନ୍ତି।

ଗୁରୁଙ୍କ ପରିଭାଷା ଅପରିବର୍ତ୍ତିତ ରଖିଛନ୍ତି ଗଣେଶ ସାର୍

# 'ଶେଷ ନିଃଶ୍ୱାସ ଯାଏ ଶିକ୍ଷାର ଆଲୋକ ବାଣ୍ଟିବି'

ଜଳେଶ୍ୱର ବ୍ଲକ୍,୨୯।୮ (ସମିସ)



ବାପା, ମା'ଙ୍କ ପରେ ଏକମାତ୍ର ଗୁରୁ ହିଁ ପିଲାମାନଙ୍କର ମାର୍ଗଦର୍ଶକ ସାଜିଥାନ୍ତି। ଶିକ୍ଷାଦାନ ସହିତ ପିଲାମାନଙ୍କୁ ମାର୍ଜିତ ବି କରିଥାନ୍ତି। କେବଳ ପାଠପଢ଼ା କ୍ଷେତ୍ରରେ ନୁହେଁ ବରଂ ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଠାରୁ ଆରମ୍ଭ କରି ଖେଳକୁଦ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁ ହିଁ ପ୍ରେରଣା ଦେଇଥାନ୍ତି। ତେବେ ଆଜିର ସମାଜରେ ଗୁରୁ ଶିଷ୍ୟ ସମ୍ପର୍କର ପରିଭାଷା ବଦଳି ଯାଇଛି। ଏପରି ଜଣେ ଶିକ୍ଷକ ଏହି ପରିଭାଷାକୁ ଅପରିବର୍ତ୍ତିତ ରଖିଛନ୍ତି ସେ ସ୍କୁଲରେ ଶିକ୍ଷାଦାନ କରି ସାରିବା ପରେ ପ୍ରତ୍ୟେକ ଦିନ ଗାଁ ଗାଁ ବୁଲି ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ ପଢ଼ାନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଧୀନ କୁଲଡିହା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗଣେଶ ସାର୍‌ଙ୍କ ବର୍ଣ୍ଣବୋଧ ପାଠଶାଳାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। କୁଲଡିହା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହେଉଛନ୍ତି ଗଣେଶ ଜେନା। ସ୍କୁଲରେ ପିଲାଙ୍କୁ ଶିକ୍ଷାଦାନ କରିବା ପରେ ସେ ଗରିବ ପିଲାଙ୍କୁ ଶିକ୍ଷା ଦେବାକୁ ବାହାରି ପଡ଼ନ୍ତି ଓ ତାଙ୍କ ଗାଡ଼ି ଶବ୍ଦ ଶୁଣିବା ମାତ୍ରେ ପିଲାମାନେ ବହିବସ୍ତାନି ଧରି ତାଙ୍କ ପାଖକୁ ଶ୍ରଦ୍ଧାରେ ଧାଇଁ ଆସନ୍ତି। ଦୀର୍ଘ ବର୍ଷ ହେବ ନୂଆଣିଆ ଚାଳ ଛପର ଘରେ ଗଣେଶ ସାର୍‌ଙ୍କ ବର୍ଣ୍ଣବୋଧ ପାଠଶାଳା ଚାଲିଆସୁଛି। ବିଦ୍ୟାଳୟରେ ପିଲାମାନଙ୍କୁ ନାଚଗୀତ ଓ ଗପ ମାଧ୍ୟମରେ ବେଶ୍ ସୁନ୍ଦର ଭାବରେ ପାଠ ପଢ଼ାନ୍ତି ଗଣେଶ ସାର୍। ପିଲାମାନଙ୍କୁ ନିଜ ବାପା ମା' ଭଳି ସ୍ନେହ କରିବା ସହ ପିଲାମାନେ ଭୁଲ୍ କଲେ ମଧ କେବେ କାହାରି ଉପରେ ବିରକ୍ତି ହୁଅନ୍ତିନି। ଅନେକ ଗାଁରେ ବର୍ଣ୍ଣବୋଧ ପାଠଶାଳା କରି ପିଲାଙ୍କୁ ମାଗଣାରେ ବହି ବଣ୍ଟନ କରିବା ସହ ଶିକ୍ଷାଦାନ କରି ଆସୁଛନ୍ତି। ପିଲାମାନଙ୍କ ସହ ପିଲା ହୋଇ ଖେଳକୁଦ କରି ବେଶ୍ ସୁନ୍ଦର ଭାବରେ ପାଠପଢ଼ାନ୍ତି। ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଏମିତିବିଶେଷ କରି ଉପାନ୍ତ ଅଞ୍ଚଳରେ ଯେଉଁ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଆଦୌ ଇଚ୍ଛା ପ୍ରକାଶ କରୁ ନଥିଲେ ଗଣେଶ ସାରଙ୍କ ବର୍ଣ୍ଣବୋଧ ପାଠଶାଳାରେ ପଢ଼ିବା ପରେ ସେମାନେ ବି ଏବେ ସ୍କୁଲ ମୁହାଁ ହେଉଛନ୍ତି। ନୂଆଣିଆ ଚାଳ ଘରେ ମାଟି ଉପରେ ମଶିଣା ପକାଇ ପିଲାମାନଙ୍କୁ ବର୍ଣ୍ଣବୋଧ ପଢ଼ାଇବା ସହ ଓଡ଼ିଆ ଗୀତ ଏବଂ ଗୀତର ତାଳେ ତାଳେ ଗଣିତ ବି ବୁଝାଇ ଦିଅନ୍ତି। ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ଅନେକ ଉପାନ୍ତ ଆଦିବାସୀ ଗାଁକୁ ସେ ନିଜର କର୍ମକ୍ଷେତ୍ର ଭାବେ ବାଛି ନେଇଛନ୍ତି। ବିଶେଷ କରି ଗରିବ ଆଦିବାସୀ ଛାତ୍ରଛାତ୍ରୀଙ୍କ ଜୀବନରେ ଶିକ୍ଷାର ଆଲୋକ ବାଣ୍ଟିବା ତାଙ୍କର ମୂଳ ଲକ୍ଷ୍ୟ। ଏଥିପାଇଁ ସେ ଅନେକ ଅନୁଷ୍ଠାନରୁ ପୁରସ୍କୃତ ମଧ ହୋଇଛନ୍ତି। ପିଲାମାନଙ୍କୁ ଶିକ୍ଷାଦାନ ସାଙ୍ଗକୁ ଚରିତ୍ର ଗଠନ ହେଉ କିମ୍ବା ତାଙ୍କୁ ଭଲ ମଣିଷ ରୂପେ ଗଢି ତୋଳିବା ପାଇଁ ଗଣେଶ ସାରଙ୍କ ଏହି ଉଦ୍ୟମ ଆଜିର ସମାଜ ପାଇଁ ଏକ ଉଦାହରଣ। ଶିକ୍ଷାର ଆଲୋକ ବାଣ୍ଟିବେ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୫୬୯-ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ଜନ୍ମ।
- ୧୮୩୫- ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରର ସ୍ଥାପନା।
- ୧୯୪୭- ଭାରତୀୟ ସମ୍ବିଧାନର ସ୍ୱରୂପ ତିଆରି କରିବା ପାଇଁ ଡା.ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମିତି ଗଠନ କରାଗଲା।
- ୧୯୮୪- ମହାକାଶ ଯାନ 'ଡିସ୍‌କଭରି'ର ପ୍ରଥମ ଉଡ଼ାଣ।
- ୨୦୦୩- ମୁଲାୟମ ସିଂହ ଯାଦବ ତୃତୀୟ ଥର ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ।
- ୨୦୧୪- ମହାନ୍ ଐତିହାସିକ ବିପିନ୍ ଚନ୍ଦ୍ରଙ୍କ ପରଲୋକ।

## 'ଆଲ୍‌ଫା'ରେ ହ୍ରିତିକ୍‌ଙ୍କ ଏଣ୍ଟ୍ରି



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଆଲ୍‌ଫା'ର ସୁଟିଂରେ ଏବେ ବ୍ୟସ୍ତ ଅଛନ୍ତି। ପ୍ରଥମ ଥର ପାଇଁ ଆଲିଆ ଏକ ସ୍ପାଇ ଥ୍ରିଲର୍ ଫିଲ୍ମରେ କାମ କରୁଛନ୍ତି। 'ୱାର୍ ୨' ଫିଲ୍ମର ଶେଷରେ 'ଆଲ୍‌ଫା'ର ପ୍ରଥମ ଝଲକ୍ ଦେଖିବାକୁ ମିଳିଥିଲା। ଏଥିରେ ବବି ଦେଓ୍ୱଲ ନଜର ଆସିଥିଲେ। ଏବେ 'ଆଲ୍‌ଫା'ରେ ଆଉ ଜଣେ ବଲିଉଡ୍ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ହୋଇଛି। ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଜଣାପଡ଼ିଛି। 'ଏକ୍ ଥା ଟାଇଗର', 'ପଠାନ୍', 'ୱାର୍' ଫିଲ୍ମର ନିର୍ମାତା ଆଦିତ୍ୟ ଚୋପ୍ରା ମହିଳା କୈନ୍ଦ୍ରିକ ଗୁଇନ୍ଦା ଫିଲ୍ମ 'ଆଲ୍‌ଫା'ର ନିର୍ମାଣ କରୁଛନ୍ତି। ତେବେ ଏହି ଫିଲ୍ମ ଯଶରାଜ ବ୍ୟାନର୍‌ର ସ୍ପାଏ ୟୁନିଭର୍ସର ଅଂଶ ହୋଇଥିବାରୁ ଏଥିରେ ଏହାର ଅନ୍ୟ ଫିଲ୍ମର ହିରୋମାନେ ଅତିଥି କଳାକାର ଭାବେ ଦେଖାଯାଇ ପାରନ୍ତି ବୋଲି ଆଶା କରାଯାଉଥିଲା। ହ୍ରିତିକ୍‌ଙ୍କ ସହ ଅନ୍ୟ ଜଣେ ବଲିଉଡ୍ ଅଭିନେତାଙ୍କର ଏଣ୍ଟ୍ରି ହେବା କଥା ଶୁଣାଯାଉଥିଲେ ବି ତାଙ୍କ ନାମ ସାମ୍ନାକୁ ଆସି ନାହିଁ। ହ୍ରିତିକ୍ 'ଆଲ୍‌ଫା'ରେ ତାଙ୍କ ଅଂଶର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ସେହିଭଳି ଫିଲ୍ମର ଦୁଇ ନାୟିକା ଆଲିଆ ଓ ଶରବରି ୱାଗ୍ ଏକ ଡ୍ୟାନ୍ସ ନମ୍ବରର ସୁଟିଂ କରିଛନ୍ତି। ଏହା ଆସନ୍ତା ୨୫ ଡିସେମ୍ବରରେ ରିଲିଜ୍ ହେବ।

## ଅଳସୁଆଙ୍କ ଉତ୍ସବ

କଲମ୍ବିଆର ଇଟାଗୁଇ ସହରରେ ପ୍ରତିବର୍ଷ ଅଗଷ୍ଟ ମାସରେ ବିଶ୍ୱ ଆଳସ୍ୟ ଦିବସ ପାଳନ କରାଯାଏ। ଏହି ଉତ୍ସବ ଲୋକଙ୍କୁ ଆରାମ କରିବା ଦିଗରେ ପ୍ରୋତ୍ସାହିତ କରିବା ସହ କଳା, ସଙ୍ଗୀତ ଓ ସୃଜନଶୀଳତା ମାଧ୍ୟମରେ ଜୀବନକୁ ପୂର୍ଣ୍ଣ ଭାବେ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ। ଏହାର ଆରମ୍ଭ ୧୯୮୦ ମସିହାରେ ହୋଇଥିଲା। ସେସମୟରେ ସହରର ଲୋକଙ୍କ ପାଇଁ ସାଂସ୍କୃତିକ ଏବଂ ମନୋରଞ୍ଜନର ଅବସର ବହୁତ କମ୍ ଥିଲା। ତେଣୁ ୧୯୮୫ ମସିହାରେ ସ୍ଥାନୀୟ ନେତା କାର୍ଲୋସ୍ ମାରିଓ୍ୱୋ ମୋଣ୍ଟୋୟା ଏବଂ ଲିବାର୍ଡୋ ରେଷ୍ଟ୍ରେପୋ ଏଭଳି ଏକ ଦିବସର ପରିକଳ୍ପନା କରିଥିଲେ। ଧୀରେ ଧୀରେ ଏହି ଉତ୍ସବ ସହରର ସାଂସ୍କୃତିକ ପରିଚୟ ପାଲଟିଗଲା। ଲୋକେ ଏହିଦିନ ତକିଆ, ଝୁଲି, ଖଟ ଓ ପାଇଜାମା ଆଦି ନେଇ ରାଜରାସ୍ତାକୁ ଓହ୍ଲାଇଥାନ୍ତି। ପୂରା ସହର ଏକ ବଡ଼ ମଞ୍ଚରେ ପରିଣତ ହୋଇଥାଏ। ଏହାସହ ସହରର ପ୍ରତିଟି ସ୍ଥାନରେ ସଙ୍ଗୀତ, ନୃତ୍ୟଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥାଏ। ଲୋକେ ରାସ୍ତା ଉପରେ ଖଟ ଓ ବିଛଣା ପକାଇ ଶୋଇଥାନ୍ତି। କେହି କେହି ରାସ୍ତା ଉପରେ ତମ୍ବୁ ପକାଇ ତାକୁ ଘର ଭଳି ସଜାଇ ଶୋଇଥିବାର ମଧ୍ୟ ଦେଖାଯାଏ। ସକାଳ ୯ଟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲେ। ଏହି ଉତ୍ସବରେ ଲାଇଭ୍ କନସର୍ଟ, କଳା ପ୍ରଦର୍ଶନୀ, ବିୟର୍ ଫେଷ୍ଟିଭାଲ, କ୍ଲାସିକ୍ କାର୍ ପରେଡ୍ ଏବଂ ଲେଜିନେସ୍ ବା ଅଳସୁଆ ପ୍ୟାରେଡ୍ ମଧ୍ୟ ହୋଇଥାଏ। ପ୍ରାୟ ଦୁଇ କିଲୋମିଟର ଲମ୍ବା ରାସ୍ତାରେ ହଜାର ହଜାର ଲୋକ ସାମିଲ ହୋଇଥାନ୍ତି। ସମୟ ସହିତ ଏହି ଆୟୋଜନ କେବଳ ଆଉ ଏକ ଉତ୍ସବ ହୋଇ ରହି ନାହିଁ, ଏହା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟରେ ପରିଣତ ହୋଇଛି। ଏହି ଉତ୍ସବ ପ୍ରତିବର୍ଷ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ। ୨୦୧୨ ମସିହାରେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିଥିଲା।



## ରେଷ୍ଟୋରାଁର ନିଆରା ଅଫର୍
## ୫୦ ପଇସାରେ ମଧ୍ୟାହ୍ନ ଭୋଜନ




ସାଧାରଣତଃ ରେଷ୍ଟୋରାଁରେ ବିଭିନ୍ନ ଖାଦ୍ୟପଦାର୍ଥର ଦାମ୍ ଖୁବ୍ ମହଙ୍ଗା ହୋଇଥାଏ। ଏହି କ୍ରମରେ ମୁମ୍ବାଇର ଗୋରେଗାଓଁରେ ଥିବା ଉଡିପି ବିହାର ରେଷ୍ଟୋରାଁ ଏକ ନିଆରା ଅଫର୍ ଲାଗି ଚର୍ଚ୍ଚା ସାଉଁଟୁଛି। ଲୋକଙ୍କୁ ବହୁତ କମ୍ ଦାମ୍‌ରେ ମିଲ୍ ଯୋଗାଇ ଏହା ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ରେଷ୍ଟୋରାଁଟି ଭଙ୍ଗା ହେବା ପୂର୍ବରୁ ସେ ଲୋକଙ୍କୁ ୧୯୭୨ ମସିହାରେ ଖାଦ୍ୟର ଦାମ୍ ଯାହା ଥିଲା, ସେହି ମୂଲ୍ୟରେ ପରଷିଛି। ଏହି ଅଫର୍ ଦିନକ (ଅଗଷ୍ଟ ୧୮) ପାଇଁ ଉଦ୍ଦିଷ୍ଟ ଥିଲା। ଏହାର ଲାଭ ଉଠାଇବା ପାଇଁ ରେଷ୍ଟୋରାଁ ବାହାରେ ପ୍ରବଳ ଭିଡ଼ ଜମିଥିଲା। ତେବେ ଏକ ନୂଆ ବିଲ୍‌ଡିଂ ଲାଗି ଏହି ରେଷ୍ଟୋରାଁକୁ ଭଙ୍ଗା ଯାଉଛି। ରେଷ୍ଟୋରାଁଟି ଶେଷ ଦିନରେ ଗ୍ରାହକଙ୍କୁ ଏହି ଉପାୟରେ ଖାଦ୍ୟର ସ୍ୱାଦ ଚଖାଇବାକୁ ଚାହିଁଛି। ବିଦାୟକାଳୀନ ସ୍ମୃତିରେ ଉକ୍ତ ରେଷ୍ଟୋରାଁ ତା'ର ସମସ୍ତ ସ୍ୱାଦିଷ୍ଟ ତଥା ଲୋକପ୍ରିୟ ଖାଦ୍ୟକୁ ୧୯୭୨ ମସିହାରେ ବିକ୍ରି ହେଉଥିବା ଖାଦ୍ୟ ମୂଲ୍ୟରେ ପରଷିଥିଲା। ପଚାଶ ପଇସାରେ ଲୋକେ ପେଟ ପୂରା ମଧ୍ୟାହ୍ନ ଭୋଜନ କରିଛନ୍ତି। କେବଳ ସେତିକି ନୁହେଁ, ଜିଲାପି, ବରା, ଇଡ୍‌ଲି ୧୨ ପଇସାରେ ଗ୍ରାହକଙ୍କୁ ପରଷା ଯାଇଥିଲା। ସେହିଭଳି ରେଷ୍ଟୋରାଁର ଶେଷଦିନରେ ଗ୍ରାହକମାନେ ଏହି ଅଫର୍‌ର ସୁଯୋଗ ନେବା ପାଇଁ ବେଶ୍ ଉତ୍ସାହିତ ଥିବାର ଦେଖାଯାଇଥିଲା। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

## ଗୁରୁ



ପ୍ରଣାମ ଘେନ ହେ ଗୁରୁବର
ତୁମ ବିନା ନାହିଁ ମୁକତି ମୋର।
ଜୀବନ ଆକାଶେ ଧ୍ରୁବ ତାରା ତୁମେ
ଆଲୋକ ଶିଖାଟେ ଅନ୍ଧାରର।
କୋଟିଏ ସୂରୁଯ ତୁମ ପାଶେ
ମଥା ଅବନତ କରି ବସେ
ତୁମଠୁ ଓଜନ କିଏ ହେବ ଆଉ
ମୋର ଭାବନାରେ ନ ଆସେ।
ତୁମର ଆଶିଷ ମୋର କାମ୍ୟ
ତୁଣ୍ଡେ ମୋର ଥାଉ ତୁମ ନାମ
ଚଲାପଥେ ମୋର ଆସ ବାରମ୍ବାର
ତୁମ ଚରଣରେ ଚାରିଧାମ। ■



ପ୍ରଶାନ୍ତ କୁମାର ସାହୁ
ଚନ୍ଦନ ମଣ୍ଡପ ସାହି, ଇନ୍ଦିପୁର, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

## ଗୁରୁ ତୁମେ ଚିର ବନ୍ଦନୀୟ



ନଳିନୀ ଦାଶ

ଜୟ ଗୁରୁଦେବ ତୁମେ ନିତ୍ୟ ପୂଜନୀୟ
ଜ୍ଞାନରସାଗର କ୍ଷମାଶୀଳ ତ୍ୟାଗମୟ
ନରରୁପୀ ନାରାୟଣ ଚିର ବନ୍ଦନୀୟ
ମହୀମଣ୍ଡଳରେ ଗୁରୁ ଚିର ମହନୀୟ।
ଶିଷ୍ୟଙ୍କ ପାଇଁ ତୁମେତ ଅଗତିର ଗତି
ସ୍ନେହ ଶ୍ରଦ୍ଧା ଭରି ଜ୍ଞାନ ବାଣ୍ଟି ଦିଅ ଶାନ୍ତି
ଉନ୍ନତି ପଥରେ ସାଜିଥାଅ ମହାଶକ୍ତି
ଆକାଶ ଛୁଅନ୍ତି ଶିଷ୍ୟ କରି ପାଦେ ଭକ୍ତି।
ଗୁରୁ ବାକ୍ୟ ଶିଷ୍ୟ ପାଇଁ ହୁଏ ବେଦଗାର
ଜ୍ୟୋତିଦେଇ ସେ ହଟାନ୍ତି ଅଜ୍ଞାନ ତିମିର
ଶୁଭଚିନ୍ତକ ଶିକ୍ଷା ଦୀକ୍ଷାର କର୍ଣ୍ଣଧାର
ଗୁରୁ ସର୍ବଶ୍ରେଷ୍ଠ ପୂଜ୍ୟ ଜୀବନ୍ତ ଠାକୁର।
ଗୁରୁଭକ୍ତି ବଳେ କେତେ ବିଶ୍ୱରେ ସନ୍ତାନ
ଶିକ୍ଷାଲାଭ କରି ହୋଇଛନ୍ତି ମହୀୟାନ
ଯୁଗେଯୁଗେ ଗୁରୁ ହେ ତୁମେ ଚିର ବନ୍ଦନ
ଜିତେ ଶିଷ୍ୟ ପାଦଧୂଳି କରିଲେ ଚନ୍ଦନ।
ଅକୁଣ୍ଠରେ ଦାନ କର ଜ୍ଞାନର ଭଣ୍ଡାର
ତୁମେତ ମଙ୍ଗଳମୟ କ୍ଷମାର ସାଗର
ତୁମେ ତୀର୍ଥ ପୂଣ୍ୟ ବ୍ରତ ହେ ପରମେଶ୍ୱର
ବିଶ୍ୱରେ ପୂଜିତ ହେ ଗୁରୁ ଚିରଅମର। ■

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ- ୯୨୩୮୯୯୬୬୪୯

## ସକାଳ ଶିଶୁ କୁଇଜ୍-୧୭୪



(୧) ଦଣ୍ଡ ନୃତ୍ୟ ପାଇଁ ଓଡ଼ିଶାର କେଉଁ ଜିଲ୍ଲା ପ୍ରସିଦ୍ଧ?
ଉତ୍ତର : ______

(୨) 'ବୃହତ୍ ସଂହିତା' ପୁସ୍ତକର ରଚୟିତାଙ୍କ ନାମ କ'ଣ?
ଉତ୍ତର : ______

(୩) କାଞ୍ଚନଜଙ୍ଘା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ______

(୪) ରାଜ୍ୟସଭାରେ କିଏ ଅଧ୍ୟକ୍ଷତା କରନ୍ତି?
ଉତ୍ତର : ______

(୫) କମ୍ପ୍ୟୁଟରରେ ଡାଟା ପ୍ରୋସେସ୍ କଲାବେଳେ କେଉଁ ଭାଷା ବ୍ୟବହାର କରାଯାଏ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ରେୟାଂଶୀ କାନୁନ୍‌ଗୋ, ଭୁବନେଶ୍ୱର
- ଦୀପୁ ନାୟକ, ଟାଙ୍ଗି, ଖୋର୍ଦ୍ଧା
- ସୁଜିତ୍ କୁମାର ରାଉତ,ସୋର, ବାଲେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

# ସୁମନ



## ଚୁପ୍ ! ସେଇଠି ରହ









ଶିବ ପ୍ରସାଦ ରାଉତ

ଥରେ ଦଳେ ବିଲୁଆ ତୁଳସୀ ବଣ ଜଙ୍ଗଲରୁ କେଉଁ ଏକ ନିରାପଦ ଜଙ୍ଗଲକୁ ଚାଲିଯିବାର ଯୋଜନା କରୁଥାନ୍ତି। କାରଣ ତୁଳସୀ ବଣ ଜଙ୍ଗଲରେ କୋଦାଳକ ନାମକ ଏକ ଭୟଙ୍କର ସିଂହ ଥିଲା। କୋଦାଳକ ଅତ୍ୟନ୍ତ ରାଗୀ ଓ ଜିଦ୍‌ଖୋର ଥିଲା। ଦିନରାତି ଜଙ୍ଗଲ ସାରା ବୁଲିବୁଲି ଅନେକ ଜୀବଜନ୍ତୁକୁ ମାରି ଖାଉଥିଲା। ସେ ଜଙ୍ଗଲରେ ଦୁଇଶହ ବିଲୁଆ ଥିଲେ। ଏହି ଆଠଟାଙ୍କୁ ଛାଡ଼ି ଆଉ ସମସ୍ତଙ୍କୁ କୋଦାଳକ ମାରି ଖାଇ ସାରିଥିଲା। ତେଣୁ ଏଠାରୁ ଚାଲିଗଲେ ବିଲୁଆମାନେ ବଞ୍ଚି ରହିପାରିବେ ବୋଲି ଭାବୁଥାନ୍ତି। ଏକଦା ବିଲୁଆମାନେ ତୁଳସୀ ବଣର ଦକ୍ଷିଣକୁ ଥିବା ସୁଉଚ୍ଚ ପାହାଡ଼ଟା ଡେଇଁ ଅନ୍ୟପଟକୁ ପାରି ହୋଇ ଯିବାକୁ ବସିଥିବାବେଳେ ହଠାତ୍ କୋଦାଳକ ନଜରକୁ ଆସିଗଲେ। ବିଲୁଆମାନେ ଭାବିଲେ ଆଜି ସମସ୍ତଙ୍କର କାଳ ପୂରିଗଲା ସେହି ଆଠ ଜଣିଆ ବିଲୁଆ ଦଳର ଦଳପତି ଚିରାଳ ସମସ୍ତଙ୍କୁ ଚୁପ୍ ଚୁପ୍ କହିଲା -"ଭାଇମାନେ କୋଦାଳକ ତ ଆସୁଛି। ଆମର ଆଉ ବଞ୍ଚିବାର ଉପାୟ ନାହିଁ। ତଥାପି ମୁଁ ଯାହା କହୁଛି, ତୁମେ ତାହା କର। ବର୍ତ୍ତମାନ ସମସ୍ତେ ଧାଡ଼ିରେ ଛିଡ଼ା ହୋଇଯାଅ ଓ ପ୍ରଥମେ ମରିବାକୁ ସମସ୍ତେ ମିଥ୍ୟାରେ କଳି କର।" ସିଂହ କୋଦାଳକ ଭୟଙ୍କର ଗର୍ଜନ କରି ତାଙ୍କ ଆଗକୁ ଦୌଡ଼ି ଆସି ବାଟ ଓଗାଳି ଛିଡ଼ା ହେଲା। ହେଲେ ସିଂହ ଆଶ୍ଚର୍ଯ୍ୟ ହେଲା ଯେ ତା'ର ଗର୍ଜନ ଶୁଣି, ତାକୁ ଦେଖି ବିଲୁଆମାନେ ପଳେଇ ଯାଉନାହାନ୍ତି କି ଡରୁନାହାନ୍ତି। ଓଲଟି ପରସ୍ପର ମଧ୍ୟରେ କଳି କରୁଛନ୍ତି। କୋଦାଳକ ତାଙ୍କୁ ମାରିବା ପରିବର୍ତ୍ତେ ଘଟଣା କ'ଣ ଜାଣିବାକୁ ଚେଷ୍ଟାକଲା। ବିଲୁଆଙ୍କ ଦଳପତି ଚିରାଳ କହିଲା,"ମହାରାଜ ମୁଁ ଏମାନଙ୍କର ଦଳପତି। ଏମାନେ ମୋ କଥା ମାନୁ ନାହାନ୍ତି। ଏଇ କିଛି ସମୟ ପୂର୍ବରୁ ଆକାଶବାଣୀ ହେଲା ଯେ, ଯିଏ ଏହି ତୁଳସୀ ବଣରେ ପ୍ରଥମେ ମରିବ ସେ ସଙ୍ଗେସଙ୍ଗେ ମଣିଷ ଜନ୍ମ ହୋଇ ବିରାଟ ଦେଶର ରାଜା ହେବ। ଏଣୁ ମୁଁ ଏମାନଙ୍କର ଦଳପତି ଭାବରେ ପ୍ରଥମେ ମରିବାକୁ ଚାହିଁଲି ଯେ ଏମାନେ ମୋତେ ପ୍ରଥମେ ମରିବାକୁ ନ ଦେଇ ନିଜେ ମରିବାକୁ ଚାହୁଁଛନ୍ତି। ଆପଣ ତ ଆମ ପଶୁରାଜ କୁହନ୍ତୁ ତ ମୁଁ ମଣିଷ ହୋଇ ଏ ବିରାଟ ଦେଶର ରାଜା ହେବାର ସୌଭାଗ୍ୟ ପ୍ରାପ୍ତହେବା ଉଚିତ୍ କି ନୁହେଁ !" ଚିରାଳ ପୁଣି କହିଲା,"ମହାରାଜ, ମୁଁ ଏମାନଙ୍କୁ ବୁଝାଇଲା ପରେ ବି ସେମାନେ କହୁଛନ୍ତି, ଆମେ ସମସ୍ତେ ଧାଡ଼ିରେ ଛିଡ଼ା ହେବୁ ଏବଂ ଏକସଙ୍ଗରେ ଦୌଡ଼ ଆରମ୍ଭ କରିବୁ। ଆମ ଆଗରେ ଏ ପାହାଡ଼ରୁ ଯେଉଁ ଝରଣା ବହିଯାଉଛି, ତା'ର ଠିକ୍ ତଳେ ଗୋଟିଏ ଭୟଙ୍କର ପ୍ରପାତ ଅଛି। ଯିଏ ଦୌଡ଼ରେ ଆଗୁଆ ହେବ ସେ ସେହି ପ୍ରପାତକୁ ଡେଇଁ ମଣିଷ ରାଜା ହୋଇ ଦେଶ ପାଳନ କରିବ।" ଚିରାଳ ପୁଣି କୋଦାଳକକୁ ଅନୁରୋଧ କଲା ଯେ, "ହେ ! ମହାରାଜ ଆପଣ ମୋତେ ପ୍ରଥମେ ଏଇଠି ମାରିଦିଅନ୍ତୁ, ମୁଁ ଟିକେ ଶୂନ୍ୟବାଣୀ ଅନୁଯାୟୀ ରାଜା ହେବି।" ଚିରାଳ ମୁହଁରୁ କଥା ଛଡ଼ାଇ କୋଦାଳକ କହିଲା,'ଚୁପ୍! ତୋର ତ ଭାରି ସାହାସ। ତୁ ହେବୁ ମଣିଷ ରାଜା। ଆଉ ମୁଁ ସବୁବେଳେ ଏଇ ପଶୁରାଜ ହେଇ ରହିଥିବି। ତେଣୁ ତୁମେମାନେ ସେଇଠି ସେମିତି ଧାଡ଼ିରେ ଛିଡ଼ା ହୁଅ। ମୁଁ ପ୍ରପାତକୁ ଡେଇଁ ଏ ଦେଶର ରାଜା ହେଉଛି। ବାସ୍। ଅପରିଣାମଦର୍ଶୀ କୋଦାଳକ, ଚିରାଳର ଚତୁରତା ଠଉରେଇ ପାରିଲା ନାହିଁ। ତା'ର ମୃତ୍ୟୁରେ ତୁଳସୀବଣ ଅରଣ୍ୟ ଶାନ୍ତିରେ ନିଃଶ୍ୱାସ ମାରିଲା। ■

ବଛଦା, ବାସୁଦେବପୁର, ଭଦ୍ରକ
ମୋ- ୯୪୩୭୭୯୬୬୨୧






**ସନ୍ଦୀପ୍ତା ଦିବ୍ୟାରାଣୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



**ସାଇ ସମୀକ୍ଷା ସ୍ୱାଇଁ**
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ



**ଅଂଶୁମାନ ସାହୁ**
ଅଷ୍ଟମ ଶ୍ରେଣୀ
ଓଡିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ



**ଅନ୍ୱେଷା ବଳ**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ସ୍ୱୟଂଶ୍ରୀ ମହାନ୍ତି**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

## ଦୁଲୀପ୍ ଟ୍ରଫିରେ ଦାରଙ୍କ ହ୍ୟାଟ୍ରିକ୍

# ଉତ୍ତରାଞ୍ଚଳ ଇନିଂସ ଅଗ୍ରଣୀ



ବେଙ୍ଗାଲୁରୁ,୨୯।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ମିଡିୟମ୍ ପେସ୍ ବୋଲର ଆକ୍ୱିବ ନମି ଦାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଏଠାରେ ପୂର୍ବାଞ୍ଚଳ ସହ ଚାଲିଥିବା ଦୁଲୀପ୍ ଟ୍ରଫି କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ୱିକେଟରକ୍ଷକ କନ୍ହେୟା ୱାଧାୱାନ୍‌ଙ୍କ ୭୬ ଓ ଆୟୁଷ ବଦୋନିଙ୍କ ୬୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୪୦୫ ରନ୍ କରିଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ଝାଡଖଣ୍ଡ ବାମହାତୀ ସ୍ପିନର ମନିଷ ସର୍ବାଧିକ ୬ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବିଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ପୂର୍ବାଞ୍ଚଳ ମାତ୍ର ୨୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିରାଟ ସିଂ ସର୍ବାଧିକ ୬୯, କାମଚଳା ଅଧିନାୟକ ରିୟାନ ପରାଗ ୩୯, ଉତ୍କର୍ଷ ସିଂ ୩୮ ଓ ୱିକେଟରକ୍ଷକ କୁମାର କୁଶାଗ୍ର ୨୯ ରନ୍ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଦାର ମାତ୍ର ୧୦.୧ ଓଭର ବୋଲିଂ କରି ୨୮ ରନ୍‌ରେ ସର୍ବାଧିକ ୫ଟି ୱିକେଟ ପାଇଥିଲେ। ହର୍ଷିତ ରାଣା ୨ଟି, ଅର୍ଶଦୀପ ସିଂହ, ମୟଙ୍କ ଡାଗର ଓ ନିଶାନ୍ତ ସିନ୍ଧୁ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ■ ଡାନିସ ମାଲେୱରଙ୍କ ଦ୍ୱିଶତକ

ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳର ଡାନିସ ମାଲେୱର ଦ୍ୱିଶତକ ହାସଲ କରିଛନ୍ତି। ସେ ୨୦୩, ଅଧିନାୟକ ରଜତ ପାଟିଦାର ୧୨୫ ଓ ୟଶ୍ ରାଠୋଡଙ୍କ ଅପରାଜିତ ୮୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାଞ୍ଚଳ ୪ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଉତ୍ତର-ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୧୬୮ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଙ୍କୁର ମଲିକ ୩୧ ଓ ପାଲଜୋର ତାମଙ୍ଗ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଓପନର କାମାଜିତ୍ ୟୁମନାମ ସର୍ବାଧିକ ୪୮, ଆଶିଷ ଥାପ୍ପା ୩୫ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଦିତ୍ୟ ଠାକ୍‌ରେ ୩ଟି ଓ ହର୍ଷ ଦୁବେ ୨ଟି ୱିକେଟ ଅକ୍ତିଆର କରିଥିଲେ।

# ୧୩ରେ ରୋହିତଙ୍କ ଫିଟ୍‌ନେସ୍ ପରୀକ୍ଷା

ମୁମ୍ବଇ,୨୯।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ରୋହିତ ଶର୍ମାଙ୍କର ଫିଟନେସ୍ ଟେଷ୍ଟ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ସେପ୍ଟେମ୍ବର ୧୩ରେ ହେବ। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପୂର୍ବରୁ ସେ ଓ ବିରାଟ କୋହଲି ଦଳକୁ ଫେରିବେ ବୋଲି ଆଶା କରାଯାଉଛି। ଏଣୁ ୧୩ରେ ତାଙ୍କର ନିୟମିତ ହେଉଥିବା ୟୋ ୟୋ ଏବଂ ଏବେ ବ୍ରୋଙ୍କୋ ଟେଷ୍ଟ ଦେବେ ବୋଲି ଜଣାଯାଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ-ଏ' ସହ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍‌ରେ ଖେଳିବେ। ଏହା ପରେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ଭାରତ ସୀମିତ ଓଭର ସିରିଜ୍ ଖେଳିବାକୁ ଯିବ। ଏହା ପୂର୍ବରୁ ଦୁଇ ବରିଷ୍ଠ ଖେଳାଳିଙ୍କୁ ଫିଟ୍ କରାଇବା ଏବଂ ଅଭ୍ୟାସ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଏଭଳି ନିଷ୍ପତ୍ତି ହୋଇଛି। ଅକ୍ଟୋବରରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଶୁକ୍ଳା ବିସିସିଆଇର କାମଚଳା ସଭାପତି

ମୁମ୍ବଇ,୨୯।୮ (ଏଜେନ୍ସି): ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଳାଙ୍କୁ ବିସିସିଆଇର କାମଚଳା ସଭାପତି ଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନର କ୍ରୀଡ଼ା ନିୟମ ଅନୁଯାୟୀ ସଭାପତି ଥିବା ରୋଜର ବିନ୍ନିଙ୍କୁ ୭୦ ବର୍ଷ ପୁରିଯିବାରୁ ସଭାପତି ପଦ ଛାଡ଼ିବାକୁ ବାଧ ହୋଇଛନ୍ତି। ଶୁକ୍ଳା ଏହି ପଦରେ ବିସିସିଆଇର ପରବର୍ତ୍ତୀ ନିର୍ବାଚନ ଯାଏ ବା ଆସନ୍ତା ସେପ୍ଟେମ୍ବର ମାସଯାଏ ରହିପାରିବେ। ଏବେ ସରକାର ଆଣିଥିବା କ୍ରୀଡ଼ାନୀତି ଅନୁଯାୟୀ ବିନ୍ନିଙ୍କୁ ୭୦ ବର୍ଷ ପୁରିଯାଇଥିଲେ ମଧ୍ୟ ସଭାପତି ହୋଇପାରିବେ। କିନ୍ତୁ ନିର୍ବାଚନ ବେଳକୁ ନୂଆ କ୍ରୀଡ଼ାନୀତି ପ୍ରଣୟନ ହୋଇଥିବା ଆବଶ୍ୟକ।

## ଏସିଆ କପ୍ ପୁରୁଷ ହକି

# ଚୀନ୍‌କୁ ହରାଇ ଭାରତ ବିଜୟୀ

ରାଜଗିର,୨୯।୮ (ଏଜେନ୍ସି)

ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନପ୍ରୀତ୍ ସିଂହଙ୍କ ହ୍ୟାଟ୍ରିକ ଗୋଲ ବଳରେ ଜାତୀୟ କ୍ରୀଡ଼ା ଦିବସରେ ଆରମ୍ଭ ହୋଇଥିବା ଏସିଆ କପ୍ ହକିରେ ଚୀନ୍‌କୁ ୪-୩ ଗୋଲରେ ପରାସ୍ତ କରି ଭାରତ ବିଜୟ ଅଭିଯାନ ଆରମ୍ଭ କରିଛି। ବିହାର ସ୍ପୋର୍ଟ୍ସ ୟୁନିଭର୍ସିଟି ହକି ଷ୍ଟାଡିୟମ୍‌ରେ ଗୁରୁବାର ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ୍ ୩ଟି ଗୋଲ ଦେଇଥିଲେ। ଅନ୍ୟ ଗୋଲଟି ଜୁଗରାଜ ସିଂହଙ୍କ ଷ୍ଟିକ୍‌ରୁ ଆସିଥିଲା। ଚୀନ୍ ପକ୍ଷରୁ ଶେଷ ମୁହୂର୍ତ୍ତରେ ଲଢ଼ୁଆ ପ୍ରତ୍ୟାବର୍ତ୍ତନ ହୋଇଥିଲେ ମଧ୍ୟ ଭାରତର ରକ୍ଷଣଭାଗ ଶେଷ ପର୍ଯ୍ୟନ୍ତ ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଅପରାହ୍ଣରେ ଜାପାନ ସହ ଖେଳିବ। ଗୁରୁବାର ଖେଳାଯାଇଥିବା ଅନ୍ୟ ୩ଟି ମ୍ୟାଚ୍‌ରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ, ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ଓ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ଦକ୍ଷିଣ କୋରିଆର ସନ ଡା-ଇନ୍ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।

ଅନ୍ତର୍ଜାତୀୟସ୍ତରରେ ପ୍ରଭାବ ବିସ୍ତାର କରି ନ ଥିଲେ ମଧ୍ୟ ଭାରତ ବିପକ୍ଷରେ ସର୍ବଦା ଲଢ଼ୁଆ ଖେଳିଛି ଚୀନ୍। ତାହାର ଏକ ଉଦାହରଣ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍‌ରେ ଦେଖିବାକୁ ମିଳିଛି। ଭାରତର ରକ୍ଷଣଭାଗ ଦୁର୍ବଳତାର ସୁଯୋଗ ନେଇ ଚୀନ୍‌ର ଅଗ୍ରଭାଗ ଖେଳାଳିମାନେ ବାରମ୍ବାର ଆକ୍ରମଣ କରି ଘରୋଇ ଦଳକୁ ଅସ୍ତବ୍ୟସ୍ତ କରିପକାଇଥିଲେ। ଯାହା ଫଳରେ ଖେଳର ୧୨ତମ ମିନିଟ୍‌ରେ ଡୁ ସିଆଓ ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଏହି ଗୋଲ ଖାଇବା ପରେ ଭାରତୀୟ ଶିବିରରେ ଛନକା ପସିଥିଲା ଓ ୧୮ତମ ମିନିଟ୍‌ରେ ଭାରତ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇ ଖେଳକୁ ୧-୧ରେ ସମାନ ସ୍ଥିତିକୁ ନେଇଯାଇଥିଲେ। ଏହା ପରେ ଦୁଇଟି ପେନାଲଟି କର୍ଣ୍ଣରରୁ ହରମନପ୍ରୀତ୍ ସିଂହ ଦୁଇଟି ଗୋଲ ଦେବା ପରେ ଭାରତ ୩-୧ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷବେଳକୁ ଚୀନ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଚେନ୍ ବି ଗୋଲ ଦେଇ ଗୋଲ ବ୍ୟବଧାନକୁ ୩-୨କୁ କମାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଚୀନ୍ ଦଳ ଅଧିକ ଆକ୍ରମଣାତ୍ମକ ହୋଇ ଖେଳିଥିଲା। ଯାହା ଫଳରେ ପୁଣି ଏକ ପେନାଲ୍ଟି କର୍ଣ୍ଣରରୁ ଗାଓ ଜିଶେଙ୍ଗ ଗୋଲ ଦେଇ ଖେଳକୁ ୩-୩ରେ ସମାନ ସ୍ତରକୁ ନେଇଆସିଥିଲେ। ଏହି ସମୟରେ ଭାରତ ମଧ୍ୟ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ତୃତୀୟ କ୍ୱାର୍ଟରରେ ସମର୍ଥ ହୋଇ ନ ଥିଲା। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଚୀନ୍ ରକ୍ଷଣଭାଗର ଏକ ଫାଉଲକୁ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଅଧିନାୟକ ହରମନପ୍ରୀତ୍ ଏହାକୁ ଗୋଲରେ ପରିଣତ କରି ଭାରତକୁ ୪-୩ରେ ଆଗୁଆ କରିଥିଲେ। ଚୀନ୍‌ର ପ୍ରବଳ ଆକ୍ରମଣ ଓ ପେନାଲ୍‌ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ଏହି ସମୟରେ ବିପଜ୍ଜନକ ଖେଳ ଲାଗି ଜରମନପ୍ରୀତ୍ ସିଂହଙ୍କୁ ହଳଦିଆ କାର୍ଡ ମିଳିଥିଲା। ଏସବୁକୁ ମୁକାବିଲା କରି ଭାରତ ଏହି ମ୍ୟାଚ୍‌କୁ ୪-୩ ଗୋଲରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ସମସ୍ତ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର ହୋଇଥିଲା। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ଜାପାନ ୭-୦ ଗୋଲରେ ସହଜରେ ହରାଇଥିଲା।



### ସନ୍‌ଙ୍କ ହ୍ୟାଟ୍ରିକ, କୋରିଆର ଜିତ୍

ସକାଳେ ଖେଳାଯାଇଥିବା ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ କାଜାଖସ୍ଥାନକୁ ପରାସ୍ତ କରିଥିଲା। ମାଲେସିଆ ଆଗରେ ପ୍ରତିଦ୍ୱନ୍ଦ୍ୱୀ ଦଳ ତିଷ୍ଠି ପାରି ନ ଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ଙ୍କ ହ୍ୟାଟ୍ରିକ ଯୋଗୁ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇଥିଲା। ଦଳ ପକ୍ଷରୁ ୟାଙ୍ଗ୍ ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

# ହୃଦାନନ୍ଦଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୨୯।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେଇଥିବା ଏକମାତ୍ର ପୁରୁଷ ଓଡ଼ିଆ ପ୍ରତିଯୋଗୀ ହୃଦାନନ୍ଦ ଦାସ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ କନିଷ୍ଠ ୮୮ କେଜି କାଟାଗୋରୀର ସ୍ନାଚ୍‌ରେ ୧୩୯, କ୍ଲିନ୍ ଆଣ୍ଡ ଜର୍କରେ ୧୭୮ ଓ ମୋଟରେ ୩୧୭ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୬ଜଣ ଓଡ଼ିଆଙ୍କ ମଧ୍ୟରୁ ୫ଜଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢେଙ୍କାନାଳର ଦୁଇ ଭଉଣୀ ପ୍ରୀତିସ୍ମିତା ଓ ବିଦ୍ୟୁସ୍ମିତା ଭୋଇ ସ୍ୱର୍ଣ୍ଣପଦକ, ମିନା ସାନ୍ତା-ଏ' ସ୍ୱର୍ଣ୍ଣପଦକ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଓଡ଼ିଆ ଭାରୋତ୍ତୋଳକମାନେ ବିଭିନ୍ନ କାଟାଗୋରୀରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ଭାରତ ଖାତାରେ ଯୋଡିବାରେ ସମର୍ଥ ହୋଇଛନ୍ତି। ଏମାନେ ସମସ୍ତେ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ତୃତୀୟ ରାଉଣ୍ଡରେ ସିନ୍ନର, ସ୍ୱିଆଟେକ୍

ନ୍ୟୁୟର୍କ,୨୯।୮ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଟେନିସ ପ୍ରତିଯୋଗିତାର ୫ମ ଦିନ ସୁଦ୍ଧା ସମସ୍ତ ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ହୋଇଛି। ଏହା ପରେ ତୃତୀୟ ରାଉଣ୍ଡରେ ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ୨୭ ନମ୍ବର ସିଡ ଡିନିଲ ସାପୋଭାଲୋଭଙ୍କର ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ସିନ୍ନର ୬-୩, ୬-୨, ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍‌ଙ୍କୁ ପରାସ୍ତ କରିଥିଲେ। ଚଳିତବର୍ଷ ଶେଷ ହୋଇଥିବା ସମସ୍ତ ୩ଟି ଯାକ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିବା ସିନ୍ନର ଏହାକୁ ମିଶାଇ ୨୩ତମ ବିଜୟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ଓ ୱିମ୍ବଲଡନରେ ଚାମ୍ପିଅନ ହୋଇଥିବା ସିନ୍ନର ଫ୍ରେଞ୍ଚ ଓପନ ଫାଇନାଲରେ କାର୍ଲୋସ ଆଲକାରାଜଙ୍କଠାରୁ ପରାଜିତ ହୋଇଥିଲେ। ଏବେ ତୃତୀୟ ରାଉଣ୍ଡରେ ସେ କାନାଡାର ସାପୋଭାଲୋଭଙ୍କୁ ଭେଟିବେ। ସେହିପରି ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଥିବା ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜ୍ୱେରେଭ୍, ଷଷ୍ଠ ସିଡ୍ ବେନ୍ ଶେଲଟନ, ୮ମ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଲୋରେଞ୍ଜୋ ମୁସେଟୀ, ୧୪ତମ ସିଡ୍ ଟମି ପଲ ଓ ୧୫ତମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ୯ମ ସିଡ୍ କାରେନ ଖାଚାନୋଭ୍ ଓ ୫ମ ସିଡ୍ ଜେକ୍ ଡ୍ରେପର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତୃତୀୟ ରାଉଣ୍ଡରେ ରୁବଲେଭଙ୍କ ସହ ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେ, ନୋଭାକ ଜୋକୋଭିଚ୍‌ଙ୍କ ସହ କାମେରନ ନୋରୀ, ଫ୍ରିଜ୍‌ଙ୍କ ସହ ଜେରୋମ କିମ୍, ଡି ମିନାଉରଙ୍କ ସହ ଡାନିଏଲ ଅଲଟମାଏର ପ୍ରି-କ୍ୱାର୍ଟର ଫାଇନାଲ ଲାଗି ମୁକାବିଲା କରିବେ।



ଜାନିକ ସିନ୍ନର

### ■ ପେଗୁଲା, ପାଓଲିନ୍ ତୃତୀୟ ରାଉଣ୍ଡରେ

ମହିଳା ବିଭାଗ ଏକକରେ ଦୁଇ ଟପ୍ ସିଡ ଆରିନା ସାବାଲେଙ୍କା ଓ ଇଗା ସ୍ୱିଆଟେକ୍ କିଛିଟା ସଂଘର୍ଷ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଲିଲା ଫର୍ଣ୍ଣାଣ୍ଡିଜ୍, ଦ୍ୱିତୀୟ ସିଡ ଇଗା ସ୍ୱିଆଟେକଙ୍କ ସହ ଆନ୍ନା କଲିନସ୍କୟା, ତୃତୀୟ ସିଡ କୋକୋ ଗଫ୍‌ଙ୍କ ସହ ୨୮ ନମ୍ବର ସିଡ୍ ମାଗଡାଲେନା ଫ୍ରେକ୍, ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ସହ ଭେଟେରାନ ଭିକ୍ଟୋରିଆ ଆଜରେଙ୍କାଙ୍କର ମୁକାବିଲା ହେବ। ଅନ୍ୟ ପ୍ରମୁଖ ସିଡେଡ ଖେଳାଳିଙ୍କ ମଧ୍ୟରେ ନାଓମି ଓସାକା, କାରୋଲିନା ମୁଚୋଭା, ୮ମ ସିଡ ଆମାଣ୍ଡେ ଆନିସିମୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୭ମ ସିଡ୍ ଜଷ୍ଟିନ୍ ପାଓଲିନ୍, ୯ମ ସିଡ୍ ଏଲେନା ରିବାକିନା ମଧ୍ୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଗତକାଲିଠାରୁ ମହିଳା ଯୁଗଳ ବିଭାଗରେ ଖେଳ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡ ଖେଳରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ, ଦ୍ୱିତୀୟ ସିଡ୍ ଜସ୍ମିନ ପାଓଲିନ୍ ଓ ସାରା ଏରାନି, ତୃତୀୟ ସିଡ୍ ଗାବ୍ରିଏଲା ଡାବ୍ରୋୱସ୍କି ଓ ଏରିନ୍ ରୁଟଲାଇଫ୍, ଚତୁର୍ଥ ସିଡ୍ ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦରମେଟୋଭା ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜିଠାରୁ ପୁରୁଷ ଯୁଗଳ ବିଭାଗରେ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତୀୟ ଯୋଡି ଏନ୍ ବାଲାଜୀ ଓ ଆର୍ ବୋଲିପାଲି, ରୋହନ ବୋପନ୍ନା, ୟୁକି ଭାମ୍ବ୍ରୀ ଓ ଅର୍ଜୁନ ଖାଡେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ।



ଇଗା ସ୍ୱିଆଟେକ୍


## ଜାତୀୟ କ୍ରୀଡ଼ା ଦିବସ

# ଅନିମେଶ, ରାଖାଲଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୯।୮ (ସମିସ)

ହକି ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ପାଳିତ ହୋଇଯାଇଛି 'ଜାତୀୟ କ୍ରୀଡ଼ା ଦିବସ'। ଏହି ଅବସରରେ ପ୍ରତିବର୍ଷ ଭଳି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏକ ଉତ୍ସବରେ ୮ଜଣ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ବର୍ଷ ୨୦୨୪ ଲାଗି କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ଏସମସ୍ତେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିଥିଲେ।



## ବିଜୟ ଶତପଥୀଙ୍କୁ ଆଜୀବନ ସାଧନା ସମ୍ମାନ

ଉଲ୍ଲେଖନୀୟ ସଫଳତା ଲାଗି ଦେଶର ଦ୍ରୁତତମ ଧାବକ ଅନିମେଶ କୁଜୁରଙ୍କୁ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ଟ୍ରଫି ଓ ମାନପତ୍ର ସହ ତାଙ୍କୁ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଅନିମେଶ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଗତ ଦୁଇବର୍ଷ ଧରି ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକାଧିକ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଛତିଶଗଡ଼ର ଏହି ଉଦୀୟମାନ ଧାବକ ବେଶ୍ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ବର୍ଷର ଶ୍ରେଷ୍ଠ କନିଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ସାତ୍ତ୍ୱିକ ସ୍ୱାଇଁ। ଗତ ଜୁନରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ ଚାମ୍ପିଅନ ହୋଇ ଇତିହାସ ରଚିଥିଲେ। ରାଖାଲ କୁମାର ସେଠୀ ବର୍ଷର 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ପୁରସ୍କାର ହାସଲ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଅବଦାନ ଲାଗି ବିଜୟ ଶତପଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଅସୁସ୍ଥତା ଯୋଗୁ ତାଙ୍କ ପୁଅ ସୋମନାଥ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ବର୍ଷର ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ସୁଷମା ନନ୍ଦଙ୍କୁ ମିଳିଥିଲା। ଦୀର୍ଘ ବର୍ଷ ଧରି ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ଛାତ୍ରାବାସରେ ଭଲିବଲ୍ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି 'ପ୍ରମେୟ'ର ବିମଳ କୁମାର ରାଉଳଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାର ପ୍ରଚାର ଓ ପ୍ରସାର ଲାଗି ପ୍ରଦ୍ୟୁମ୍ନ ମିଶ୍ର ଓ ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଦୀପ ଶତପଥୀଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଦିଆଯାଇଥିଲା। ପ୍ରଦ୍ୟୁମ୍ନ ବର୍ତ୍ତମାନ ରାଜ୍ୟ ଖୋ ଖୋ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଏହାବାଦ୍ ଦୁଇଜଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କଟକର ଜୀବନ କୁମାର ବେହେରା ଓ ନୟାଗଡ଼ର ଚିତ୍ତରଞ୍ଜନ ପ୍ରଧାନ ଯୁଗ୍ମ ଭାବେ ଏହି ପୁରସ୍କାର ପାଇଥିଲେ।

**ବିମଳ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ**

# ନିରାଶ କଲେ ନୀରଜ



ଜୁରିଚ, ୨୯।୮ (ଏଜେନ୍ସି): ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଡାଏମଣ୍ଡ ଲିଗ୍ ଫାଇନାଲ ଗୁରୁବାରଠାରୁ ସୁଇଜରଲାଣ୍ଡର ଜୁରିକରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିବା ଇଭେଣ୍ଟ ଗୁଡ଼ିକ ମଧ୍ୟରେ ପୁରୁଷ ଜାଭେଲିନ ଥ୍ରୋ ରହିଥିଲା। ଏଥିରେ ଦୁଇଥରର ଅଲିମ୍ପିକ ପଦକ ବିଜେତା ଭାରତୀୟ ତାରକା ନୀରଜ ଚୋପ୍ରା ନିରାଶ କରିଛନ୍ତି। ଛ' ରାଉଣ୍ଡ ବିଶିଷ୍ଟ ଥ୍ରୋ'ରେ ସେ ୮୫.୦୧ ମିଟର ଥ୍ରୋ ସହ ୨ୟ ସ୍ଥାନରେ ରହିଛନ୍ତି। ନୀରଜ ତାଙ୍କ ଶେଷ ତଥା ୬ଷ୍ଠ ପ୍ରୟାସରେ ଏହି ଦୂରତା ହାସଲ କରିଥିଲେ। ସେ ବାରମ୍ବାର ଫାଉଲ କରିଥିଲେ। ଏଥିରେ ଜର୍ମାନୀର ତାରକା ଥ୍ରୋୟର ଜୁଲିଏନ ୱେବର ୯୧.୫୧ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ଡାଏମଣ୍ଡ ଟ୍ରଫି ଜିତିଥିଲେ। ତ୍ରିନିଦାଦ ଓ ଟବାଗୋର କେଶି ୱାଲକଟ୍ଟ ୮୪.୯୫ ମିଟର ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ନୀରଜ ଏଠାରେ ୨୦୨୨ରେ ପ୍ରଥମ ସ୍ଥାନରେ ରହି ଡାଏମଣ୍ଡ ଟ୍ରଫି ହାସଲ କରିଥିଲେ।

**REQUIREMENT OF VOCATIONAL TRAINERS IN ODISHA**
**Bhagini Nivedita Shiksha Samiti**

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email.For more information contact above given number.*
This is not a Govt. Job Management reserve the rights to accept or reject any application.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS